ଆଠ ପୃଷ୍ଠା
ମୂଲ୍ୟ : ₹ ୫.୦୦
ବର୍ଷ-୨୦, ସଂଖ୍ୟା: ୨୦୯
୫ ଜାନୁଆରୀ, ୨୦୨୬ ସୋମବାର
ଭୁବନେଶ୍ୱର

# ଓଡ଼ିଶା ଏକ୍ସପ୍ରେସ୍

ସର୍ବେ ଭଦ୍ରାଣି ପଶ୍ୟନ୍ତୁ...

ODISHA EXPRESS
SIGHTS TRUTH WRITES TRUTH
ଠିକ୍ ଦେଖେ ଠିକ୍ ଲେଖେ

8 Pages
Price ₹ 5.00
Vol. 20, Issue No. : 209
5th January, 2026 Monday
Bhubaneswar

Website : www.odishaexpress.in E-mail : odishaexpress@gmail.com RNI Regd. No. ODIODI/2006/23033 Postal Regd. No. : BN/169/13-15 ଭୁବନେଶ୍ୱର ଏବଂ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

## ନୀତି ବାଣୀ

**ସୁଖଂ ଚ ଦୁଃଖଂ ଚ ଭବାଭବୌ ଚ**
**ଲାଭାଲାଭୌ ମରଣଂ ଜୀବିତଂ ଚ**
**ପର୍ୟାୟଶଃ ସର୍ବମେତେ ସ୍ପୃଶନ୍ତିମସ୍ମାଦ୍**
**ଧୀରୋ ନ ଚ ହୃଷ୍ୟେନ୍ନ ଶୋଚେତ**

ସୁଖ-ଦୁଃଖ, ଉତ୍ପତ୍ତି-ବିନାଶ, ହାନି-ଲାଭ, ଜୀବନ-ମରଣ ଗୋଟିଏ ଗୋଟିଏ କରି ସମସ୍ତଙ୍କୁ ପ୍ରାପ୍ତ ହୁଏ । ଏଣୁ ବୀର ପୁରୁଷଙ୍କୁ ଏଥିପାଇଁ ସୁଖ କିମ୍ବା ଦୁଃଖ କରିବା ଅନୁଚିତ ।

# ଦୁର୍ଘଟଣାରେ ୯ ମୃତ

## କଳା ରବିବାର

**ପାରଳାଖେମୁଣ୍ଡି/ସୁବର୍ଣ୍ଣପୁର/ସମ୍ବଲପୁର/ଅନୁଗୁଳ,୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ନୂଆବର୍ଷର ପ୍ରଥମ ରବିବାରରେ ଗଜପତିଜିଲ୍ଲା ସୀମାନ୍ତ ଆନ୍ଧ୍ରପ୍ରଦେଶରେ ଘଟିଛି ଏକ ବଡଧରଣର ଦୁର୍ଘଟଣା। ଶ୍ରୀକାକୁଲମ ଜିଲ୍ଲା ବାରୁଆ ଥାନା ନିକଟରେ ଘଟିଥିବା ଏହି ମର୍ମନ୍ତୁଦ ସଡକ ଦୁର୍ଘଟଣାରେ ଜଣେ ଶିଶୁକନ୍ୟା ସମେତ ତିନି ଜଣଙ୍କର ମୃତ୍ୟୁ ଘଟିଛି। ଶିଶୁକନ୍ୟା ସମେତ ଅନ୍ୟ ଦୁଇ ଜଣ ଗୁରୁତର ଅଛନ୍ତି। ସେମାନଙ୍କୁ ଆନ୍ଧ୍ରପ୍ରଦେଶର ଏକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଦୁର୍ଘଟଣାର ସାମ୍ନା କରିଥିବା ଲୋକେ ଗୋଟିଏ ପରିବାରର କୁହାଯାଉଛି। ମୃତାହତମାନଙ୍କର ପରିଚୟ ମିଳିପାରି ନାହିଁ।

ସୂଚନା ଅନୁସାରେ ଭୁବନେଶ୍ୱରର ଗୋଟିଏ ପରିବାରର ସଦସ୍ୟ କାରରେ ବିଶାଖାପାଟଣା ଯାଉଥିଲେ। ବାରୁଆ ନିକଟରେ ସେମାନେ ଏକ ଦୁଇଚକିଆ ଯାନକୁ ବଞ୍ଚାଇବାକୁ ଚେଷ୍ଟା କରୁଥିବା ସମୟରେ ଦୁର୍ଘଟଣାର ସାମ୍ନା କରିଥିଲେ। ଏହି ସମୟରେ ଏକ ଟ୍ରକ ନିୟନ୍ତ୍ରଣ ହରାଇ ଡିଭାଇଡର୍ ଡେଇଁ ସାମ୍ନା ପଟୁ କାରକୁ ଧକ୍କା ଦେଇଥିଲା। କାରରେ ଥିବା ଲୋକମାନେ ଚାପି ହୋଇଯାଇଥିଲେ।





ଘଟଣା ବିଷୟରେ ଜାଣିବା ପରେ ୧୦୩୩ ଜାତୀୟ ରାଜପଥ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଥିଲେ। କାର ଭିତରୁ ମୃତାହତମାନଙ୍କୁ ଉଦ୍ଧାର କରିଥିଲେ। ମୃତଦେହଗୁଡିକ ପୋଷ୍ଟମର୍ଟମ ପାଇଁ ପଠାଇଥିବା ବେଳେ ଗୁରୁତରମାନଙ୍କୁ ହସ୍ପିଟାଲକୁ ସ୍ଥାନାନ୍ତର କରିଛନ୍ତି। ଦୁର୍ଘଟଣାଗ୍ରସ୍ତ ଗାଡିକୁ ପୁଲିସ ଜବତ କରିଛି। ରିପୋର୍ଟ ଲେଖାଯିବା ବେଳକୁ ଟ୍ରକ୍‌କୁ ଉଦ୍ଧାର କରାଯାଇପାରି ନାହିଁ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ଅଧିକ ତଦନ୍ତ କରୁଛି।

ସେହିପରି ଭଉଣୀର ବାହାଘରକୁ ନେଇ ଚାଲିଥିବା ଜୋରଦାର ପ୍ରସ୍ତୁତି। ନିମନ୍ତ୍ରଣ କାର୍ଡ ବଣ୍ଟା ବି ଚାଲିଥିଲା। ବାହାଘରକୁ ନେଇ ପରିବାରରେ ଖୁସିର ମାହୋଲ ଥିଲା। ହେଲେ ଏହି ଖୁସିରେ ଲାଗିଗଲା ଗ୍ରହଣ। ଭଉଣୀର ବାହାଘର ପାଇଁ ନିମନ୍ତ୍ରଣ ପତ୍ର ଦେବାକୁ ଯାଇଥିବା ବେଳେ ସଡକ ଦୁର୍ଘଟଣାରେ ଚାଲିଗଲା କାକା ଓ ପୁତୁରା (ଭଉଣୀର ଭାଇ)ଙ୍କ ଜୀବନ। ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ସାଲେଭଟା ଅଙ୍ଗନଦୀ ପୋଲଠାରେ ରବିବାର ଘଟିଛି ଏହି ଦୁଃଖଦ ଘଟଣା।

ଏକ ଗାଜର ବୋଝେଇ ପିକଅପ ଧକ୍କାରେ ବାଇକରେ ଯାଉଥିବା କାକା ଓ ପୁତୁରାର ମୃତ୍ୟୁ ଘଟିଛି। ଘଟଣାସ୍ଥଳରେ ପୁତୁରା ମୃତ୍ୟୁ ହୋଇଥିବା ବେଳେ କାକା ଗୁରୁତର ଅବସ୍ଥାରେ ବୁର୍ଲା ସ୍ଥାନାନ୍ତର ସମୟରେ ବରଗଡ଼ ଠାରେ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମୃତକ ବ୍ୟକ୍ତି ହେଲେ ବିନିକା ଥାନା ଅନ୍ତର୍ଗତ ଚରଦା ଗାଁର ପୁତୁରା ପାର୍ଥ ବାଗ ଓ କାକା ଭଜନ ବାଗ ବୋଲି ଜଣାପଡିଛି।

ଗୁରୁତର ଭଜନକୁ ଡୁଙ୍ଗୁରିପାଲି ଡାକ୍ତରଖାନାରେ ପ୍ରାଥମିକ ଚିକିତ୍ସା ପରେ ଅବସ୍ଥା ଗୁରୁତର ଥିବାରୁ ବୁର୍ଲା ଡାକ୍ତରଖାନାକୁ ନେଉଥିବା ସମୟରେ ବରଗଡ଼ ଠାରେ ମୃତ୍ୟୁ ହୋଇଛି। ଦୁର୍ଘଟଣା ଘଟାଇ ଥିବା ପିକଅପକୁ ଜବତ କରି ଘଟଣାର ତଦନ୍ତ କରୁଛି ଡୁଙ୍ଗୁରିପାଲି ପୋଲିସ।

ଅନ୍ୟଏକ ଘଟଣା କ୍ରମରେ ଜାତୀୟ ରାଜପଥ କଡରେ ଛିଡା ହୋଇଥିବା ପାଉଁଶ ବୋଝେଇ ଟ୍ରକ୍‌ର ପଛକୁ ଦ୍ରୁତଗାମୀ କାର୍ ଶକ୍ତ ଧକ୍କା ଦେଇଛି। ଫଳରେ ୨ଜଣଙ୍କର ମୃତ୍ୟୁ ଘଟିଛି। ଅନ୍ୟ ଜଣେ ଗୁରୁତରଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସମ୍ବଲପୁର ସହରର ଧନୁପାଲି ଥାନା ଅଧୀନ ନକ୍ସାପାଲିରେ ରବିବାର ଅପରାହ୍ନରେ ଏହି ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି।

ପୋଲିସର ସୂଚନା ଅନୁସାରେ ସମ୍ବଲପୁର ଧନୁପାଲି ଥାନା ନକ୍ସାପାଲିଠାରେ *(ଶେଷ ପୃଷ୍ଠା ଦେଖନ୍ତୁ)*

## ଓଡ଼ିଶା

### ... ବାଜିଗଲେ ଦୋଷ ନାହିଁ
### ଏମାନଙ୍କ ପାଇଁ ଆଇନ୍ ନାହିଁ କି ଅଭୟାରଣ୍ୟ ନାହିଁ!

## ଥାନା ଅଧିକାରୀ ଭିଜିଲାନ୍ସ ଜାଲରେ

**କଟକ,୪।୧ ଏକ୍ସପ୍ରେସ୍ ନ୍ୟୁଜ୍**



ଜଣେ ଲାଇସେନ୍ସପ୍ରାପ୍ତ ମଦ ବ୍ୟବସାୟୀଙ୍କଠାରୁ ଲାଞ୍ଚ ନେଇ ଧରାପଡିଛନ୍ତି ଥାନା ବାବୁ ବିଜୟ କୁମାର ବାରିକ। ତାଙ୍କ ଘରୁ ମିଳିଛି ନଗଦ ୫ ଲକ୍ଷ ଟଙ୍କା। ଏହାପରେ କଟକ ସିଆରଆରଆଇ ଥାନା ଆଇଆଇସି ବିଜୟ କୁମାର ବାରିକଙ୍କୁ ଭିଜିଲାନ୍ସ ପକ୍ଷରୁ ଗିରଫ କରାଯାଇଛି।

ରବିବାର କଟକର ସିଆରଆରଆଇ ଥାନା ଆଇଆଇସି ବିଜୟ କୁମାର ବାରିକଙ୍କୁ ଭୁବନେଶ୍ୱରର ରାଜମହଲ ଛକରେ ଓଡ଼ିଶା ଭିଜିଲାନ୍ସ ଦ୍ୱାରା ଗିରଫ କରାଯାଇଛି। ସେ ଜଣେ ଲାଇସେନ୍ସପ୍ରାପ୍ତ ମଦ ବିକ୍ରେତାଙ୍କଠାରୁ ୪୦ ହଜାର ଟଙ୍କା ଲାଞ୍ଚ ନେଉଥିଲେ। ଅଭିଯୁକ୍ତ ଶ୍ରୀ ବାରିକଙ୍କ ଠାରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରାଯାଇଛି। ଏହାପରେ ଶ୍ରୀ ବାରିକଙ୍କ ଦୁଇଟି ସ୍ଥାନରେ ଏକକାଳୀନ ଚଢାଉ ଜାରି ରହିଛି। ଏନେଇ ଅଭିଯୁକ୍ତ ବିଜୟ ବାରିକଙ୍କ ବିରୁଦ୍ଧରେ ମାମଲା ରୁଜୁ କରାଯାଇଛି। ଭୁବନେଶ୍ୱରର ୟୁନିଟ୍ ୧ ସ୍ଥିତ ବିଜୟ କୁମାର ବାରିକଙ୍କ ସରକାରୀ କ୍ୱାର୍ଟରରେ ଚଢାଉ ସମୟରେ ପ୍ରାୟ ୫ ଲକ୍ଷ ଟଙ୍କା ଜବତ ହୋଇଛି। ଲାଞ୍ଚ ଦାବି ଏବଂ ଜବତ ହୋଇଥିବା ଟଙ୍କାର ଉତ୍ସ ସମ୍ପର୍କରେ ତାଙ୍କୁ ପଚରାଉଚରା କରାଯାଉଛି। ତଦନ୍ତ ଜାରି ରହିଛି।

## ମହୋଦଧିରେ ପାପ ଧୋଇଲେ କଂସ



**ପୁରୀ,୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ବରଗଡ଼ରେ ଚାଲିଥିବା ବିଶ୍ୱ ପ୍ରସିଦ୍ଧ ଧନୁଯାତ୍ରା ଶେଷ କରି କଂସ ମହାରାଜ ପ୍ରାୟଶ୍ଚିତ ପାଇଁ ଶ୍ରୀକ୍ଷେତ୍ର ଆସିଛନ୍ତି। କଂସ ଭୂମିକାରେ ଅଭିନୟ କରିଥିବା ସୁଶିଳ ମେହେର ପ୍ରଭୁ ଶ୍ରୀକୃଷ୍ଣଙ୍କୁ ଅଭିନୟରେ କଟୁ ବାକ୍ୟ ପ୍ରୟୋଗ କରିଥିବାରୁ ପୁରୀ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିଛନ୍ତି। ତେବେ କଂସ ମହାରାଜା ଗୋବର୍ଦ୍ଧନ ପୀଠରେ ପହଞ୍ଚିବା ପରେ ଜଗଦଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ସାକ୍ଷାତ କରି କ୍ଷମା *(ଶେଷ ପୃଷ୍ଠା ଦେଖନ୍ତୁ)*

## ତୁରନ୍ତ ଭେନେଜୁଏଲାର ରାଷ୍ଟ୍ରପତିଙ୍କୁ ମୁକ୍ତକର

### ଆମେରିକାକୁ ଚୀନର ଚେତାବନୀ



**ୱାସିଂଟନ,୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ଚୀନର ଶାସକ ଜିନିପିଙ୍ଗ୍ ରବିବାର ଦିନ କଡା ଚେତାବନୀ ଦେଇଛନ୍ତି। ସେ କହିଛନ୍ତି ଭେନେଜୁଏଲା ରାଷ୍ଟ୍ରପତି ଓ ତାଙ୍କ ପତ୍ନୀଙ୍କୁ ତୁରନ୍ତ ଆମେରିକା ମୁକ୍ତ କରୁ। ଯଦି ନକରେ ସ୍ଥିତି ଭୟଙ୍କର ହେବ। ଯେତେ ଶୀଘ୍ର ପାରୁଛ ଆଲୋଚନା ମାଧ୍ୟମରେ ମାମଲାକୁ ସମାଧାନ କରି ତାଙ୍କୁ ଛାଡ଼ି ଦିଅ। ଚାଇନା ବୈଦେଶିକ ମନ୍ତ୍ରଣାଳୟ ପକ୍ଷରୁ ଜାରି ଏକ ବିବୃତ୍ତିରେ କୁହାଯାଇଛି। ଆମେରିକା ଦ୍ୱାରା ପଦଚ୍ୟୁତ ରାଷ୍ଟ୍ରପତି ନିକୋଲସ ମାଦୁରୋ ଓ ତାଙ୍କ ପତ୍ନୀଙ୍କୁ ବଳପୂର୍ବକ ଗିରଫ କରି ,ଦେଶ ବାହାରକୁ ନେଇ ଯିବାରେ ଚୀନ ଚିନ୍ତା ବ୍ୟକ୍ତ କରିଛି।

ଆମେରିକାକୁ କଡ଼ା ଚେତାବନୀ ଦେଇ ଚୀନ କହିଛି, ଏହି ପଦକ୍ଷେପ ଅନ୍ତର୍ଜାତୀୟ ଆଇନ, ଅନ୍ତର୍ଜାତୀୟ ସମ୍ବନ୍ଧର ଭିତ୍ତିଭୂମି ମାନଦଣ୍ଡ ଓ ୟୁଏନ୍ ଚାର୍ଟରର ଉଦ୍ଦେଶ୍ୟ ତଥା ସିଦ୍ଧାନ୍ତ ଗୁଡ଼ିକର ସ୍ପଷ୍ଟ ଉଲ୍ଲଂଘନ। ବିବୃତ୍ତିରେ କୁହାଯାଇଛି, ଚୀନ ଆମେରିକାକୁ ପଦଚ୍ୟୁତ ରାଷ୍ଟ୍ରପତି ନିକୋଲସ ମାଦୁର ଓ ତାଙ୍କ ପତ୍ନୀଙ୍କ ବ୍ୟକ୍ତିଗତ ସୁରକ୍ଷା ସ୍ପଷ୍ଟ କରିବା, ତାଙ୍କୁ ତୁରନ୍ତ ମୁକ୍ତ କରିବା, ଭେନେଜୁଏଲା ସରକାରର ପତନ ନେଇ ପ୍ରୟାସରୁ ରୋକିବା କଥା ଆଲୋଚନା ମାମଧରେ ପ୍ରସଙ୍ଗକୁ ସମାଧାନ କରିବାକୁ ଆହ୍ୱାନ କରୁଛି।

ଚୀନ କହିଛି , ମାଦୁରୋ ସରକାରର ପତନ ଓ ଆମେରିକା ଦ୍ୱାରା ତାଙ୍କୁ ଗିରଫ କରିଭା ବେଜିଂ ପାଇଁ ଏକ ବଡ଼ ଝଟକା, କାରଣ ମାଦୁରୋଙ୍କ ପୂର୍ବବର୍ତ୍ତୀ ହ୍ୟୁଗୋ ଶାଭ୍ୱେଜଙ୍କ ସମୟରୁ ହିଁ ଭେନେଜୁଏଲା ସହ ଚୀନର ଘନିଷ୍ଠ ରଣନୀତିକ ସମ୍ବନ୍ଧ ରହିଛି।

ଉଲ୍ଲେଖନୀୟ ଯେ, ଭେନେଜୁଏଲାର ରାଷ୍ଟ୍ରପତି ନିକୋଲସ୍ ମାଦୁରୋଙ୍କୁ ଆମେରିକା ତାଙ୍କ ଘରେ ପଶି ଉଠାଇ ନେଇ ଯାଇଛି। ଏକ ସାମରିକ ଅପରେସନ ପରେ ଏହି ଗିରଫଦାରୀକୁ ସଫଳ କରାଯାଇଛି। *(ଶେଷ ପୃଷ୍ଠା ଦେଖନ୍ତୁ)*

## ପୀତବାସ ହତ୍ୟା ମାମଲାରେ ଚାର୍ଜସିଟ୍

**ବ୍ରହ୍ମପୁର,୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଆଇନଜୀବୀ ତଥା ବିଜେପି ନେତା ପୀତବାସ ପଣ୍ଡା ହତ୍ୟା ମାମଲାରେ ଚାର୍ଜସିଟ ଦାଖଲ କଲା ପୋଲିସ। ଦୁଇଟି ଟ୍ରଙ୍କରେ ଏହି ଚାର୍ଜସିଟ ରହିଛି। ପ୍ରାୟ ୩୦ହଜାର ପୃଷ୍ଠାର ଚାର୍ଜସିଟ ବୋଲି ଶୁଣିବାକୁ ମିଳିଛି। ଏହି ମାମଲାର ତଦନ୍ତକାରୀ ଅଧିକାରୀ ତଥା ବ୍ରହ୍ମପୁର ଟାଉନ ଏସଡ଼ିପିଓ ସନ୍ଧ୍ୟାରେ ଜିଲ୍ଲା ଜଜ କୋର୍ଟ ପରିସରରେ ଥିବା ସିଏସଆଇ ଅଫିସରେ ପ୍ରାଥମିକ ଚାର୍ଜଶିଟ ଦାଖଲ କରିଛନ୍ତି। ଉକ୍ତ ମାମାଲଟି ଏସଡ଼ିଜେଏମ କୋର୍ଟରେ ରହିଛି। ସେ ସମସ୍ତ ଚାର୍ଜଶିଟ ଉକ୍ତ କୋର୍ଟରେ ଦାଖଲ ହେବ ବୋଲି ଜଣାପଡିଛି।

ସ୍ୱତନ୍ତ୍ର ଟ୍ରଙ୍କ ପେଡିରେ ଏହି ଚାର୍ଜସିଟ କୋର୍ଟକୁ ନେଇ ଆସିଥିଲା ପୋଲିସ। ଅନ୍ୟପଟେ ଏନେଇ ବ୍ରହ୍ମପୁର ଏସପିଙ୍କୁ ପଚାରିବାରୁ ସେ ଏନେଇ କିଛି କହିବି ନାହିଁ ବୋଲି କହିଛନ୍ତି। ପୂର୍ବରୁ ଗତ ଡ଼ିସେମ୍ବର ୯ ତାରିଖରେ ମାମଲାର ସିଡ଼ି ତଥା କେସ୍ ଡାଏରୀ ଦାଖଲ କରିଥିଲା ପୋଲିସ। ଏହି ମାମଲାରେ ପୋଲିସ ଗିରଫ କରିଥିବା ଅଭିଯୁକ୍ତମାନଙ୍କ ମଧ୍ୟରେ ରହିଛନ୍ତି ବ୍ରହ୍ମପୁରର ପୂର୍ବତନ ବିଧାୟକ ବିକ୍ରମ ପଣ୍ଡା, ପୂର୍ବତନ ମେୟର ଶିବ ଶଙ୍କର ଦାସ ଓରଫ ପିଣ୍ଟୁ, ବିଜେଡ଼ି କର୍ପୋରେଟର ମଳୟ ବିଷୋୟୀ, ବିଜେଡ଼ି ନେତା ମଦନ ଦଳେଇ ରହିଛନ୍ତି। ଏହି ମାମଲାରେ ଜାମିନ ପାଇଁ ବିକ୍ରମ ପଣ୍ଡା ହାଇକୋର୍ଟର ଦ୍ୱାରସ୍ଥ ହୋଇଛନ୍ତି। ପ୍ରକାଶ ଥାଉକି ଗତ ଅକ୍ଟୋବର ୬ ତାରିଖ ରାତିରେ ବୈକୁଣ୍ଠନଗର ଛକରେ ପୀତବାସ ପଣ୍ଡାଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା।

## ଅଦିନିଆ ରଥଯାତ୍ରାକୁ ଗଜପତିଙ୍କ ବିରୋଧ

**ପୁରୀ,୪।୧ ଏକ୍ସପ୍ରେସ୍ ନ୍ୟୁଜ୍**



ଇସ୍କନର ଅଦିନିଆ ରଥଯାତ୍ରା ପ୍ରସଙ୍ଗରେ ଗଜପତି ମହାରାଜ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ମହାପ୍ରଭୁ ବର୍ଷସାରା ବାହାରକୁ ଆସିପାରିବେନି ବୋଲି ରୋକ୍‌ଠୋକ୍ କହିଛନ୍ତି ଗଜପତି ମହାରାଜ।

ବିଦେଶରେ ଇସ୍କନର ଅଦିନିଆ ରଥଯାତ୍ରା ପ୍ରସଙ୍ଗରେ ମହାପ୍ରଭୁଙ୍କ ଆଦ୍ୟ ସେବକ ତଥା ଗଜପତି ମହାରାଜ ଦିବ୍ୟସିଂହ ଦେବ ସ୍ପଷ୍ଟ ମତ ରଖିଛନ୍ତି। ଶ୍ରୀଜଗନ୍ନାଥଙ୍କ ଚେତନା ଓ ଚିନ୍ତନ କାର୍ଯ୍ୟକ୍ରମରେ ବିଭ୍ରାଟ ହେଉଥିବା କହି ନିଜର ଉଦବେଗ ଜଣାଇଛନ୍ତି ଗଜପତି। ମହାପ୍ରଭୁ ବର୍ଷସାରା ଶ୍ରୀମନ୍ଦିର ବାହାରକୁ ଆସି ପାରିବେନି କହି ନିଜ ଉଦବେଗ ପ୍ରକାଶ କରିଛନ୍ତି ଗଜପତି ମହାରାଜ। ସେ କହିଛନ୍ତି ଯେ, ଆୟୋଜନକାରୀ ଜାଣି ନାହାନ୍ତି ଏହା କେତେ ବଡ ବ୍ୟତିକ୍ରମ। ଆମେ ଯଦି ନିଜକୁ ମହାପ୍ରଭୁଙ୍କ ଭକ୍ତ ବୋଲି କହୁଛେ ତାହଲେ ମହାପ୍ରଭୁଙ୍କ ଆଦେଶ ପାଳନ କରିବ ଉଚିତ ବୋଲି କହିଛନ୍ତି ଗଜପତି। ଅଷାଢ ମାସ ଶୁକ୍ଲପକ୍ଷ ଦ୍ୱିତୀୟ ଦିନରେ ମହାପ୍ରଭୁଙ୍କ ନବାଦୀନାତ୍ମକ ରଥଯାତ୍ରା ଅନୁଷ୍ଠିତ ହେବ ବୋଲି ମହାପ୍ରଭୁଙ୍କ ନିର୍ଦ୍ଦେଶ ରହିଛି। ଏହି ନିର୍ଦ୍ଦେଶ ମହାପ୍ରଭୁଙ୍କର ଆଉ କାହାର ନୁହେଁ। ମହର୍ଷି ବେଦବ୍ୟାସ ଯାହା ଲେଖିଛନ୍ତି ତାହା ପାଳନ କରିବ ଆବଶ୍ୟକ ବୋଲି ଗଜପତି କହିଛନ୍ତି। ମହାପ୍ରଭୁଙ୍କ ଆଦେଶ ନଥିଲେ ଆମେ କାଢି ପାରନ୍ତେ ନାହିଁ।

ଗଜପତି ଆହୁରି କହିଛନ୍ତି ବର୍ଷକୁ ଦୁଇଥର ବାହାରକୁ ଆସିବାକୁ ମହାପ୍ରଭୁଙ୍କ ନିର୍ଦ୍ଦେଶ ରହିଛି। ଆମେ ବର୍ଷସାରା ମହାପ୍ରଭୁଙ୍କୁ ବାହାରକୁ ଆଣିପାରିବା ନାହିଁ।

## ନବୋଦୟ ବିଦ୍ୟାଳୟରେ ଜଣ୍ଡିସ: ୭୦ ଆକ୍ରାନ୍ତ

**ଖୋର୍ଦ୍ଧା,୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ସ୍କୁଲ ପିଲାଙ୍କୁ ଜଣ୍ଡିସ୍ର ଖୋର୍ଦ୍ଧା ଜିଲ୍ଲା ଗୁରୁଜଙ୍ଗ ସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ ପରିସରରେ ବ୍ୟାପୁଛି ଜଣ୍ଡିସ୍ର ସ୍କୁଲରେ ୫୬୦ ଛାତ୍ରଛାତ୍ରୀ ଥିବା ବେଳେ ପ୍ରାୟ ୭୦ରୁ ଅଧିକ ଅସୁସ୍ଥ ହୋଇଥିବା ଖବର ମିଳିଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ସ୍କୁଲ କର୍ତ୍ତୃପକ୍ଷ ଏବଂ ଅଭିଭାବକଙ୍କ ମଧ୍ୟରେ ଉଦବେଗ ପ୍ରକାଶ ପାଇଛି। ପିଲାଙ୍କୁ ଘରକୁ ନେବା ପାଇଁ ଅଭିଭାବକଙ୍କ ଭିଡ ଲାଗିଛି। ଗତ କିଛି ଦିନ ହେବ ସ୍କୁଲର ଅନ୍ତେବାସୀଙ୍କ ମଧ୍ୟରେ ଜଣ୍ଡିସର ଲକ୍ଷଣ ଦେଖାଯାଇଥିଲା। ପ୍ରଦୂଷିତ ପରିବେଶ କିମ୍ବା ଦୂଷିତ ଜଳ ଯୋଗୁଁ ରୋଗ ବ୍ୟାପିଥିବା ସନ୍ଦେହ କରାଯାଉଛି। ରବିବାର ଏକ ସ୍ୱାସ୍ଥ୍ୟ ଟିମ୍ କ୍ୟାମ୍ପସରେ ପହଞ୍ଚି ପାନୀୟ ଜଳର ନମୁନା ସଂଗ୍ରହ କରି ପରୀକ୍ଷା ପାଇଁ ପଠାଇଛି।

ଅସୁସ୍ଥ ଛାତ୍ରଛାତ୍ରୀଙ୍କୁ ତୁରନ୍ତ ଡାକ୍ତରୀ ସହାୟତା ଯୋଗାଇ ଦିଆଯାଉଛି। ସ୍କୁଲ ପରିସରରେ ସ୍ୱାସ୍ଥ୍ୟ ଶିବିର ମାଧ୍ୟମରେ ସମସ୍ତ ପିଲାଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି। ନବୋଦୟ ବିଦ୍ୟାଳୟ ଅଧକ୍ଷଙ୍କ କହିବା ଅନୁସାରେ ସମସ୍ତ ବିଦ୍ୟାର୍ଥୀଙ୍କୁ ସେମାନଙ୍କ ଘରକୁ ପଠାଯାଇଛି। ପାଣିଟାଙ୍କି ସବୁ ସଫା କରାଯାଇଛି। ପାଣିର ମାନ ବି ପରୀକ୍ଷା କରାଯାଉଛି। ଡାକ୍ତର ଟିମ୍ ବି ନିୟମିତ ବ୍ୟବଧାନରେ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝୁଛନ୍ତି।

## ଶୀତଳଭଣ୍ଡାର: ଦେଶରେ ୮୮୧୫ ଓଡିଶାରେ ୧୮୨

**ଭୁବନେଶ୍ୱର,୪।୧ (ତଥ୍ୟ):**

ସମଗ୍ର ଦେଶରେ ୮୮୧୫ଟି ଶୀତଳଭଣ୍ଡାର ଥିବାବେଳେ ସରକାରୀ ହିସାବରେ ଆମ ରାଜ୍ୟରେ ୧୮୨ଟି ଶୀତଳଭଣ୍ଡାର ଅଛି । ରାଜ୍ୟରେ ଥିବା ଶୀତଳଭଣ୍ଡାରର କ୍ଷମତା ପ୍ରାୟ ୫ଲକ୍ଷ ୮୦ହଜାର ମେଟ୍ରିକ ଟନ୍ ।

ସବୁଠାରୁ ଅଧିକ ୨୪୮୯ଟି ଶୀତଳଭଣ୍ଡାର ଉତ୍ତରପ୍ରଦେଶରେ ଥିବାବେଳେ ଗୁଜୁରାଟରେ ୧୦୨୩, ପଞ୍ଜାବରେ ୭୮୦, ମହାରାଷ୍ଟ୍ରରେ ୬୭୨, ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନାରେ ୪୮୦. ହରିଆନାରେ ୩୮୭, ମଧ୍ୟପ୍ରଦେଶରେ ୩୪୧ ,ବିହାରରେ ୩୧୬, କର୍ଣ୍ଣାଟକରେ ୨୭୧, ରାଜସ୍ଥାନରେ ୧୯୨, ତାମିଲନାଡୁର ୧୮୮ଟି ଶୀତଳଭଣ୍ଡାର ରହିଛି ।

ହେଲେ କୃଷି ପ୍ରଧାନ ରାଜ୍ୟ ଓଡିଶାରେ ସରକାରୀ କିମ୍ବା ସମବାୟ ସ୍ତରରେ ସେଭଳି କୌଣସି ଶୀତଳଭଣ୍ଡାର ନାହିଁ । ଘରୋଇ କ୍ଷେତ୍ରରେ ଯେଉଁସବୁ ଶୀତଳଭଣ୍ଡାର ରହିଛି ତାହା ଉପରେ ସରକାରଙ୍କର କୌଣସି କର୍ତ୍ତୃତ୍ୱ ନଥିବାରୁ ସେମାନେ ମନଇଚ୍ଛା ଦରଧାର୍ଯ୍ୟ କରୁଛନ୍ତି ।

ରାଜ୍ୟରେ ଶୀତଳଭଣ୍ଡାରର ଅଭାବକୁ ଦେଖିବାପରେ ରାଜ୍ୟର ନୂଆ ସରକାର ପ୍ରତି ବ୍ଲକରେ ଗୋଟିଏ କରି ଶୀତଳଭଣ୍ଡାର ଘୋଷଣା କରିଥିଲେ । ଏଥିପାଇଁ ସରକାରୀ ସ୍ତରରେ ସବସିଡ୍ ଯୋଗାଇ ଦିଆଯାଉଥିବାବେଳେ ଶୀତଳଭଣ୍ଡାର ନିର୍ମାଣ ପାଇଁ ଆଗେଇ ଆସୁଥିବା ଉଦ୍ୟୋଗୀମାନଙ୍କୁ ପ୍ରୋତ୍ସାହନ ଦେବାଲାଗି ସରକାର ଘୋଷଣା କରିଛନ୍ତି ।



ଏହା ସତ୍ତ୍ୱେ ବି ରାଜ୍ୟରେ ସେଭଳି ସଂଖ୍ୟାରେ ଶୀତଳଭଣ୍ଡାର ନିର୍ମାଣ ପାଇଁ ଉଦ୍ୟୋଗୀମାନେ ଆସୁନାହାନ୍ତି । ଏହା ଫଳରେ ଗାଁ ଗହଳରୁ ଉତ୍ପାଦିତ ପନିପରିବା ଓ ଅନ୍ୟାନ୍ୟ ସାମଗ୍ରୀ ସଂରକ୍ଷଣ ହୋଇପାରୁ ନାହିଁ । ଶୀତଳଭଣ୍ଡାର ଅଭାବ ଯୋଗୁଁ ଓଡିଶାରୁ ଉତ୍ପାଦିତ ଆଳୁ ଅନ୍ୟ ରାଜ୍ୟର ଶୀତଳଭଣ୍ଡାରରେ ରହି ପରବର୍ତ୍ତୀ ସମୟରେ ଚଢା ଦରରେ ଓଡିଶାକୁ ଫେରୁଛି । ଓଡିଶା ବଜାର ଏବେ ଅନ୍ୟ ରାଜ୍ୟର ଶୀତଳଭଣ୍ଡାର ମାଲିକ ଓ ବ୍ୟବସାୟୀଙ୍କ ପାଇଁ ରୋଜଗାରର ଅନ୍ୟତମ ସ୍ଥାନ ପାଲଟିଛି ।

ସେହିଭଳି ସମନ୍ୱିତ ଉଦ୍ୟାନ ବିକାଶ ଯୋଜନାରେ ଦେଶର ବିଭିନ୍ନ ରାଜ୍ୟରେ କେନ୍ଦ୍ର ସରକାରଙ୍କ ସହାୟତାରେ ଶୀତଳଭଣ୍ଡାର ପ୍ରତିଷ୍ଠା ହୋଇଥିବାବେଳେ ଓଡିଶାରେ ଗୋଟିଏ ହେଲେ ହୋଇପାରି ନାହିଁ । ଏହି କେନ୍ଦ୍ରୀୟ ଯୋଜନାରେ ଉତ୍ତରପ୍ରଦେଶରେ ସର୍ବାଧିକ ୭୭ଟି ଶୀତଳଭଣ୍ଡାର ନିର୍ମାଣ ହୋଇଥିବାବେଳେ ପଞ୍ଜାବରେ ୬୩, ଆନ୍ଧ୍ରପ୍ରଦେଶରେ ୫୧ , ଗୁଜୁରାଟରେ ୪୭, ମହାରାଷ୍ଟ୍ରରେ ୪୨ , କର୍ଣ୍ଣାଟକରେ ୩୯ , ଜାମ୍ମୁକାଶ୍ମୀରରେ ୩୧ଟି ଶୀତଳଭଣ୍ଡାର ନିର୍ମାଣ ହୋଇଛି । ହେଲେ ଓଡିଶା ଏହି କେନ୍ଦ୍ରୀୟ ଯୋଜନାର ଲାଭ ପାଇପାରୁ ନାହିଁ ।

ଓଡିଶାରେ ଅଧିକରୁ ଅଧିକ ସଂଖ୍ୟକ ଶୀତଳଭଣ୍ଡାର ନିର୍ମାଣ ପାଇଁ ରାଜ୍ୟ ସରକାର ଲୋଭନୀୟ ସହାୟତାମାନ ଘୋଷଣା କରୁଥିଲେ ମଧ ଉଦ୍ୟୋଗୀମାନେ ଏଥିପ୍ରତି ବିଶେଷ ଆଗ୍ରହ ପ୍ରକାଶ କରୁନାହାନ୍ତି । ରାଜ୍ୟରେ ଚଢା ବିଦ୍ୟୁତ୍ ଶୁଳ୍କ ଯୋଗୁଁ ଉଦ୍ୟୋଗୀମାନେ ଆଗକୁ ଆସୁନଥିବାରୁ ଏହାର ସିଧାସଳଖ ପ୍ରଭାବ ରାଜ୍ୟର ଚାଷବାସ ଉପରେ ପଡୁଛି । ସରକାର ଯେତେ ଯାହା କଲେ ବି ସଂରକ୍ଷଣ ସୁବିଧା ନଥିବାରୁ ଓଡିଶାର ଚାଷୀମାନେ ଆଳୁ ଠାରୁ ଆରମ୍ଭ କରି ପନିପରିବା ଓ ଫଳ ଆଦି ଚାଷ କରିବାକୁ ପଛଘୁଞ୍ଚା ଦେଉଛନ୍ତି ।

# ପାରାଦୀପରେ ସେକ୍ସ ର୍ୟାକେଟ୍ !

**ପାରାଦୀପ: ଏକ୍ସପ୍ରେସ ନ୍ୟୁଜ୍**

ପାରାଦୀପରେ ଚାଲିଛି ସେକ୍ସ ର୍ୟାକେଟ୍। ରାଜ୍ୟ ବାହାରୁ ଭାୟା ଭୁବନେଶ୍ୱର ହୋଇ ଦେହଜୀବୀମାନେ ପାରାଦୀପକୁ ଆସୁଛନ୍ତି। ଦଲାଲ୍‌ଙ୍କ ଜରିଆରେ ପାରାଦୀପର ବିଭିନ୍ନ ହୋଟେଲ୍‌କୁ ଯାଉଛନ୍ତି। ପୋଲିସ ପକ୍ଷରୁ ବ୍ୟାପକ ଚଢଉ ହେଉ ନ ଥିବାରୁ ଦେହ ବ୍ୟବସାୟ ହୋଟେଲ, ସ୍ପା ଓ ପାର୍ଲରରେ ବୃଦ୍ଧି ପାଉଛି। ଏଭଳି ଏକ ଖବର ଶନିବାର ପାରାଦୀପରେ ଚର୍ଚ୍ଚାର କେନ୍ଦ୍ର ବିନ୍ଦୁ ପାଲଟିଛି।

ମିଳିଥିବା ଖବର ଅନୁସାରେ ଶନିବାର ଭୋରୁ ଭୁବନେଶ୍ୱରରୁ ଏକ ଟ୍ରାଭେଲ୍ ଗାଡି ପାରାଦୀପ ଆଦର୍ଶ ଥାନା ଛକରେ ପହଞ୍ଚି ଥିଲା। ସେହି ଗାଡିରୁ ଦୁଇ ଜଣ ଯୁବତୀ ବାହାରି ଚା' ଓ ସିଗାରେଟ ପିଇଥିଲେ। କିଛି ସମୟ ପରେ ସେହି ଗାଡି ଏକ ହୋଟେଲ୍‌ରେ ପାର୍କିଂ କରିଥିଲା। କିଛି ସ୍ଥାନୀୟ ବୁଦ୍ଧିଜୀବୀ ସେମାନଙ୍କ ଅଙ୍ଗଭଙ୍ଗୀ, ଠାଣି, ଚାଲିଚଲଣକୁ କିଛି ବୁଦ୍ଧିଜୀବୀଙ୍କୁ ନାପସନ୍ଦ ଲାଗିବାରୁ ଏହାକୁ ଭିଡିଓ କରି ଛାଡିଛନ୍ତି। ବୁଦ୍ଧିଜିବୀ ବିବେକାନନ୍ଦ ରାଉତ କହିଛନ୍ତି ଖୁଲମଖୁଲା ମଦ ବେପାର ଚାଲୁଥିବା ବେଳେ ବିୟୁଟି ପାର୍ଲର, ସ୍ପାରେ ଦେହ ବ୍ୟବସାୟ ଚାଲୁଛି। ଏଥିପ୍ରତି କାହାର ନଜର ନଥିବା କହିଛନ୍ତି। ଏ ସମ୍ପର୍କରେ ପୂର୍ବତନ କଲେଜ ଅଧ୍ୟକ୍ଷ ଡ. ସୁରେନ୍ଦ୍ର ମୋହନ ମିଶ୍ର କହିଛନ୍ତି ଏହା ଅର୍ଥ ଉପାର୍ଜନ ଓ କ୍ଷମତା କ୍ରୟକୁ ସହଜରେ ଉପଲବ୍ଧି କରିବାର ମାଧ୍ୟମ। ଏହା ସମସ୍ତେ ଜାଣି ମଧ୍ୟ ନିରବ ରହୁଛନ୍ତି ବୋଲି ଶ୍ରୀ ମିଶ୍ର କହିଛନ୍ତି। ଏସମ୍ପର୍କରେ ଅଧିକ ଜାଣିବା ପାଇଁ ପାରାଦୀପ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସ୍ମୃତିରଞ୍ଜନ କରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ଏଥିପ୍ରତି ତୀକ୍ଷ୍ଣ ଦୃଷ୍ଟି ଦିଆଯିବା ସହ ପାଟ୍ରୋଲିଂକୁ କଡାକଡି କରାଯିବ ବୋଲି ଶ୍ରୀ କର କହିଛନ୍ତି।

## ୧୧ରେ ଉପଖଣ୍ଡସ୍ତରୀୟ ଲୋକ ଉତ୍ସବ



**ବଲାଙ୍ଗିର: ଏକ୍ସପ୍ରେସ ନ୍ୟୁଜ୍**

ବଲାଙ୍ଗିର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉପଖଣ୍ଡସ୍ତରୀୟ ଲୋକ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ହୋଇଯାଇଯାଇଛି। ଉପଜିଲ୍ଲାପାଳ ତଥା ଅଧ୍ୟକ୍ଷଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା । ଏ ବର୍ଷ କିଭଳି ହଜିଯାଇଥିବା କଳା ସଂସ୍କୃତି ପୁର୍ନଜିବିତ ହେବ ଏବଂ କଳାକାରଙ୍କୁ ନେଇ ମଞ୍ଚ ପରିବେଷଣ କରିବେ ନାଟକ, ଗୀତ, ବାଦ୍ୟ, ଗାଁ କଳାକାରମାନଙ୍କ ନୁ ହେଇ କିଭଳି ହଜିଯାଇଥିବା ସେ ବିଷୟ ନେଇ ଆଲୋଚନା ହୋଇଥିଲା । ଆଗାମୀ ଜାନୁୟାରୀ ୧୧ ତାରିଖ ରବିବାର ଦିନ ଟାଉନ ବାଳିକା ବିଦ୍ୟାଳୟରେ ଉତ୍ସବ ଆୟୋଜିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ବିଭିନ୍ନ ବ୍ଲକର କଳାକାର ଓ ବୁଦ୍ଧିଜିବ ଓ ସରକାରୀ କର୍ମଚାରୀମାନଙ୍କ ଉପସ୍ଥିତିରେ ନିଷ୍ପତ୍ତି ନିଆଯାଇଥିଲା। ସହକାରୀ କଲେକ୍ଟର ଜୟକୃଷ୍ଣ ପାଣିଗ୍ରାହି, ଆଲୋକ ପୁରୋହିତ ପ୍ରମୁଖ ମଞ୍ଚାସିନ ଥିଲେ । କଳାକାର ସଂଘର ମଧୁ ସୁଦାନ ନାୟକ, ଜଗଦାନନ୍ଦ ଛୁରିଆ, ବ୍ରହ୍ମାନନ୍ଦ ବନଛୋର, କାଳି ପ୍ରସାଦ ଷଡଙ୍ଗିର, ଘାସିରାମ ମିଶ୍ର, ମୁରଲିଧର ପତି, ଜୟକୃଷ୍ଣ ମିଶ୍ର, ପ୍ରଶାନ୍ତ ମହାକୁର। ଧନ୍ୟବାଦ ଦେଇଥିଲେ ନେସଲା ପାତ୍ର।

## ଦୂରାବସ୍ଥାରେ ଗୋଲିଆ ଗାଁ ଛକର ନଳକୂପ, ପ୍ରତିକାର ଦାବି



**ବୁଗୁଡ଼ା: ଏକ୍ସପ୍ରେସ ନ୍ୟୁଜ୍**

ବୁଗୁଡା ବ୍ଲକର ଗୋଲିଆ ଗାଁ ଛକରୁ ବାଦୁଆ ଗ୍ରାମ ଅଭିମୁଖେ ଲମ୍ବିଥିବା ନବ ନିର୍ମିତ ରାସ୍ତା କଡସ୍ଥ ଏକ ନଳକୂପ ଦୂରାବସ୍ଥାରେ ଥିବା ଦେଖିବାକୁ ମିଳିଛି। ନଳକୂପଟିର ଏଭଳି ଅବସ୍ଥା ପାଇଁ ରାସ୍ତା ନିର୍ମାଣ କରିଥିବା ଗୀତାଲକ୍ଷ୍ମୀ କନଷ୍ଟ୍ରକସନ ସଂସ୍ଥାକୁ ଲୋକେ ଦାୟୀ କରୁଥିବା ଜଣାଯାଇଛି। ପ୍ରକାଶ ଯେ, ପୂର୍ବରୁ ଏହି ନଳକୂପଟି ଲୋକଙ୍କ କାମରେ ଆସୁଥିଲା। ପ୍ରଧାନମନ୍ତ୍ରୀ ଗ୍ରାମ୍ୟ ସଡକ ନିର୍ମାଣ ବେଳେ ନଳକୂପଟିକୁ ମାଟିରେ ପୋତି ହୋଇଯାଇଥିବାରୁ ମାଠିଆ କିମ୍ବା ବାଲଟିରେ ପାଣି ଧରିବା ସମ୍ଭବ ହେଉନାହିଁ। ଅନ୍ୟପକ୍ଷରେ ନଳକୂପ ଜାଗାଟି କାଦ ପଚ୍‌ପଚ୍ ଅବସ୍ଥାରେ ରହୁଛି। ପୂର୍ବରୁ ଲୋକେ ସେହି ନଳକୂପରୁ ପାଣି ନେଇ ରୋଷେଇ ସହିତ ଅନ୍ୟାନ୍ୟ କାମରେ ବ୍ୟବହାର କରୁଥିଲା ବେଳେ ଏବେ ଆଉ ଲୋକଙ୍କ ସେହି କାମରେ ଲାଗୁନଥିବାରୁ ଅସନ୍ତୋଷ ଦେଖା ଦେଇଛି। ଏଣୁ, ଉକ୍ତ ସମସ୍ୟାର ତୁରନ୍ତ ପ୍ରତିକାର ପାଇଁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି। ତେବେ ଏ ନେଇ ଆରଡବ୍ଲ୍ୟୁଏସଏସ ସହକାରୀ ଯନ୍ତ୍ରୀ ରାମା ରାଓଙ୍କୁ ପଚାରିବାରେ ଯଥାଶୀଘ୍ର ଏହାର ପ୍ରତିକାର ବ୍ୟବସ୍ଥା କରାଯିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

## ପର୍ଯ୍ୟଟକଙ୍କୁ ଶୋଷଣ ଅଭିଯୋଗ

# ମନଇଚ୍ଛା ଫି ଆଦାୟ ଯୋଗୁଁ ମୁହଁ ମୋଡ଼ିଲେଣି ପର୍ଯ୍ୟଟକ

**ହିନ୍ଦୋଳ: ଏକ୍ସପ୍ରେସ ନ୍ୟୁଜ୍**

ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଉପଖଣ୍ଡରେ ଥିବା ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହିନ୍ଦୋଳ ବ୍ଲକ ରାସୋଳ ଥାନା ଅନ୍ତର୍ଗତ ଦାଣ୍ଡିରୀ ପଞ୍ଚାୟତର ସାପୁଆ ଡ୍ୟାମରେ ବଣଭୋଜି ପାଇଁ ହଜାର ହଜାର ପର୍ଯ୍ୟଟକଙ୍କ ଭିଡ଼ ଜମୁଛି। ଦୈନିକ ହଜାରହଜାର ଲୋକ ଏଠାକୁ ଆସୁଥିବା ବେଳେ ପିଣ୍ଡି ଓ ପାର୍କିଂ ଫି ନାମରେ ଜୁଲମର ଶିକାର ହେଉଛନ୍ତି ଯାହାକୁ ନେଇ ପର୍ଯ୍ୟଟକ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଏଠାରେ ପରିମଳ ବ୍ୟବସ୍ଥା, ପାନୀୟ ଜଳ ଯୋଗାଣ ସୁରକ୍ଷା ବ୍ୟବସ୍ଥା ଆଦି ମୌଳିକ ସୁବିଧା ଅଦ୍ୱଂନଥାଇ ବେନିୟମ ଭାବେ ଲୁଚାଣିଆ ଟେଣ୍ଡର ଡକାଯାଇ ତରବରିଆ ଭାବେ ପାର୍କିଂ ଫି ଆଦାୟ କରିବା ପାଇଁ ଯୋଜନାକୁ ଅଞ୍ଚଳବାସିଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ସାପୁଆ ଡ୍ୟାମ ପ୍ରାକୃତିକ ଶୋଭାରାଜିରେ ଭରପୁର ରହିଥିବା ବେଳେ ନୀଳଜଳରାଶି ସହ ଶାଳଜଙ୍ଗଲରେ ବଣଭୋଜି କରିବାକୁ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ବର୍ଷସାରା ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ, ବିଶେଷ କରି ନଭେମ୍ବରରୁ ମାର୍ଚ୍ଚ ପର୍ଯ୍ୟନ୍ତ ଏଠାରେ ବଣ ଭୋଜି କରିବା ପାଇଁ ହଜାର ହଜାର ପର୍ଯ୍ୟଟକ ଆସିଥାନ୍ତି। ମନୋରମ ପ୍ରାକୃତିକ ପରିବେଶ ମଧ୍ୟରେ ବଣଭୋଜି କରିବାକୁ ରାଜ୍ୟ ଓ ଜିଲ୍ଲାର ବିଭିନ୍ନ ଅଞ୍ଚଳରୁ ପର୍ଯ୍ୟଟକଙ୍କ ସୁଅ ଛୁଟୁଥିବା ଦେଖିବାକୁ ମିଳୁଛି। ତେବେ ପର୍ଯ୍ୟଟନ ସ୍ଥଳୀର କିଛି ଉର୍ନତିକରଣ କରାଯାଇଥିବା ବେଳେ ଏବେ ଏହି ପର୍ଯ୍ୟଟନ ସ୍ଥଳୀରେ ପର୍ଯ୍ୟଟକଙ୍କୁ ଜୋରଜବର ଦାଦାଗିରି କରି ଶୋଷଣ କରାଯାଉଛି। ହିନ୍ଦୋଳ ବ୍ଲକ ପ୍ରଶାସନ ପକ୍ଷରୁ ତରବରିଆ ଭାବେ ଟେଣ୍ଡର ଡକାଯାଇ ଗୋଟିଏ ଗୋଷ୍ଠୀଙ୍କୁ ଏହାର ଦାୟିତ୍ୱ ଦିଆଯାଇଥିବା ଜଣାପଡ଼ିଥିବା ବେଳେ ଟେଣ୍ଡର ପ୍ରକ୍ରିୟା କୌଣସି ଖବର କାଗଜରେ ବିଜ୍ଞପ୍ତି ପ୍ରକାଶ ପାଇନଥିବା ଅଭିଯୋଗ ହେଉଛି ଏପରିକି କହାକୁ ଏହାର ଦାୟିତ୍ୱ ଦିଆଯାଇଛି କେଉଁ ଗାଡିକୁ କେତେଟଙ୍କା ପାର୍କିଂ ଫିସ ଆଦାୟ ହେବ ଓ ପିଣ୍ଡି ପାଇଁ କେତେଟଙ୍କା ଆଦାୟ କରାଯିବ ସାପୁଆ ପର୍ଯ୍ୟଟନସ୍ଥଳୀରେ ଏହାର କୌଣସି ସୂଚନା ଫଳକ ମଧ୍ୟ ଲଗାଯାଇ ନଥିବା ଦେଖିବାକୁ ମିଳିଛି। ଏବେ ବେଆଇନ ଭାବେ ବାଇକ ପିଛା ୨୦ ଟଙ୍କା କାର ଓ ଛୋଟ ଗାଡି ୨୦୦ ଟଙ୍କା ବଡ ବସ ପିଛା ୪୦୦ ଟଙ୍କା ଓ ପିଣ୍ଡି ପିଛା ୨୦୦ରୁ ୫୦୦ ଟଙ୍କା ଆଦାୟ କରାଯାଉଥିବା ଦେଖିବାକୁ ମିଳୁଛି, ପାର୍କିଂ ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନଥିବା ବେଳେ ପର୍ଯ୍ୟଟକମାନେ ମନଇଚ୍ଛା ଯେଉଁଥିପାରିଲେ ସେଇଠି ଗାଡି ରଖୁଛନ୍ତି ଏବଂ ସେଥିରେ ମଧ୍ୟ ଦଲାଲମାନେ ପାର୍କିଂ ଫି ଆଦାୟ କରୁଛନ୍ତି। ଗାଡିର ସୁରକ୍ଷା ନିମନ୍ତେ କୌଣସି ବ୍ୟବସ୍ଥା ନାହିଁ, ଚାରିଆଡେ କୁଢ଼ କୁଢ଼ ଅଳିଆ ଆବର୍ଜନା ପଡ଼ିରହିଛି, ହଜାର ହଜାର ଲୋକଙ୍କ ଭିଡ଼ ହେଉଥିବା ପର୍ଯ୍ୟଟନସ୍ଥଳୀରେ ପୋଲିସ କର୍ମଚାରୀଙ୍କ ମଧ୍ୟ ଦେଖା ଦର୍ଶନ ମିଳିପାରୁନାହିଁ, ହେଲେ କାହା ନିର୍ଦ୍ଦେଶରେ ଏଭଳି ଜୋର ଜବରଦସ୍ତ ଟଙ୍କା ଆଦାୟ କରାଯାଉଛି ଏବେ କାହା ପାଖରେ ଉତ୍ତର ନାହିଁ। ଏ ସମ୍ପର୍କରେ ହିନ୍ଦୋଳ ଗୋଷ୍ଠୀର୍ଣ୍ଣୟ ଅଧିକାରୀଙ୍କୁ ବାରମ୍ବାର ମତାମତ ନେବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ସମ୍ଭବ ହୋଇପାରିନାହିଁ। ତେବେ ତୁରନ୍ତ ରାଜ୍ୟସରକାର ଓ ପର୍ଯ୍ୟଟନ ବିଭାଗ ଏଥିପ୍ରତି ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



## ଗୋରୁ ଚାଲାଣ ପିକଅପ୍ ଭ୍ୟାନ୍ ଜବତ

**ବାଙ୍କୀ: ଏକ୍ସପ୍ରେସ ନ୍ୟୁଜ୍**

ରବିବାର ବାଙ୍କୀ ଥାନା ଅନ୍ତର୍ଗତ ଦୁର୍ଗାପୁର ପଞ୍ଚାୟତର ନୂଆ ସାହି ନିକଟରୁ ଏକ ଗୋରୁ ବୋଝେଇ ବୋଲେର ପିକପ୍ ଭ୍ୟାନ୍ ନଂ- ଓଡି୦୫ବିସି୮୦୧୬ରୁ ଗୋରୁ ଉଦ୍ଧାର କରାଯାଇଛି। ସ୍ଥାନୀୟ ଲୋକଙ୍କ ଠାରୁ ପ୍ରକାଶ ସେ ଗାଡିରେ ଗୋରୁ ବୋଝେଇ ହୋଇ ଭେଡା ରାସ୍ତାରୁ ବ୍ରହ୍ମପୁରା ରାସ୍ତାକୁ ଗଲାବେଳକୁ ବାଟରେ ଏକ ସାଇକେଲ ଆରୋହୀ ସହିତ ଧକ୍କା ଦେବା ଫଳରେ ଗାଡିଟି ଭାରସାମ୍ୟ ହରାଇ ରାସ୍ତାକଡରେ ରହିଯାଇଥିଲା। ଗାଡି ଡ୍ରାଇଭର ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା। ଖବର ପାଇ ଘଟଣା ସ୍ଥଳରେ ବାଙ୍କୀ ଥାନା ଅଧିକାରୀ ଦିଲ୍ଲୀପ କୁମାର ମର୍ଦ୍ଦରାଜ ପହଞ୍ଚି ଗାଡିଟିକୁ ଜବତ କରି ଥାନାକୁ ଆଣିଥିଲେ। ଏ ସଂକ୍ରାନ୍ତରେ ବାଙ୍କୀ ଥାନାରେ ଏକ କେଶ୍ ୧୦/୨୦୨୬ରେ ରୁଜୁ ହୋଇ ଘଟଣାର ତଦନ୍ତ ଚାଲୁ ରହିଛି। ସେଥିରେ ଥିବା ଗୋରୁଗୁଡିକ ଘଟଣା ସ୍ଥଳରୁ ଚାଲିଯାଇଥିବା ବେଳେ ୩ଟି ଗୋରୁଙ୍କୁ ପୋଲିସ୍ ଉଦ୍ଧାର କରି ସ୍ଥାନୀୟ ଜଣେ ଚାଷୀଙ୍କ ତା'ର ରକ୍ଷଣାବେକ୍ଷଣା ପାଇଁ ଜିମା ଦେଇଅଛନ୍ତି। ଏ ସଂକ୍ରାନ୍ତରେ ପୋଲିସର ତଦନ୍ତ ଜାରି ରହିଛି।

## ଦୋକାନ ଛପରେ ପଶିଗଲା ଟାଟା ଏସି

**ସୋର: ଏକ୍ସପ୍ରେସ ନ୍ୟୁଜ୍**

ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ତଳନଗର ନିକଟରେ ଥିବା ଏକ ଚାହା ଦୋକନକୁ ଏକ ଟାଟା ଏସି ଗାଡି ଧକା ଦେବାରୁ ଦୋକନଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଯାଇଥିବା ବେଳେ ଏଥିରେ କାହାର କୌଣସି କ୍ଷତି ହୋଇନଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁସାରେ ଓଡି ୦୨ ସପି ୨୦୩୬ ନମ୍ବର ବିଶିଷ୍ଟ ଏକ ଟାଟା ଏସି ଗାଡି ବାଲେଶ୍ୱରରୁ ଭୁବନେଶ୍ୱର ଅଭିମୁଖେ ଯାଉଥିବା ବେଳେ ତଳନଗର ଠାରେ ରାସ୍ତା କଡରେ ଥିବା ଏକ ଚାହା ଦୋକାନକୁ ଦକା ଦେଇ ଭିତରକୁ ପଶିଯାଇଥିଲା। ଫଳରେ ଦୋକନଟି ସଂପୂର୍ଣ୍ଣ ନଷ୍ଟ ହୋଇଥିବା ବେଳେ ଦୋକାନ ଭିତରେ କେହି ନଥିବାରୁ ଏକ ବଡ ଧରଣର ଦୁର୍ଘଟଣା ଟଳି ଯାଇଥିଲା। ଖବର ପାଇ ଜାତୀୟ ରାଜପଥ ପେଟ୍ରୋଲିଂ ଗାଡି ଘଟଣା ସ୍ଥଳରେ ପହଞ୍ଚି ରାସ୍ତାଜାମ ହଟାଇବା ସହିତ ଗାଡିଟିକୁ ସୋର ଉଦ୍ଧାର କରି ସୋର ପୋଲିସକୁ ହସ୍ତାନ୍ତର କରିଥିବା ଜଣାପଡିଛି।

## ବସଷ୍ଟାଣ୍ଡରେ ଆମ ବସ ଡ୍ରାଇଭରଙ୍କୁ ଚେକିଂ

**ଛତ୍ରପୁର: ଏକ୍ସପ୍ରେସ ନ୍ୟୁଜ୍**

ଆଉ ଢ଼ିଲା ନାହିଁ । ମୁଖ୍ୟମନ୍ତ୍ରୀ ଓ ରାଜ୍ୟ ପରିବହନ ବିଭାଗ ନିର୍ଦ୍ଦେଶ ପରେ ଆରମ୍ଭ ହେଲା ଆକ୍ସନ୍। ଏଣିକି ଆଉ ଅମାନିଆ ଆମ ବସ୍ ଡ୍ରାଇଭରଙ୍କୁ ମିଳିବନି ଆଶ୍ୱସ୍ତି। ରବିବାର ହଳଦିଆପଦର ବସଷ୍ଟାଣ୍ଡ ଠାରେ ଅଚାନକ୍ ଆମ ବସ ଗୁଡକୁ ଚଢ଼ାଉ କରି ଗଞ୍ଜାମ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ଚେକିଂ କରାଯାଇଛି। ଡ୍ରାଇଭରଙ୍କ ପାଟିରେ ବ୍ରେଥଲର ମେସିନ ଲଗାଇ ଡ୍ରଙ୍କ (ମଦ୍ୟପାନ) ଏବଂ ବିଭିନ୍ନ ପ୍ରକାର ଚେକିଂ କରାଯାଇଛି। ଏହା ଦେଖି ବସ୍ ଚାଳକଙ୍କ ମଧ୍ୟରେ ଛନକା ଦେଖାଯାଇଛି।

ଯେଉଁ ଡ୍ରାଇଭର ମଦ୍ୟପାନ କରି ଆମ ବସ୍ ଚଳାଉଥିବେ ତାଙ୍କ ବିରୁଦ୍ଧରେ ଆକ୍ସନ ହେବ। ଏହି ପ୍ରକ୍ରିୟା ଆଗକୁ ଜାରି ରହିବ ବୋଲି ଆରଟିଓ ଇଂ ଦେବାଶିଷ ସ୍ୱାଇଁ ସୂଚନା ଦେଇଛନ୍ତି। କ୍ରୁଟ (କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ) ପକ୍ଷରୁ ୨୦ଟି ଆମ ବସ ଚାଲୁଅଛି। ଏହି ଚଢ଼ାଉ ବେଳେ ଗଞ୍ଜାମ ଆରଟିଓ ଇଂ ଦେବାଶିଷ ସ୍ୱାଇଁ, ଜୁନିୟର ଏମଭିଆଇ ତାରାକାନ୍ତ ନନ୍ଦଙ୍କ ସମେତ ଏନ୍‌ଫୋର୍ସମେଣ୍ଟ ଟିମ ଉପସ୍ଥିତ ଥିଲେ। ସୂଚନା ଯୋଗ୍ୟ, ଶନିବାର ଭୁବନେଶ୍ୱରରେ 'ଆମ ବସ୍' ଦୁର୍ଘଟଣା ଯୋଗୁଁ ଜଣକ ମୃତ୍ୟୁ ଘଟିଥିଲା। ଯାହାଫଳରେ ପରିବହନ ବିଭାଗ ପକ୍ଷରୁ ଆକ୍ସନ ଆରମ୍ଭ ହୋଇଛି।

## ବିନା ଅନୁମତିରେ ବାଲି ଉଠାଣ ଓ ଚାଲାଣ

**ବଲାଙ୍ଗିର: ଏକ୍ସପ୍ରେସ ନ୍ୟୁଜ୍**

ବଲାଙ୍ଗିର ଜିଲ୍ଲାରେ ବାଲି ଚୋରି ଘଟଣା ଏକ ସାଧାରଣ ପ୍ରକ୍ରିୟାରେ ପରିଣତ ହେଲାଣି। ବିଶେଷ କରି ସୁକତେଲ ଓ ଅଙ୍ଗ ନଦୀରୁ ଦିନବେଳା ପ୍ରଶାସନର ନାକତଳେ ବାଲି ଚୋରା ଚାଲାଣ ହେଉଛି। ସ୍ଥାନୀୟ ପୋଲିସ ତଥା ଖଣି ବିଭାଗ ସବୁ ଜାଣି ମଧ୍ୟ ଅଜଣା ରହୁଥିବା ଦେଖିବାକୁ ମିଳିଛି। ବାଲିଖଣି ଲିଜଧାରୀମାନେ ଆଇନ ଭାଙ୍ଗି ବାଲି ଉଠାଇବା ସହିତ ଚାଲାଣ କରୁଥିବା ବେଳେ ଅଣଲିଜଧାରୀ ହତଗୁଞ୍ଜା ଦେଇ କାରବାର କରୁଛନ୍ତି। କେବଳ କୌଣସି ଅଭିଯୋଗ ହେଲେ ଅଥବା ଗଣମାଧ୍ୟମରେ ଖବର ପ୍ରକାଶ ପାଇଲେ ଗାଡ଼ି ଧରପଗଡ ହେବା ସହିତ ଫାଇନ ଆଦାୟ ହେଉଛି ।

ସୂଚନା ଅଧିକାର ଆଇନ ବଳରେ ମିଳିଥିବା ତଥ୍ୟ ମୁତାବକ, ଲୋଇସିଂହା ବ୍ଲକର ଛେଲବାହାଲ ବାଲି ଖାଦାନରୁ ବାଲି ଉଠାଣ ପାଇଁ ଅନୁମତି ରହିଥିବା ବେଳେ ବାକି ବାଲିଖଣି ଗୁଡ଼ିକରୁ ବାଲି ଉଠାଇବା ପାଇଁ ଅନୁମତି ନାହିଁ। ସେହିପରି ଆଗଲପୁର ତହସିଲ ଅଧିନ ସାଲେଭଟା, ଡୁଡୁକା, ଫଟାମୁଣ୍ଡା, କୁଟାସିଂହା, ବାଞ୍ଜିପାଲି, ଫାସଡ, ତେତେଲଗାଁ ପ୍ରଭୃତି ବାଲି ଖଣିରୁ ବାଲି ଉଠାଣ ପାଇଁ ଅନୁମତି ନାହିଁ। ଯାହା ବି ଚାଲିଛି ଖଣି ବିଭାଗ ତଥା ପୋଲିସର ଜାଣତରେ। ଏପରିକି କୌଣସି ବୈଧ ବାଲିଖଣି ନଥାଇ ଡୁଡୁକ-ମହୁଲପାଲି ମଝିରେ ଚୂର୍ଣ୍ଣିମୁହାଣ ନାମକ ସ୍ଥାନରୁ ପ୍ରତିଦିନ ବେଆଇନ ଭାବେ ଶହ ଶହ ଟ୍ରିପ ବାଲି ଉଠାଣ ହେଉଛି। ସେହିପରି ରଫାଖାଲ ଠାରେ ବେଆଇନ ଭାବେ ଆଉ ଏକ ବାଲିଘାଟ ତିଆରି କରି ବାଲି ଉଠାଣ ପାଇଁ ମସୁଧା ଚାଲିଥିବା ଜଣାଯାଇଛି। କେଉଁ ଘାଟରୁ କେତେ ଇଲାକାରେ ବାଲି ଉଠିବ, ତାହା ନିଲାମ ସମୟରେ ଦର୍ଶା ଯାଇଥିଲେ ମଧ୍ୟ ବାଲି ମାଫିଆମାନେ ନିର୍ଦ୍ଧାରିତ ଇଲାକା ବ୍ୟତୀତ ଅନ୍ୟ ସ୍ଥାନରୁ ବେଆଇନ ଭାବେ ବାଲି ଉଠାଣ କରୁଛନ୍ତି। ଏପରିକି ସ୍ଥାନୀୟ କେନାଲ ନିର୍ମାଣ ଦାୟିତ୍ୱରେ ଥିବା ଏକ ଘରୋଇ ସଂସ୍ଥା ପରିସରରେ ବେଆଇନ ଭାବେ ଶତାଧିକ ଟ୍ରିପ ବାଲି ଗଚ୍ଛିତ ରହିଥିବା ଦେଖିବାକୁ ମିଳିଛି। ବେଆଇନ ବାଲି ଉଠାଣ, ଚାଲାଣ ତଥା ଗଚ୍ଛିତ ରଖିବା ଉପରେ ରୋକ୍ ଲଗାଇବା ପାଇଁ ଟାସ୍କଫୋର୍ସ ଗଠିତ ହୋଇଥିଲେ ମଧ୍ୟ ତାହା ନାମକୁ ମାତ୍ର। ବଲାଙ୍ଗୀର ଜିଲ୍ଲାପାଳ ଏଥିପ୍ରତି ସ୍ୱତନ୍ତ୍ର ଭାବେ ଦୃଷ୍ଟିଦେଇ ପଦକ୍ଷେପ ନେବାକୁ ଦାବି ହେଉଛି।

## ଦାନଗଦି, ଅଶୋକଝର ଓ ସରୋବରରେ ବଢୁଛି ପ୍ଲାଷ୍ଟିକ ଦୂଷଣ

**କଳିଙ୍ଗନଗର: ଏକ୍ସପ୍ରେସ ନ୍ୟୁଜ୍**



ଯାଜପୁର ଜିଲ୍ଲା କଳିଙ୍ଗନଗର ଅଞ୍ଚଳର ଦାନଗଦି ବଜାର, ଅଶୋକଝର ଓ ସରୋବର ପିକନିକ୍ ସ୍ଥଳୀରେ ଅନିୟନ୍ତିତ ପ୍ଲାଷ୍ଟିକ ବ୍ୟବହାର ଓ ଅପରିଷ୍କାର ପରିସ୍ଥିତି ପରିବେଶ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ଗଭୀର ଚିନ୍ତାର କାରଣ ହୋଇଉଠିଛି। ପର୍ଯ୍ୟଟକ ଓ ବ୍ୟବସାୟୀମାନଙ୍କ ଦ୍ୱାରା ପ୍ଲାଷ୍ଟିକ ପ୍ୟାକେଟ୍, ବୋତଲ ଓ ଥରେ ବ୍ୟବହାର ହେଉଥିବା ସାମଗ୍ରୀ ଏଠାଉଠା ଫେଙ୍କିଦିଆଯାଉଥିବାରୁ ପ୍ରାକୃତିକ ସୌନ୍ଦର୍ଯ୍ୟ ନଷ୍ଟ ହେଉଛି, ସହିତେ ପରିବେଶ ଦୂଷଣ ଦିନକୁ ଦିନ ବଢୁଛି। ଦାନଗଦି ବଜାରରେ କିଛି ଦୋକାନୀ ମାଛ ଓ କୁକୁଡ଼ା ବିକ୍ରି କରିବା ପରେ ତାହାର ଅବଶିଷ୍ଟ ମାଛ କଟା, କୁକୁଡ଼ା ପର ଓ ପୁଷ୍ଟା ସିଧାସଳଖ ଦୋକାନ ପାଖରେ ପକାଇ ଦେଉଥିବାରୁ ବଜାର ଅଞ୍ଚଳ ଅତ୍ୟନ୍ତ ଅପରିଷ୍କାର ହୋଇପଡ଼ିଛି। ଏହା ଫଳରେ ଅଞ୍ଚଳରେ ଡାଏରିଆ, ବାନ୍ତି, ହଇଜା ଭଳି ସଂକ୍ରାମକ ରୋଗ ବ୍ୟାପିବାର ଆଶଙ୍କାକୁ ଅସ୍ୱୀକାର କରାଯାଇପାରୁନାହିଁ। ଅପରିଷ୍କାର ପରିବେଶରେ ଖାଦ୍ୟ ସାମଗ୍ରୀ ବିକ୍ରି ହେଉଥିବା ସତ୍ତ୍ୱେ ବେପାରୀମାନଙ୍କ ଉପରେ ପ୍ରଶାସନ କାହିଁକି କୌଣସି କଠୋର କାର୍ଯ୍ୟାନୁଷ୍ଠାନ ନେଉନାହିଁ ଏନେଇ ସାଧାରଣ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ଅନ୍ୟପଟେ, କଳିଙ୍ଗନଗର ଏକ ବ୍ୟସ୍ତବହୁଳ ରାସ୍ତା ହୋଇଥିବା ସତ୍ତ୍ୱେ ଦାନଗଦି ବଜାରରେ ରାସ୍ତାକୁ ଅବୈଧ ଭାବରେ ଦୋକାନ ମାଡିଯାଇଥିବାରୁ ଦୁର୍ଘଟଣା ବଢୁଛି ଓ ସାଧାରଣ ଲୋକ ଶିକାର ହେଉଛନ୍ତି। ରାସ୍ତା ଅବରୋଧ କରିଥିବା ଦୋକାନୀମାନଙ୍କ ଉପରେ ତହସିଲ ଓ ପ୍ରଶାସନ କେବେ କାର୍ଯ୍ୟାନୁଷ୍ଠାନ ନେବ ଏହା ସାଧାରଣରେ ଏବେ ପ୍ରଶ୍ନ ହୋଇଉଠିଛି। ଏହି ପରିସ୍ଥିତିକୁ ଦୃଷ୍ଟିରେ ରଖି ପରିବେଶ ସଚେତନତା କାର୍ଯ୍ୟକ୍ରମ ଆୟୋଜନର ଆବଶ୍ୟକତା ଜୋର ଧରିଛି। ଗ୍ରାମୀଣ, ସ୍ଥାନୀୟ ନାଗରିକ ଓ ପର୍ଯ୍ୟଟକମାନଙ୍କୁ ନେଇ ପ୍ଲାଷ୍ଟିକର କୁପ୍ରଭାବ ସମ୍ପର୍କରେ ପ୍ରଚାର ପତ୍ର ବଣ୍ଟନ ଓ 'ଏକଥର ବ୍ୟବହୃତ ପ୍ଲାଷ୍ଟିକ ବର୍ତ୍ତମାନ ଓ ଭବିଷ୍ୟତ ପିଢ଼ି ପାଇଁ ଘାତକ ପରିଣାମ ଏବଂ ଏହାର ବ୍ୟବହାର ବନ୍ଦ କରନ୍ତୁ' ବାର୍ତ୍ତା ଥିବା ବ୍ୟାନର ଲଗାଯିବା ଆବଶ୍ୟକ ବୋଲି ମତ ପ୍ରକାଶ ପାଉଛି। ସ୍କୁଲ-କଲେଜ ଛାତ୍ରଛାତ୍ରୀ, କାରଖାନା ଓ ପ୍ରଶାସନିକ ଅଧିକାରୀଙ୍କ ସହଯୋଗରେ ପିକନିକ୍ ସ୍ଥଳୀଗୁଡ଼ିକୁ ସଫା ଓ ପ୍ଲାଷ୍ଟିକ ମୁକ୍ତ ରଖିବା ପାଇଁ ଶପଥ ଗ୍ରହଣ କରାଯିବା ଉପରେ ମଧ୍ୟ ଜୋର ଦିଆଯାଇଛି। ସ୍ଥାନୀୟ ବୁଦ୍ଧିଜୀବୀ ଓ ପରିବେଶପ୍ରେମୀମାନେ ପ୍ରଶାସନକୁ ପ୍ଲାଷ୍ଟିକ ବ୍ୟବହାର ଉପରେ କଡ଼ା ନଜର ରଖିବା ସହ ପିକନିକ୍ ଅଞ୍ଚଳ ଗୁଡ଼ିକୁ ସ୍ଥାୟୀ ଭାବେ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଦୃଢ଼ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି।

## ବାଣିଜ୍ୟ

# ଭେନେଜୁଏଲା ସଙ୍କଟ: ସୁନା ଏବଂ ରୂପାର ନିରାପଦ ଚାହିଦାକୁ ବୃଦ୍ଧି !

**ମୁମ୍ବାଇ: ଏକ୍ସପ୍ରେସ ନ୍ୟୁଜ୍**

ବିଶ୍ୱର ସର୍ବବୃହତ ତୈଳ ସଂରକ୍ଷଣ ଭେନେଜୁଏଲା ସହିତ ଜଡିତ ଏକ ବଡ଼ ଭୂରାଜନୈତିକ ଝଟକା ପରେ ବିଶ୍ୱ ବଜାରଗୁଡ଼ିକ ୨୦୨୬ର ପ୍ରଥମ ପୂର୍ଣ୍ଣ ବାଣିଜ୍ୟ ସପ୍ତାହ ଏକ ଉତ୍ତେଜନାପୂର୍ଣ୍ଣ ମନୋଭାବରେ ଆରମ୍ଭ କରିବାକୁ ପ୍ରସ୍ତୁତ।

ନିବେଶକମାନଙ୍କ ଧ୍ୟାନ ସୁନା ଏବଂ ରୂପା ଭଳି ନିରାପଦ ସମ୍ପତ୍ତି ଉପରେ ତୀବ୍ର ଭାବରେ ସ୍ଥାନାନ୍ତରିତ ହୋଇଛି, ଯେତେବେଳେ ଯୋଗାଣ ବାଧାପ୍ରାପ୍ତ ହେବାର ଭୟ ମଧ୍ୟରେ ତୈଳ ମୂଲ୍ୟ ବୃଦ୍ଧି ପାଇବାର ଆଶା କରାଯାଉଛି।

ସପ୍ତାହାନ୍ତରେ ଏକ ସାମରିକ ଅଭିଯାନ ସମୟରେ ଆମେରିକୀୟ ସେନା ଭେନେଜୁଏଲା ରାଷ୍ଟ୍ରପତି ନିକୋଲାସ ମାଦୁରୋ ଏବଂ ତାଙ୍କ ପତ୍ନୀଙ୍କୁ ଗିରଫ କରିବା ପରେ ବଜାର ସତର୍କ ହୋଇଗଲା।

ଆମେରିକା ସେମାନଙ୍କୁ ନିଶା ଚାଲାଣର ଅଭିଯୋଗ କରିଛି, ଯାହା ପୂର୍ବରୁ ଏକ ଦୁର୍ବଳ ଅଞ୍ଚଳରେ ଉତ୍ତେଜନାକୁ ଆହୁରି ବୃଦ୍ଧି କରୁଛି। ଏହି ଘଟଣାକୁ ଏକ ପ୍ରମୁଖ ଭୂରାଜନୈତିକ ଘଟଣା ଭାବରେ ଦେଖାଯାଉଛି ଯାହା ଶକ୍ତି ବଜାରକୁ ଅସ୍ଥିର କରିପାରେ ଏବଂ ବର୍ଷ ଆରମ୍ଭରେ ସୁରକ୍ଷିତ ସମ୍ପତ୍ତିର ଚାହିଦା ବୃଦ୍ଧି କରିପାରେ।

ସୁନା ୨୦୨୬ ଏକ ଦୃଢ଼ ନୋଟରେ ଆରମ୍ଭ ହୋଇଥିଲା, ୧ ପ୍ରତିଶତରୁ ଅଧିକ ବୃଦ୍ଧି ପାଇ ପ୍ରାୟ ଟ.୪,୩୭୦ ପ୍ରତି ଆଉନ୍ସରେ ବାଣିଜ୍ୟ କରିଥିଲା, ଭୂରାଜନୈତିକ ବିପଦ ଏବଂ ଆଶା ଯେ ଏହି ବର୍ଷ ଶେଷ ଆଡ଼କୁ ଆମେରିକାର ସୁଧ ହାର ହ୍ରାସ ପାଇପାରେ।

ରୂପା ମଧ୍ୟ ୨ ପ୍ରତିଶତରୁ ଅଧିକ ବୃଦ୍ଧି ପାଇ ଟ. ୭୩ ପ୍ରତି ଆଉନ୍ସ ନିକଟରେ ବନ୍ଦ ହୋଇଥିଲା, ଯାହା ଦୁର୍ବଳ ଡଲାର, ଯୋଗାଣ ପ୍ରତିବନ୍ଧକ ଏବଂ ବୃଦ୍ଧି ପାଉଥିବା ଶିଳ୍ପ ଚାହିଦା ଦ୍ୱାରା ସମର୍ଥିତ।

ତଥାପି, ସାପ୍ତାହିକ ଭିତ୍ତିରେ, ଗତ ବର୍ଷର ତୀବ୍ର ବୃଦ୍ଧି ପରେ ଉଭୟ ଧାତୁରେ ଲାଭ ବୁକିଂ ଦେଖାଯାଇଥିଲା। କମେକ୍ସ ସୁନା ପ୍ରାୟ ୫ ପ୍ରତିଶତ ହ୍ରାସ ପାଇଥିଲା, ଯେତେବେଳେ ରୂପା ୮ ପ୍ରତିଶତରୁ ଅଧିକ ହ୍ରାସ ପାଇଥିଲା କାରଣ ଅଧିକ ମାର୍ଜିନ୍ ଆବଶ୍ୟକତା କିଛି ବ୍ୟବସାୟୀଙ୍କୁ ସ୍ଥିତି ହ୍ରାସ କରିବାକୁ ବାଧ୍ୟ କରିଥିଲା। ଘରୋଇ ବଜାରରେ, ସପ୍ତାହର ଆରମ୍ଭରେ ଏମସିଏକ୍ସ ସୁନା ଫ୍ୟୁଚର୍ସରେ ଏକ ତୀବ୍ର ହ୍ରାସ ଦେଖାଯାଇଥିଲା, ଯାହା ଦୁଇ ମାସ ମଧ୍ୟରେ ସବୁଠାରୁ ବଡ଼ ଏକ-ଦିନର ହ୍ରାସ।

ସେବେଠାରୁ, ମୂଲ୍ୟ ଏକ ସଂକୀର୍ଣ୍ଣ ପରିସର ମଧ୍ୟରେ ଗତି କରୁଛି। ବିଶ୍ଳେଷକମାନେ କହିଛନ୍ତି ଯେ ଯଦି ମୂଲ୍ୟ ପ୍ରମୁଖ ସମର୍ଥନ ସ୍ତର ଉପରେ ରହେ ତେବେ ସୁନା ପୁନରୁଦ୍ଧାର ହୋଇପାରିବ, କିନ୍ତୁ ଏହି ସ୍ତର ତଳେ ନିରନ୍ତର ହ୍ରାସ ଆହୁରି ସଂଶୋଧନ ଆଣିପାରେ। ତୈଳ ମୂଲ୍ୟ ମଧ୍ୟ ବର୍ଷକୁ ଏକ ସକାରାତ୍ମକ ଭାବରେ ଆରମ୍ଭ କରିଥିଲା, ଡବ୍ଲ୍ୟୁଟିଆଇ ଅଶୋଧିତ ତୈଳ ପ୍ରତି ବ୍ୟାରେଲ ଟ.୫୭.୩ ନିକଟରେ ସପ୍ତାହ ବନ୍ଦ ହୋଇଥିଲା। ୨୦୨୫ ତେଲ ପାଇଁ ଏକ କଷ୍ଟକର ବର୍ଷ ଥିଲା, ଅଧିକ ଯୋଗାଣ ଚିନ୍ତା ଯୋଗୁଁ ଏହା ପ୍ରାୟ ୨୦ ପ୍ରତିଶତ ହ୍ରାସ ପାଇଥିଲା।

ତଥାପି, ଭେନେଜୁଏଲା ସହ ଜଡିତ ବୃଦ୍ଧି ପାଉଥିବା ଉତ୍ତେଜନା ଏବଂ ଶକ୍ତି ଭିତ୍ତିଭୂମି ଉପରେ ରୁଷ-ୟୁକ୍ରେନର ପୁନରାବୃତ୍ତି ଆକ୍ରମଣ ବିପଦ ପ୍ରିମିୟମ୍ ବୃଦ୍ଧି କରିଛି। ବଜାରଗୁଡ଼ିକ ଏବେ ଜାନୁଆରୀ ୪ରେ ଓପିଇସି+ ବୈଠକ ଉପରେ ନଜର ରଖିଛନ୍ତି, ଯେଉଁଠାରେ ଏହା ବହୁଳ ଭାବରେ ଆଶା କରାଯାଉଛି ଯେ ଏହି ଗୋଷ୍ଠୀ ଅତିରିକ୍ତ ଯୋଗାଣ ବୃଦ୍ଧି ଉପରେ ସ୍ଥଗିତ ରଖିବ।

ବର୍ଷ ଆରମ୍ଭରେ ମୂଳ ଧାତୁଗୁଡ଼ିକ ଶକ୍ତି ଦେଖାଇଲା, ସେମାନଙ୍କର ବର୍ଷ ଶେଷ ଗତି ଜାରି ରଖିଲା। ତମ୍ବା ମୂଲ୍ୟ ରେକର୍ଡ ଉଚ୍ଚତା ନିକଟରେ ପହଞ୍ଚିଲା, ଯେତେବେଳେ ଆଲୁମିନିୟମ ୨୦୨୨ ପରେ ପ୍ରଥମ ଥର ପାଇଁ ପ୍ରତି ଟନ୍ ଟ.୩,୦୦୦ ଅତିକ୍ରମ କଲା। ଏସୀୟ ବିନିମୟରେ ପ୍ରବଳ ଚାହିଦା ବିଶ୍ୱବ୍ୟାପୀ ମୂଲ୍ୟକୁ ସମର୍ଥନ କରିବାରେ ସାହାଯ୍ୟ କଲା।

# ଅଲଗା ହେଲେ ଜୟ ଭାନୁଶାଳୀ-ମାହି

## ସିନେମାଫିନେମା ଟିଭିଫିଭି



ପ୍ରସିଦ୍ଧ ଟିଭି ଦମ୍ପତି ଜୟ ଭାନୁଶାଳୀ ଏବଂ ମାହି ଭିଜ ଶେଷରେ ଛାଡପତ୍ର ନେଇଛନ୍ତି। ଜୟ ଭାନୁଶାଳୀ ତାଙ୍କ ଇନଷ୍ଟାଗ୍ରାମରେ ଏକ ଷ୍ଟୋରୀ ଶେୟାର କରି ଛାଡପତ୍ରକୁ ନିଶ୍ଚିତ କରିଛନ୍ତି। ସେମାନଙ୍କ ଅଲଗା ହେବାର ଗୁଜବ ବହୁତ ଦିନ ଧରି ଶିରୋନାମା ପାଲଟିଥିଲା, କିନ୍ତୁ ଏବେ ଜୟ ଶେଷରେ ତାଙ୍କର ନୀରବତା ଭାଙ୍ଗି ମାହି ଭିଜଙ୍କ ସହିତ ତାଙ୍କର ଛାଡପତ୍ରକୁ ନିଶ୍ଚିତ କରିଛନ୍ତି। ମାହି ଏବଂ ଜୟଙ୍କ ୧୪ ବର୍ଷର ବିବାହ ଶେଷ ହୋଇଛି। ପୋଷ୍ଟ ଶେୟାର କରି ଜୟ ଲେଖିଛନ୍ତି, 'ଆମ ସମ୍ପର୍କରେ କୌଣସି ଖଳନାୟକ ନାହାନ୍ତି।'

ଜୟ ଭାନୁଶାଳୀ ତାଙ୍କ ଇନଷ୍ଟାଗ୍ରାମ ଷ୍ଟୋରୀରେ ଏକ ଲମ୍ବା ପୋଷ୍ଟ ସେୟାର କରିଛନ୍ତି। ଅଭିନେତା ଲେଖିଛନ୍ତି, 'ଆଜି ଆମେ ଜୀବନର ଏହି ଯାତ୍ରାରେ ଭିନ୍ନ ପଥ ବାଛିବାକୁ ନିଷ୍ପତ୍ତି ନେଉଛୁ, କିନ୍ତୁ ଆମେ ସର୍ବଦା ପରସ୍ପର ସହିତ ରହିବୁ। ଶାନ୍ତି, ଆଗକୁ ବଢ଼ିବା, ଦୟା ଏବଂ ମାନବିକତା ଆମ ପାଇଁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ।' ଆମେ ସବୁବେଳେ ଆମର ପିଲା, ତାରା, ଖୁସି ଏବଂ ରାଜବୀରଙ୍କ ପାଇଁ ଭଲ ପିତାମାତା ଏବଂ ସର୍ବୋତ୍ତମ ବନ୍ଧୁ ହେବୁ ଏବଂ ସେମାନଙ୍କ ମଙ୍ଗଳ ପାଇଁ ଯଥାସମ୍ଭବ ଚେଷ୍ଟା କରିବୁ।

ପୋଷ୍ଟରେ ଅଭିନେତା ଆହୁରି ଲେଖିଛନ୍ତି, 'ଆମେ ଆଉ ଏକାଠି ନ ରହିପାରୁ, କିନ୍ତୁ ଏହି ନିଷ୍ପତ୍ତିରେ କୌଣସି ଭୁଲ କିମ୍ବା ଦୋଷ ନାହିଁ। ଏଥିରେ କୌଣସି ନକାରାତ୍ମକତା ନାହିଁ। ଆମେ ଚାହୁଁଛୁ ଯେ ଲୋକମାନେ ବୁଝିବା ପୂର୍ବରୁ, ଆମେ ନାଟକ ଅପେକ୍ଷା ଶାନ୍ତି ଏବଂ ବୁଝାମଣାକୁ ବାଛିଛୁ। ଆମେ ପରସ୍ପରକୁ ସମ୍ମାନ କରିବୁ, ପରସ୍ପରକୁ ସମର୍ଥନ କରିବୁ ଏବଂ ବନ୍ଧୁ ହୋଇ ରହିବୁ। ଆମେ ଆଗକୁ ବଢ଼ିବା ସହିତ ଆପଣଙ୍କ ସମସ୍ତଙ୍କଠାରୁ ସମ୍ମାନ, ପ୍ରେମ ଏବଂ ବୁଝାମଣା ମଧ୍ୟ ଆଶା କରୁଛୁ।'

ଜୟ ଭାନୁଶାଳୀ ଏବଂ ମାହି ଭିଜ ୨୦୧୧ରେ ବିବାହ କରିଥିଲେ। ଟିଭିରେ ସେମାନଙ୍କୁ ଏକ ପାଓ୍ୱାରଫଉଲ ଦମ୍ପତି ଭାବରେ ବିବେଚନା କରାଯାଉଥିଲା। ସେମାନେ ଦୀର୍ଘ ସମୟ ଧରି ଡେଟିଂ କରିବା ପରେ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ। ସେମାନଙ୍କର ଏକ ୬ ବର୍ଷର ଝିଅ, ତାରା ମଧ୍ୟ ଅଛି। ତାରା ବ୍ୟତୀତ, ଜୟ ଏବଂ ମାହି ଖୁସି ଏବଂ ରାଜବୀରଙ୍କ ପିତାମାତା ମଧ୍ୟ ଅଟନ୍ତି, ଯେଉଁମାନେ ପାଳିତ ହୋଇଛନ୍ତି।

# ମୌଳିକ ସୁବିଧାରୁ ବଞ୍ଚିତ ବଡ଼ଖମନପଡ଼ା



**୨।୧ : ଏକ୍ସପ୍ରେସ୍ ନ୍ୟୁଜ୍**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସଦର ମହକୁମାରେ ସରକାରୀ ବିକାଶର ଏକ ନଗ୍ନ ଚିତ୍ର ସାମ୍ନାକୁ ଆସିଛି । ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ୨ କିଲୋମିଟର ଏବଂ ତହସିଲ କାର୍ଯ୍ୟାଳୟଠାରୁ ମାତ୍ର ୧ କିଲୋମିଟର ଦୂରରେ ଅବସ୍ଥିତ ୨ ନମ୍ବର ୱାର୍ଡର 'ବଡ଼ଖମନପଡ଼ା' ଆଜି ବି ମୌଳିକ ସୁବିଧାରୁ ବଞ୍ଚିତ ଅଛି । ଦେଶ ସାଧୀନତାର ୭୯ ବର୍ଷ ବିତିଯାଇଥିଲେ ହେଁ ଏହି ପଡ଼ାକୁ ଆଜି ପର୍ଯ୍ୟନ୍ତ ବିଜୁଳି ଖୁଣ୍ଟିଟିଏ ପହଞ୍ଚି ପାରିନାହିଁ । ପ୍ରାୟ ୧୦ଟି ପରିବାର ବସବାସ କରୁଥିବା ଏହି ପଡ଼ାରେ ବିଜୁଳି ସଂଯୋଗ ନ ଥିବାରୁ ଲୋକେ ଘୋର ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ବିଶେଷ କରି ପିଲାମାନେ ଲଣ୍ଠନ କିମ୍ବା ଡିବିରି ଆଲୁଅରେ ପାଠ ପଢିବାକୁ ବାଧ ହେଉଛନ୍ତି । ପ୍ରଶାସନିକ କାର୍ଯ୍ୟାଳୟଗୁଡ଼ିକ ଏହାର ଅତି ନିକଟରେ ଥିଲେ ମଧ୍ୟ ଏହି ଅନ୍ଧକାର ସାଧାରଣରେ ଆଶ୍ଚର୍ଯ୍ୟ ପ୍ରକଟ କରିଛି । ପାଣି ପାଇଁ ପଡ଼ାରେ ମାତ୍ର ଗୋଟିଏ ନଳକୂପ ରହିଛି । ହେଲେ ଗ୍ରୀଷ୍ମ ଦିନେ ଏହି ନଳକୂପରୁ ପାଣି ବାହାରୁ ନ ଥିବାରୁ ଲୋକେ ନାଳ ଓ ଝରଣାର ଅଶୁଦ୍ଧ ପାଣି ବ୍ୟବହାର କରୁଛନ୍ତି । ଫଳରେ ଏଠାରେ ଜଳବାହିତ ରୋଗର ଭୟ ଲାଗି ରହିଛି । ଏହି ପଡ଼ାର ରାସ୍ତାଘାଟ ଶୋଚନୀୟ ହୋଇ ପଡ଼ିଥିବାବେଳେ ଲୋକେ ଏବେ ବି ଦଦରା କୁଡ଼ିଆ ଘରେ ରହୁଛନ୍ତି । ପଡ଼ାରେ ପାଇଖାନା ସୁବିଧା ନଥିବା ବେଳେ ବୃଦ୍ଧବୃଦ୍ଧାମାନଙ୍କୁ ସରକାରୀ ଭତ୍ତା ମଧ୍ୟ ମିଳୁନଥିବା ଅଭିଯୋଗ ହୋଇଛି । ଏନେଇ ବାରମ୍ବାର ବ୍ଲକ ପ୍ରଶାସନକୁ ଗୁହାରି କରିଥିଲେ ସୁଦ୍ଧା କୌଣସି ସୁଫଳ ମିଳିପାରୁ ନାହିଁ । ଏଣୁ ତୁରନ୍ତ ଏହି ପଡ଼ାକୁ ବିଜୁଳି ଆଲୁଅ, ଭଲ ରାସ୍ତା, ପାନୀୟ ଜଳ, ପକ୍କା ଘର ଏବଂ ପାଇଖାନା ଯୋଗାଇ ଦେବାକୁ ପଡ଼ାବାସୀ ଦୃଢ ଦାବି କରିଛନ୍ତି ।

## ଆଜିର ରାଶିଫଳ

| ତାରିଖ | ସୋମବାର–ଦ୍ୱିତୀୟା |
|---|---|
| ୫.୧.୨୦୨୬ | ନକ୍ଷତ୍ର– ପୁଷ୍ୟା, କର୍କଟଚନ୍ଦ୍ର |

| | | |
|---|---|---|
| **ମେଷ** | : | କ୍ଲେଶ ଓ ଅଶାନ୍ତି ଦୂର ହେବ । |
| **ବୃଷ** | : | କାର୍ଯ୍ୟସିଦ୍ଧି ହେବ । |
| **ମିଥୁନ** | : | ଧନନାଶ ହୋଇପାରେ । |
| **କର୍କଟ** | : | ବ୍ୟବସାୟରେ ଭଲ ଆୟ ହେବ । |
| **ସିଂହ** | : | ସ୍ୱାସ୍ଥ୍ୟରେ ଅବନତି ଦେଖାଦେବ । |
| **କନ୍ୟା** | : | ବନ୍ଧୁମିଳନ ଯୋଗ ରହିଛି । |
| **ତୁଳା** | : | ଦିନଟି ସୌଖ୍ୟପ୍ରଦ ରହିବ । |
| **ବିଛା** | : | ଗୁରୁପୂଜାରେ ଖୁସି ପାଇବେ । |
| **ଧନୁ** | : | ଚୋରୀ ଓ ଅଘଟଣ ଭୟ ରହିଛି । |
| **ମକର** | : | ସୁସମାଚାର ପ୍ରାପ୍ତି ହେବେ । |
| **କୁମ୍ଭ** | : | ଆମୋଦନ ପ୍ରମୋଦରେ ଦିନଟି କଟିବ । |
| **ମୀନ** | : | ପ୍ରୀତିହାନି ହେବ । |

## ବ୍ରିଜ ତଳକୁ ବାଇକ ଖସି ଯୁବକ ମୃତ

**ମୋହନା, ୪।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଗଜପତି ଜିଲା ମହେନ୍ଦ୍ରଗଡ ଗାଁ ନିକଟରେ ଥିବା ବ୍ରିଜ ତଳ ନଈକୁ ଖସିଲା ବାଇକ । ବାଇକ୍ ଖସିବା ଫଳରେ ଜଣଙ୍କ ମୃତ୍ୟୁ ହେବା ସହ ଜଣେ ଆହତ ହୋଇଛନ୍ତି । ମୃତ ଯୁବକ ଜଣକ ଆର୍ ଉଦୟଗିରି ଥାନା ଅନ୍ତର୍ଗତ ଖାରିଗୁମା ଗ୍ରାମର କୁରେଶ ଦଳେଇ । ସୂଚନା ଅନୁସାରେ ଶନିବାର ଦିନ ଦୁଇ ଯୁବକ ମହେନ୍ଦ୍ରଗଡ ଗ୍ରାମରୁ ନିଜ ଗାଁ ଖାରିଗୁମା ଗାଁକୁ ଯିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା । ସୂଚନା ପାଇ ଆର୍ ଉଦୟଗିରି ଅଗ୍ନିଶମ ବିଭାଗ ଘଟଣାସ୍ଥଳରେ ପହଞ୍ଚି ନଈରେ ପଡ଼ି ରହିଥିବା କୁରେସଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରିଛନ୍ତି । ଘଟଣାସ୍ଥଳରେ ପୋଲିସ ପହଞ୍ଚି ମୃତ କୁରେଶ ଓ ବାଇକକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି ।

## ଅବାଧରେ ଚାଲିଛି ନିଶା କାରବାର

**ଦାରିଙ୍ଗିବାଡ଼ି, ୪।୧ : ଏକ୍ସପ୍ରେସ୍ ନ୍ୟୁଜ୍**

କନ୍ଧମାଳ ଜିଲା ଦାରିଙ୍ଗବାଡି ଥାନା କିରିକୁଟି ପଞ୍ଚାୟତ ଅଞ୍ଚଳରେ ଦିନକୁ ଦିନ ଚୋରା ମଦ କାରବାର ବୃଦ୍ଧି ପାଇଛି । ଅଞ୍ଚଳରେ ଶାନ୍ତି ଫେରି ଆସିବା ପାଇଁ ଅବାଧରେ ଚାଲିଥିବା ନିଶା କାରବାରକୁ ବନ୍ଦ କରାଯିବା ଆବଶ୍ୟକ ବୋଲି କିରିକୁଟି ଗ୍ରାମରେ ବୈଠକ କରି ଏ ସମ୍ପର୍କରେ ଦାରିଙ୍ଗବାଡି ଥାନାରେ ଲିଖିତ ଅଭିଯୋଗ କରାଯିବାକୁ ନିଷ୍ପତି ଗ୍ରହଣ କରାଯାଇଥିଲା । ଆଇଆଇସି ସଂଗ୍ରାମ କେଶରୀ ଜେନାଙ୍କୁ ଲିଖିତ ଅଭିଯୋଗ କରାଯାଇଛି । ତୁରନ୍ତ କିଟିକୁଟି ଅଞ୍ଚଳରେ ଅବାଧରେ ଚାଲିଥିବା ମଦବ୍ୟବସାୟିଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବା ସହ ଅଞ୍ଚଳରେ ନିଶା କାରବାର ବନ୍ଦ କରିବାକୁ ନିବେଦନ କରାଯାଇଛି ।ଏନେଇ ନୂତନ ଭାବେ କାର୍ଯ୍ୟରେ ଯୋଗଦାନ କରିଥିବା ଆଇଆଇଆସି ଏନେଇ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିବା ଜଣାପଡିଛି ।

## ଶହ ଶହ ବାଲିଟ୍ରକ ଯୋଗୁଁ ପରିବେଶ ପ୍ରଦୂଷିତ

**ବାଙ୍କୀ, ୪।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବାଙ୍କୀ ସହର ଦେଇ ପ୍ରତିଦିନ ଶହ ଶହ ବାଲିଟ୍ରକ୍ ଯାତାୟାତ କରୁଛି। ବାଙ୍କୀ ମେନରୋଡ ଦେଇ ଟ୍ରକ୍ ଯିବାଆସିବା ଫଳରେ ସାଧାରଣ ଲୋକମାନେ ଯାତାୟତ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ପରିବା ଦୋକାନୀମାନେ ରାସ୍ତାକଡରେ ପରିବା ରଖି ବିକ୍ରୟ କରିବା ଫଳରେ ଗ୍ରାହକମାନେ ରାସ୍ତାଉପରେ ମୋଟର ସାଇକେଲ ରଖି ପରିବାପତ୍ର କିଣିବା ଫଳରେ ରାସ୍ତା ସମ୍ପୂର୍ଣ୍ଣ ଜାମ୍ ହେଉଛି । ବାଙ୍କୀ ଏନ୍ଏସି ପୂର୍ବରୁ ରାସ୍ତା ଚଉଡା ପାଇଁ ଅନଧିକାର ବଢ଼ିଥିବା ଦୋକାନଗୁଡିକ ଭାଙ୍ଗି ଦେଇଥିଲେ ମଧ୍ୟ ବର୍ତ୍ତମାନ ବେପାରୀମାନେ ତାକୁ ଖାତିର ନକରି ଆଗକୁ ପୁନଶ୍ଚ ପରିବା ରଖି ବେପାରବାଣିଜ କରୁଛନ୍ତି । ବାଲି ଟ୍ରକ୍ ଯିବା ଯୋଗୁଁ ପ୍ରବଳ ଭାବେ ଧୂଳି ଉଡି ବାୟୁ ପ୍ରଦୂଷଣ ହେଉଅଛି । ବାଙ୍କୀ ସହରରେ ଟ୍ରାଫିକ୍ ସମସ୍ୟା ଅତ୍ୟନ୍ତ





ଗୁରୁତର । ସନ୍ଧ୍ୟାବେଳେ କୌଣସି ଛକରେ ପୋଲିସ୍ ପ୍ରଶାସନ ପକ୍ଷରୁ କେହି ରହିନଥିବାରୁ କିମ୍ବା ପୋଲିସ୍ ଗାଡି ନବୁଲିବା ଫଳରେ ଲୋକମାନେ ରାସ୍ତା ଉପରେ ଗାଡି ରଖି ଗପସପ କରୁଛନ୍ତି । ବାଲି ଗାଡି ଯିବା ଫଳରେ ବାୟୁ ପ୍ରଦୂଷଣ ଅତିମାତ୍ରାରେ ବଢୁଛି । ପରିବା ବ୍ୟବସାୟୀ ଏବଂ ଜଳଖିଆ ଦୋକାନୀମାନଙ୍କୁ ଏନ୍ଏସି ତରଫରୁ ସେମାନଙ୍କର ବର୍ଜ୍ୟବସ୍ତୁ ରଖିବା ପାଇଁ ବଡବାଲ୍‌ଟି ଯୋଗାଇ ଦେଇଥିଲେ ମଧ୍ୟ ସେଥିରେ ସେମାନେ ନରଖି ରାସ୍ତା ଉପରେ ପକାଇବା ଫଳରେ ଗାଈଗୋରୁ ଷଣ୍ଢମାନଙ୍କର ଉତ୍ପାତ ବଢୁଛି। ରାତିରେ ଏନ୍.ଏ.ସି ପକ୍ଷରୁ ବର୍ଜ୍ୟବସ୍ତୁ ନେବାପାଇଁ ଗାଡି ବୁଲୁଥିଲେ ମଧ୍ୟ କିଛି ବେପାରୀମାନେ ଏଥିରେ ଅଳିଆ ନଦେଇ ରାସ୍ତା ଉପରେ ପକାଉଛନ୍ତ । ମୁଖ୍ୟରାସ୍ତାରେ ଷଣ୍ଢ ଲଢ଼େଇ ହୋଇ ଲୋକମାନେ ଖଣ୍ଡିଆଖାବରା ହେବା ସହ ବହୁ ମୋଟରସାଇକେଲ ଭାଙ୍ଗୁଛି । ପୂର୍ବରୁ ମଧ୍ୟ ଜଣେ ବ୍ୟବସାୟୀଙ୍କ ଷଣ୍ଢ ଆକ୍ରମଣରେ ମୃତ୍ୟୁ ଘଟିଥିବା ବେଳେ ବହୁ ଲୋକ ଅକ୍ରମଣ୍ୟ ହୋଇପଡିଛନ୍ତି । ଏଥିପ୍ରତି ବାଙ୍କୀ ପ୍ରଶାସନ, ପୋଲିସ୍ ପ୍ରଶାସନ ତଥା କଟକ ଜିଲ୍ଲାପାଳ ଦୃଷ୍ଟି ଦେବା ପାଇଁ ବାଙ୍କୀ ସଚେତନ ନାଗରିକମାନଙ୍କ ପକ୍ଷରୁ ଦାବି କରାଯାଇଛି ।

## ସିଏଚସିରୁ ହଟିବେ ଗାଦିମଡା କର୍ମଚାରୀ

**ଭଣ୍ଡାରୀପୋଖରୀ, ୪।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶୃଙ୍ଖଳିତ କରିବା ପାଇଁ ଗାଦିମଡା ଏଏନଏମ ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କୁ ବଦଳି କରାଯିବ ବୋଲି ଭାରପ୍ରାପ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୂଚନା ଦେଇଛନ୍ତ । ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକ୍ଷକ ଡା. କମଳାକାନ୍ତ ସ୍ୱାଇଁଙ୍କୁ ଡେପୁଟେସନରେ ଭଦ୍ରକ ପଠାଯିବା ପରେ ସୃଷ୍ଟି ହୋଇଥିବା ବିଶୃଙ୍ଖଳା ପଛରେ କେତେକ ଗାଦିମଡା ଏଏନଏମ ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କ ଭୂମିକା ଦୃଷ୍ଟିକୁ ଆସିଛି । ଫଳରେ ଏଭଳି ପଦକ୍ଷେପ ଗ୍ରହଣ କରାଯିବା ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥିବା ଜଣାଯାଇଛି । ବହୁ ବର୍ଷ ଧରି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟକରିବା ଫଳରେ ସେମାନେ ବିବାଦୀୟ ହୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପ୍ରଶାସନକୁ ଖୋଲା ଚ୍ୟାଲେଞ୍ଜ ଦେଉଥିବା ଜଣାଯାଇଛି। ନିର୍ଦ୍ଦିଷ୍ଟ କେତେକ ଏଏନଏମ ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କ ବିରୋଧରେ ଅଭିଯୋଗର ଫର୍ଦ୍ଦ ବହୁତ ଲମ୍ବା। ଗାଦିମଡା ଏଏନଏମ ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବା ସହ କାର୍ଯ୍ୟକ୍ରମ ପରିଚାଳନାରେ ବାଧା ସୃଷ୍ଟି ହେଉଥିବା ଅନୁଭବ କରିବା ପରେ ଜିଲ୍ଲା ମେଡିକାଲ କର୍ତ୍ତୃପକ୍ଷ ଏହାର ପ୍ରତିକାର କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି। ସ୍ୱାସ୍ଥ୍ୟକେନ୍ଦ୍ର ବିଶୃଙ୍ଖଳାକୁ ସୁଧାରିବାକୁ ହେଲେ ଗାଦିମଡା ଏଏନଏମ ଓ ପୁରୁଷ ସ୍ୱାସ୍ଥ୍ୟକର୍ମୀଙ୍କୁ ବଦଳି ଆବଶ୍ୟକ ବୋଲି ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ସୁଧିରଞ୍ଜନ ନାୟକ ସ୍ପଷ୍ଟ ମତ ରଖିଛନ୍ତି ।

## ଚୋରି ଗାଡି କିଣିବା ମହଙ୍ଗା ପଡିଲା

**ନିଆଳି, ୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଚୋରା ଗାଡି କିଣିବା ଜଣେ ବ୍ୟକ୍ତିଙ୍କୁ ମହଙ୍ଗା ପଡିଛି । ସୂଚନା ମୁତାବକ ନିଆଳି ଥାନାରେ ମାଧବ ଗ୍ରାମର ସୁକାନ୍ତ ମଲିକ ଘର ଅଗଣା ରୁସୁକାନ୍ତ ମଲିକଙ୍କ ନୂଆ ପଲସର ଗାଡି ଓଡ଼ି–୦୨ସିପି–୮୮୧୨ ଚୋରି ହୋଇଥିବା ନେଇ ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଆଧାର କରି ନିଆଳି ପୋଲିସ ୩୯୯/୨୫ରେ ମାମଲା ରୁଜୁ କରି ତଦନ୍ତ କରିଥିଲା । ଗାଡି ଚୋରି ଘଟଣା ରେ ଜିଲ୍ଲା ବାହାରୁ ଅଭିଯୁକ୍ତ ମାନେ ସାମିଲ ଥିବା ତଦନ୍ତରୁ ପୋଲିସ ଜାଣିବାକୁ ପାଇଥିଲା । ଏହି ଗାଡି ଟିକୁ ନୟାଗଡ଼ ଜିଲ୍ଲା ଶରଣ କୁଳ ଥାନାର ସଂସାରୀ ସେନାପତିଙ୍କ ପୁଅ ଶରତ ସେନାପତି କିଣିଥିଲେ । ସେ ପୁରୀ ଜିଲ୍ଲା ବାସେଳୀ ଥାନା ଅଧିନସ୍ଥ ପାର୍ବତୀପୁର କଇଁଫୁଲ ଗଡ଼ରେ ରହୁଥିବା ବେଳେ ଚାରିଛକ ଅଞ୍ଚଳର ବିଜୟକୁମାର ଖଟେଇ ଓରଫ କୁହୁରା ଠାରୁ ୩ ହଜାର ୫ ଶହ ଟଙ୍କାରେ ଚୋରା ଗାଡି ଜାଣିଥିବା ସତ୍ତ୍ୱେ କିଣିଥିଲା । ହେଲେ କୁହୁରା ଅନ୍ୟ ଏକ ଘଟଣାରେ ଗିରଫ ହୋଇ ପୁରୀ ଜିଲ୍ଲା ନିମାପଡା ଜେଲ ରେ ରହିଥିବା ବେଳେ ଚୋରା ଗାଡି କିଣିଥିବା ଶରତ ସେନାପତିଙ୍କୁ ପୋଲିସ ଗିରଫ କରି ତା' ନିକଟରୁ ଗାଡିଟି ଜବତ କରିଛି । ନିଆଳି ପୋଲିସ ମୁଖ୍ୟ ଅଭିଯୁକ୍ତ କୁହୁରାକୁ ରିମାଣ୍ଡରେ ଆଣି ତା' ନାମରେ ମାମଲା ରୁଜୁ କରିଥିବା ଆଇ ଆଇ ସି ଦିଲୀପ କୁମାର କାଣ୍ଡି ଓ ତଦନ୍ତକାରୀ ଅଫିସର ସୁଧାକର ପଣ୍ଡା ସୂଚନା ଦେଇଛନ୍ତି । ନିଆଳି ଅଞ୍ଚଳରୁ ଚୋରି ହୋଇଥିବା ଗାଡି ଗୁଡିକ ଅନ୍ତର୍ଜିଲା ଚୋର ସମ୍ପୃକ୍ତି ନେଇ ପୂର୍ବରୁ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା ।

## ଦୟା ଓ ମକରା କଳିକତି ଦଳରେ ଭର୍ତ୍ତି : ଜଳ ନିଷ୍କାସନରେ ବାଧା



**କଣାସ, ୪।୧ : ଏକ୍ସପ୍ରେସ୍ ନ୍ୟୁଜ୍**

କଣାସ ବ୍ଲକରେ ପ୍ରବାହିତ ହେଉଥିବା ଦୟାନଦୀ ଓ ତାହାର ଶାଖାନଦୀ ମକରାନଦୀରେ କଳିକତି ଦଳ ପୂର୍ଣ୍ଣ ଜଳ ନିଷ୍କାସନରେ ଗୁରୁତ୍ୱର ବ୍ୟାଘାତ ସୃଷ୍ଟି କରୁଛି ଓ ନଦୀକୁ ସଂଯୋଗ କରୁଥିବା ବିଭିନ୍ନ ନିଷ୍କାସନ ନାଳରେ ଦଳପୂର୍ଣ୍ଣ ଯୋଗୁଁ ନଦୀରୁ ନାଳମଧ୍ୟଦେଇ ଜଳ ପ୍ରବେଶ କରିପାରୁନଥିବାରୁ ରବି ଚାଷୀ କରୁଥିବା ଚାଷୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏପରି କି କଣାସ ଅଞ୍ଚଳର ଦୈନନ୍ଦିନ ୧୦ହଜାରରୁ ଉର୍ଦ୍ଧ୍ୱ ବିଭିନ୍ନ ଗ୍ରାମର ମତ୍ସ୍ୟଜୀବୀ ଡଙ୍ଗାନେଇ ପ୍ରଭାତରୁ ଚିଲିକା କୁ ଯାଇ ମାଛମାରି ପୁନଶ୍ଚ ସନ୍ଧ୍ୟାକୁ ଘରକୁ ଫେରିଆସନ୍ତି । ଦଳପୂର୍ଣ୍ଣ ଯୋଗୁଁ ଡଙ୍ଗା ଯିବାରେ ମତ୍ସ୍ୟଜିବୀମାନେ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି ।

## ପଥର ବୋଝେଇ ଡମ୍ଫର ଜବତ

**ସୋର, ୪।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ସୋର ତହସିଲ ପକ୍ଷରୁ ଚଢାଉ କରାଯାଇ ଏକ ପଥର ବୋଜେଇ ଡମ୍ଫର ଜବତ କରାଯାଇଥିବା ଜଣାପଡିଛି। ସୂଚନା ଅନୁସାରେ ଶନିବାର ମଧ୍ୟାହ୍ନରେ ପଥର ଲୁଟ ଚାଲିଥିବାର ଖବର ପାଇ ସୋର ତହସିଲଦାର ଦୈତାରି ମଲ୍ଲିକ ସୋର ଥାନା ବରଫ କଳ ଛକ ନିକଟରେ ଅଚାନକ ଚଢାଉ କରିଥିଲେ। ଏହି ସମୟରେ ବେଆଇନ ଭାବେ ଓଆର ୧୬ ଡି ୩୨୧୭ ନମ୍ବର ବିଶିଷ୍ଟ ଏକ ପଥର ବୋଝେଇ ଡମ୍ଫର ଖଞ୍ଜାମାହାଲ ପାହାଡ଼ରୁ ବାଲେଶ୍ୱର ଅଭିମୁଖେ ଯାଉଥିବା ବେଳେ ଉକ୍ତ ଗାଡିକୁ ଜବତ କରି ସୋର ପୁଲିସକୁ ହସ୍ତାନ୍ତର କରିଥିବା ଜଣାପଡିଛି ।

## ଥାନାରେ କାର୍ଯ୍ୟକାରୀ ହେଉନି ବଦଳି ଆଦେଶ

**ଭଣ୍ଡାରିପୋଖରୀ, ୪।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଭଣ୍ଡାରିପୋଖରୀ ଥାନା ସହକାରୀ ସବଇନିସପେକ୍ଟର ବୁଦ୍ଧିରାମ ପୁର୍ତ୍ତିଙ୍କ ବଦଳି ଆଦେଶ କାର୍ଯ୍ୟକାରୀ ହେଉନି । ଗତ ନଭେମ୍ବର ୪ ତାରିଖରେ ବନ୍ତ ଥାନାକୁ ହୋଇଥିବା ବଦଳି ଆଦେଶକୁ ୨ ମାସ ପୂରଣ ହୋଇଛି । ସମାନ ଆଦେଶରେ ଥାନାକୁ ଡ୍ରାଇଭରଙ୍କୁ ରିଲିଭ କରିଦିଆଯାଇଛି । ହେଲେ ସଂପୃକ୍ତ ଏଏସଆଇଙ୍କୁ ଥାନାରୁ ରିଲିଭ କରାଯାଉ ନାହିଁ। ସେହିପରି ଥାନାରେ ୪ ବର୍ଷ କାର୍ଯ୍ୟକାଳ ପୂରଣ କରିସାରିଥିବା କନେଷ୍ଟବଳ ପ୍ରଦୀପ ଜେନାଙ୍କ ନାମରେ ବହୁ ଅଭିଯୋଗ ଜିଲ୍ଲା ପୁଲିସ ଅଧିକ୍ଷକଙ୍କ ନିକଟରେ ହୋଇଛି । ଥାନା ଅଞ୍ଚଳରେ ମାଦକଦ୍ରବ୍ୟ ବେପାର ପ୍ରତି ସଂପୃକ୍ତ କନେଷ୍ଟବଳଙ୍କ ଦୁର୍ବଳତା ରହିଛି ବୋଲି ଅଭିଯୋଗଗୁଡିକରେ ଦର୍ଶାଯାଇଛି । ମାଦକଦ୍ରବ୍ୟ ଚୋରା ବେପାରୀଙ୍କ ବିରୋଧରେ ପୁଲିସର ଅଭିଯାନ ସମ୍ପର୍କରେ ଆଗୁଆ ସୂଚନା ଦେଉଥିବା ଭଳି ଗୁରୁତର ଅଭିଯୋଗ ତାଙ୍କ ନାମରେ ହୋଇଥିବାରୁ ତାଙ୍କୁ ବଦଳି କରାଯିବା ଜରୁରୀ ହୋଇଛି । ଏ ସମ୍ପର୍କରେ ଜିଲ୍ଲା ପୁଲିସ ଅଧିକ୍ଷକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ବୋଲି ଥାନାଧିକାରିଣୀ ରାଜଲକ୍ଷ୍ମୀ ନାୟକ ସୂଚନା ଦେଇଛନ୍ତି ।

## ଗମ୍ଭାରିଆ ନାଳ ଉପରେ ନିମ୍ନମାନର ସେତୁ ନିର୍ମାଣ କାର୍ଯ୍ୟ

**ଢେଙ୍କାନାଳ, ୪।୧ ଏକ୍ସପ୍ରେସ୍ ନ୍ୟୁଜ୍**



କଙ୍କଡ଼ାହାଡ଼ ବ୍ଲକ୍ ପଙ୍ଗାତିରା ଗମ୍ଭାରିଆ ନାଳ ଉପରେ ନିମ୍ନମାନର ସେତୁ ନିର୍ମାଣ କାର୍ଯ୍ୟ ଚାଲୁଅଛି । ଏଠାରେ ବହୁଦିନ ଧରି ନୂତନ ପୋଲ ନିର୍ମାଣ କାର୍ଯ୍ୟ ପାଇଁ ଦାବି ହେଉଥିଲା ଏବଂ ସେତୁଟି ବହୁଦିନ ପରେ କାର୍ଯ୍ୟ ଚାଲୁରହିଛି । କିନ୍ତୁ ଦୁର୍ଭାଗ୍ୟର ବିଷୟ ଏଠାରେ ଯେଉଁ ଠିକାଦାର କାର୍ଯ୍ୟ କରୁଛି ବିନା ସୁରକ୍ଷା ନିରାପତା ସହିତ କାର୍ଯ୍ୟ କରୁଛିନ୍ତୁ ଏହି ସେତୁଟି କେତେ ଟଙ୍କା, ଅନୁଦାନ ରାଶି, କିଏ ଠିକାଦାର କି କାର୍ଯ୍ୟ ସୂଚନା ଫଳକ ନାହିଁ । ବିଭାଗର ମନ୍ତ୍ରୀ ବାରମ୍ବାର କହୁଥିବା କଥାକୁ ଠିକାଦାର ବେଖାତିରି କରି କାର୍ଯ୍ୟ କରିଚାଲିଛି । ସବୁଠାରୁ ବଡ଼ କଥା ହେଲା ପରଜଙ୍ଗ ବିଧାୟକ ବିଭୂତି ପ୍ରଧାନଙ୍କ ଗାଁରେ ଏହିପରି କାର୍ଯ୍ୟ କରାଯାଉଛି । କାର୍ଯ୍ୟନିର୍ବାହୀ ଅଧିକାରୀ ଉପସ୍ଥିତିରେ ନିମ୍ନମାନର କାର୍ଯ୍ୟ ଚାଲୁରହିଛି । ପ୍ରଥମେ ଫାଉଣ୍ଡେସନ ଅତି ନିମ୍ନମାନର କାର୍ଯ୍ୟ ଚାଲୁରହିଥିବା ବେଳେ ଏହାରି ଉପରେ ଗାଡିଚଳା ଚଳ ହେଲା ବେଳକୁ ସେତୁଟି ଭାଙ୍ଗି ଯିବାର ଆଶଙ୍କା ରହିଛି । ଠିକାଦାର ଏବଂ ଯନ୍ତ୍ରୀ ମିଳିଭଗତରେ ନିମ୍ନମାନର କାର୍ଯ୍ୟର କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଅନୁରୋଧ ।

## ମଣ୍ଡି ଖୋଲିବା ବିଳମ୍ବ ଯୋଗୁଁ ଧାନର ଅଭାବି ବିକ୍ରି

**ବାଙ୍କୀ, ୪।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ବାଙ୍କୀ ଉପଖଣ୍ଡରେ ବାଙ୍କୀ ବ୍ଲକ, ଡମପଡ଼ା ବ୍ଲକ ଏବଂ ଏନ୍ଏସିରେ ଖରିଫ୍ ମଣ୍ଡି ନହେବା ଫଳରେ ଚାଷୀମାନେ ବାଧ ହୋଇ ବେପାରୀମାନଙ୍କୁ କମ୍ ମୂଲ୍ୟରେ ଧାନବିକ୍ରି କରୁଛନ୍ତି । କଟକ ଜିଲ୍ଲାରେ ଡିସେମ୍ବର ୨୬ରୁ ମଣ୍ଡି ଖୋଲାଯାଇ ପ୍ରାଥମିକ ସେବା ସମବାୟ ସମିତି ଏବଂ ସ୍ୱୟଂସହାୟକ ଗୋଷ୍ଠୀ ମାଧ୍ୟମରେ ଧାନ କ୍ରୟ କରିବା ପାଇଁ ସ୍ଥିର କରାଯାଇଥିବା ବେଳେ ବର୍ତ୍ତମାନ ସୁଧା କୌଣସି ଧାନ ବିକ୍ରି କରାଯାଇ ପାରୁନାହିଁ । ଅଧିକାଂଶ ସେବାସମବାୟ ସମିତିରେ ଚାଷୀମାନଙ୍କୁ ଧାନ ବିକ୍ରି ପାଇଁ ଟୁକନ ଆସିଥିଲେ ମଧ୍ୟ ମିଲର ଆସୁନଥିବାରୁ ମଣ୍ଡି ହେବାରେ ବିଳମ୍ବ ହେଉଛି । ଫଳରେ ଚାଷୀମାନେ ଧାନକୁ ବେପାରୀମାନଙ୍କୁ କମ୍ ମୂଲ୍ୟରେ ବିକ୍ରି କରବା ପାଇଁ ବାଧ ହେଉଛନ୍ତି। ତୁରନ୍ତ ଏଥିପ୍ରତି ସରକାର ଦୃଷ୍ଟି ଦେବାପାଇଁ କୃଷକ ନେତା କାହ୍ନୁଚରଣ ସିଂହ ଦାବି କରିଛନ୍ତି ।

## ଜିଲ୍ଲାର ବିଭିନ୍ନ କୋର୍ଟରେ ସରକାରୀ ଓକିଲଙ୍କ ଯୋଗଦାନ

**ଢେଙ୍କାନାଳ, ୪।୧ : ଏକ୍ସପ୍ରେସ୍ ନ୍ୟୁଜ୍**

ଦୀର୍ଘଦିନର ପ୍ରତୀକ୍ଷା ପରେ ଜିଲ୍ଲାର ବିଭିନ୍ନ କୋର୍ଟରେ ସରକାରୀ ଓକିଲ ନିଯୁକ୍ତ ନିର୍ଦ୍ଦେଶ ଶନାମା ଜାରି ହୋଇଛି । ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ଅଦାଲତରେ ସରକାରୀ ଓକିଲ (ପିପି) ଓ ଅତିରିକ୍ତ ସରକାରୀ ଓକିଲ ନିଯୁକ୍ତ କରାଯାଇଛି । ଜିଲ୍ଲା ତଥା ସେକ୍ସନ୍ ଅଦାଲତରେ ସରକାରୀ ପ୍ଲିଡର ଭାବେ ନବ କିଶୋର ଗୁରୁ ନିଯୁକ୍ତି ପାଇଥିବା ବେଳେ ସ୍ପେଶାଲ ପିପି ଭାବେ ସୟ କୁମାର ମିଶ୍ର, ଶିବ ପ୍ରସାଦ ସାହୁଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଛି । ସେହିପରି ଏଡି କମ୍ ଭିଜିଲାନ୍ସ ସ୍ପେସାଲ ଜଜ୍‌ଙ୍କ ଅଦାଲତରେ ଅତିରିକ୍ତ ପିପି ଭାବେ ସତ୍ୟନାରାୟଣ ସାହୁ, ସିଜେଏମ୍‌ଙ୍କ ଅଦାଲତରେ ଆସୋସିଏଟ୍ ଲୟର ଭାବେ ସୁଶାନ୍ତ କୁମାର ପାଣିଗ୍ରାହୀ, ସହକାରୀ ପିପି ଭାବେ ସୂର୍ଯ୍ୟମଣି ଧଳ, ସିଭିଲ୍ କୋର୍ଟ ରେଜିଷ୍ଟ୍ରାରଙ୍କ ଅଦାଲତରେ ସନ୍ତୋଷ କୁମାର ମହାପାତ୍ର, ସିଭିଲ୍ ଜଜ୍ ସିନିୟର ଡିଭିଜନଙ୍କ ଅଦାଲତରେ ଅତିରିକ୍ତ ସରକାରୀ ପ୍ଲିଡର ଭାବେ ଚତୁର୍ଭୁଜ ନନ୍ଦ, ସିଭିଲ୍ ଜଜ୍ ଏଲ୍ଆର୍‌ଙ୍କ ଅଦାଲତରେ ସହକାରୀ ସରକାରୀ ପ୍ଲିଡର ଭାବେ ବିଜୟ କୁମାର ସାହୁ, ସିଭିଲ୍ ଜଜ୍ ସିନିୟର ଡିଭିଜନ ମହିଳା ଅଦାଲତରେ ଆସୋସିଏଟ୍ ଲୟର ଭାବେ ପ୍ରକାଶ ରାଉତ, ସହକାରୀ ପିପି ଭାବେ ନିରୁପମା ମାଝୀ, ଅର୍ଜ୍ଜୁନ କୁମାର ସାହୁ, ଅତିରିକ୍ତ ସିଭିଲ୍ ଜଜ୍ ସିନିୟର ଡିଭିଜନରେ ସହକାରୀ ସରକାରୀ ପ୍ଲିଡର ଭବେ ଭାବଗ୍ରାହୀ ପଣ୍ଡା, ସିଭିଲ୍ ଜଜ୍ ସିନିୟର ଡିଭିଜନ ତଥା ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ସହକାରୀ ସରକୋରୀ ପ୍ଲିଡର ଭାବେ ଯୁଗଳ କିଶୋର ସାହୁ, ଅତିରିକ୍ତ ପିପି ଭାବେ ଶୁଭଶ୍ରୀ ରାଉତ, ପଦ୍ମଭୂଷଣ ସାହୁ, ବିଜୟ କୁମାର ମଲ୍ଲିକ, ଜେଏମ୍ଏଫ୍‌ସି (କଗଟେକିଂ)ଙ୍କ ଅଦାଲତରେ ସହକାରୀ ପିପି ଭାବେ ବିଘ୍ନେଶ୍ୱର ଦୋରା, ରିତା ମିଶ୍ର, ଜେଏମ୍ଏଫ୍‌ସିଙ୍କ ଅଦାଲତରେ ଅତିରିକ୍ତ ପିପି ଭାବେ ଚିରୀବ ନନ୍ଦ, ରତ୍ନପ୍ରଭା ସ୍ୱାଇଁ, ପିଏମ୍‌ଜେଜେବି ଅଦାଲତରେ ଏପିପି ଭାବେ ପ୍ରଶା' କୁମାର ରାଉତ, ବସନ୍ତ କୁମାର ରଥ, ସିଭିଲ୍ ଜଜ୍ ପ୍ରୋବେସନରେ ଏପିପି ଭାବେ କିଶୋର କୁମାର ରାଉତ, ଅନସୂୟା ମିଶ୍ର, ଜେଏମ୍ଏଫ୍‌ସି ଏଲ୍ଆର୍‌ରେ ଏପିପି ଭାବେ ବିକାଶ କୁମାର ସାହୁ, ସୂର୍ଯ୍ୟନାରାୟଣ ସାହୁ, ଗଁଦିଆ ସିଭିଲ୍ ଜଜ୍ ଜୁନିୟର ଡିଭିଜନ କମ୍ ଜେଏମ୍ଏଫ୍‌ସିରେ ଅତିରିକ୍ତ ସରକାରୀ ପ୍ଲିଡର ଭାବେ ବିକ୍ରମ କେଶରୀ ସାହୁ ଓ ଏପିପି ଭାବେ ଜୟକୃଷ୍ଣ ସାହୁ, ହିନ୍ଦୋଳ ସିଭିଲ୍ ଜଜ୍ ସିନିୟର ଡିଭିଜନରେ ଅତିରିକ୍ତ ସରକାରୀ ପ୍ଲିଡର ଭାବେ କ୍ଷିତୀଶ କୁମାର ସାହୁ, ସହକାରୀ ଓକିଲ ଭାବେ ଅରୁଣ କୁମାର ଦାସ, ଏଡିଜେଏମ୍‌ଙ୍କ ଅଦାଲତରେ ଏପିପି ଭାବେ ସୟ କୁମାର ପଟ୍ଟନାୟକ, ପ୍ରଦୀପ କୁମାର ମିଶ୍ର, ଜେଏମ୍ଏଫ୍‌ସିଙ୍କ ଅଦାଲତରେ ନିଶିକାନ୍ତ ସାହୁ, କାମାକ୍ଷାନଗର ଅତିରିକ୍ତ ଜିଲ୍ଲା ଜଜ୍‌ଙ୍କ ଅଦାଲତରେ ସ୍ପେଶାଲ ପିପି ଭାବେ ସୂର୍ଯ୍ୟକାନ୍ତ ବିଶ୍ୱାଳ, ପ୍ରଦ୍ୟୁମ୍ନ କୁମାର ଦାଶ, ସିଭିଲ୍ ଜଜ୍ ସିନିୟର ଡିଭିଜନଙ୍କ ଅଦାଲତରେ ଅତିରିକ୍ତ ସରକାରୀ ପ୍ଲିଡର ଭାବେ ପବିତ୍ର ମୋହନ ବିଶ୍ୱାଳ, ସହକାରୀ ଓକିଲ ଭାବେ ଅଜିତ୍ କୁମାର ତ୍ରିପାଠୀ, ସିଭିଲ୍ ଜଜ୍ ଜୁନିୟର ଡିଭିଜନ ଏସ୍‌ଡିଜେଏମ୍‌ଙ୍କ ଅଦାଲତରେ ଅତିରିକ୍ତ ସରକାରୀ ପ୍ଲିଡର ଭାବେ ଦେବୀଦ ସାମଲ, ଏପିପି ଭାବେ ପ୍ରଦୀପ୍ତ କୁମାର ସାହୁ, ଭୁବନ ସିଭିଲ୍ ଜଜ ଜୁନିୟର ଡିଭିଜନ ଜେଏମ୍ଏଫ୍‌ସିଙ୍କ ଅଦାଲତର ଅତିରିକ୍ତ ସରକାରୀ ପ୍ଲିଡର ଭାବେ ଶ୍ରୀନିବାସ ଗୁରୁ, ପରଜଙ୍ଗ ସିଭିଲ୍ ଜଜ୍ ଜୁନିୟର ଡିଭିଜନ ଜେଏମ୍ଏଫ୍‌ସିଙ୍କ ଅଦାଲତରେ ଅତିରିକ୍ତ ସରକାରୀ ପ୍ଲିଡର ଭାବେ ବିପିନ ପାଣି, ଏପିପି ଭାବେ ସନ୍ତୋଷ କୁମାର ସାହୁ, ପ୍ରଦୀପ କୁମାର ସାହୁ, ଅରବିନ୍ଦ ସାହୁ, କଙ୍କଡାହାଡ ସିଭିଲ୍ ଜଜ୍ ଜୁନିୟର ଡିଭିଜନ ଜେଏମ୍ଏଫ୍‌ସିଙ୍କ ଅଦାଲତରେ ଏପିପି ଭାବେ କରୁଣାକର ମହନ୍ତ, ହିନ୍ଦୋଳ ଏକଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍‌ଙ୍କ ଅଦାଲତରେ ଏପିପି ଭାବେ ଦେବାନନ୍ଦ ପଟ୍ଟନାୟକ ଏବଂ ବଳରାମ ଲେଙ୍କାଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିବା ଜଣାପଡିଛି । ସେହିପରି ଏକଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ ଭାବେ ଓଡାପଡାରେ ଏପିପି ଭାବେ ପ୍ରଦୀପ ଚନ୍ଦ୍ର ନାଥ, କାମାକ୍ଷାନଗରରେ ପ୍ରବୋଧ କୁମାର ସାମଲ, ମୃତ୍ୟୁଞ୍ଜୟ ନନ୍ଦ, ଦୀପକ କୁମାର ପାତ୍ର, ପ୍ରଶାନ୍ତ କୁମାର ସାହୁ ଏବଂ ପରଜଙ୍ଗରେ ବେଣୁଧର ସାହୁଙ୍କୁ ନିଯୁକ୍ତି ପ୍ରଦାନ କରାଯାଇଥିବା ବେଳେ ସେମାନେ ଜିଲ୍ଲାପାଳଙ୍କ ପାଖରେ ଉପସ୍ଥିତ ରହିବା ସହ କାର୍ଯ୍ୟରେ ଯୋଗଦାନ କରିଥିବାର ସୂଚନା ମିଳିଛି । ସୂଚନା ଅନୁଯାୟୀ ଜିଲ୍ଲା ଜଜ କୋର୍ଟରେ ଜିପି ଭାବେ ନିଯୁକ୍ତ ପାଇଥିବା ଆଇନଜୀବୀ ନବକିଶୋର ଗୁରୁ ଗତକାଲି ପୂର୍ବତନ ଜିପିଙ୍କ ଠାରୁ କାର୍ଯ୍ୟଭାର ଗ୍ରହଣ କରିଥିବା ଅନ୍ୟ ସମସ୍ତ ସରକାରୀ ଓକିଲମାନେ ନିଜ ନିଜ କୋର୍ଟରେ ଉପସ୍ଥିତ ରହି ଦାୟିତ୍ୱ ନର୍ବାହ କରିଛନ୍ତି ।

## ସ୍ୱାଧୀନତାର ୭୮ ବର୍ଷ ପରେ ବି ଗ୍ରାମକୁ ନାହିଁ ପକ୍କା ରାସ୍ତା

**ରାଇରଙ୍ଗପୁର, ୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ସ୍ୱାଧୀନତାର ୭୮ ବର୍ଷ ପରେ ଏବଂ ୨୪ ବର୍ଷ ସ୍ଥାୟୀ ବିଜେଡି ସରକାର ଶାସନ ପରେ ମଧ୍ୟ ବହୁ ଗ୍ରାମକୁ ବର୍ତ୍ତମାନ ସୁଦ୍ଧା ପହଞ୍ଚି ପାରିନି ପକ୍କା ରାସ୍ତା । କେଉଁଠି ନାଲି ମାଟିର ରାସ୍ତା ତ କେଉଁଠି ଅଣଅସାରିଆ ଖାଲଖମା ମେଟାଲ ରାସ୍ତା ପାଲଟିଛି ଲୋକଙ୍କ ନୀତିଦିନିଆ ଲାଇଫ ଲାଇନ୍ । ସରକାର ଗ୍ରାମାଞ୍ଚଳର ବିକାଶ ପାଇଁ ଗମନାଗମନକୁ ଗୁରୁତ୍ୱ ଦେଇ ବିଭିନ୍ନ ଯୋଜନା ଥିବା ସତ୍ତ୍ୱେ ବିଭାଗୀୟ ଅଧିକାରୀଙ୍କ ଆନ୍ତରିକତା ଅଭାବ ଯୋଗୁଁ ଆଠୋଟି ଗ୍ରାମର ହଜାର ହଜାର ଲୋକ ଆଜି ମଧ୍ୟ ନାଲି ମାଟିର ରାସ୍ତାରେ କରୁଛନ୍ତି ଗମନାଗମନ ।

ସୂଚନାଯୋଗ୍ୟ ଯେ, ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଦାବି କରି ନୟାନ୍ତ ହୋଇଛନ୍ତି ଅଞ୍ଚଳବାସୀ । ଶେଷରେ ମୋହନ



ସରକାରଙ୍କ ନିକଟରେ ଭରସା କରି ନିବେଦନ କରିଛନ୍ତି ଗ୍ରାମବାସୀ । ଏଭଳି ରାସ୍ତା ଦୁର୍ଦ୍ଦଶାର ଭୋଗୁଛନ୍ତି ଆଦିବାସୀ ଅଧ୍ୟୁଷିତ ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ବ୍ଲକ କାର୍ଯ୍ୟାଳୟଠାରୁ ମାତ୍ର ୫ କିଲୋମିଟର ନିକଟ ଭାଲୁବସା ଗ୍ରାମପଞ୍ଚାୟତର ଭାଲୁବସା ରାଞ୍ଚି– ବିଜୟୱାଡା ୨୨୦ ନମ୍ବର ଜାତୀୟ ରାଜପଥ ଛୋକ ଠାରୁ ୪ଟି ଗାଁ ଯଥା– ନାଗଭଣ,ରଖାସାହି, ଧଳାଡ଼ିହି, ଭୁଟୁକାବାଦି ଗ୍ରାମକୁ ସଂଯୋଗ କରୁଥିବା ୪ କି.ମି ରାସ୍ତାର ଅବସ୍ଥା ନାଲିମାଟି, ଖାଲଖମା, ଅଣଓସାରିଆ ରହିଥିବା ବେଳେ ବର୍ଷସାରା ସାଧାରଣ ଲୋକେ ଭୋଗୁଛନ୍ତି ଯମଯନ୍ତ୍ରଣା ।

ଠିକ୍ ସେହିପରି ଉକ୍ତ ବ୍ଲକ କାର୍ଯ୍ୟାଳୟରୁ ୭ କିଲୋମିଟର ଦୂର ହଳଦା ଗ୍ରାମପଞ୍ଚାୟତ ଅଧୀନରେ ଥିବା ସାନବାଇକଳା ଗ୍ରାମଠାରୁ ବଡ଼ବାଇକଳା ବିଦ୍ୟାଳୟ ପର୍ଯ୍ୟନ୍ତ ୨ କିଲୋମିଟର, ଭଞ୍ଜସରା ଗ୍ରାମ ଠାରୁ ବଡ଼ବାଇକଳା ୩ କିଲୋମିଟର ଏବଂ ସିଜୁକଳା ଗ୍ରାମଠାରୁ ଚିଟେଇବାଦି ଦେଢ କିଲୋମିଟର ରାସ୍ତାର ଅବସ୍ଥା ସମାନ ଏବଂ ଶୋଚନୀୟ, ଯାହାଫଳରେ ବର୍ଷସାରା ଯମ ଯନ୍ତ୍ରଣା ଭଗୁଛନ୍ତି ୪ ଗ୍ରାମର ଗ୍ରାମବାସୀ । ଦୀର୍ଘବର୍ଷ ହେଲା ଗ୍ରାମବାସୀମାନେ ରାସ୍ତା ଦୁର୍ଦ୍ଦଶାର ଶିକାର ହେଉଥିବା ନେଇ ରାଇରଙ୍ଗପୁର ବିଡ଼ିଓ ନାରାୟଣୀ ପ୍ରିୟଦର୍ଶିନୀ ପଣ୍ଡାଙ୍କ ସହିତ ଯୋଗାଯୋଗ କରିବାରୁ ସେ କହିଛନ୍ତି ସେହି ଗ୍ରାମର ରାସ୍ତାକୁ ଗ୍ରାମ୍ୟ ଉନ୍ନୟନ ବିଭାଜନକୁ ହସ୍ତାନ୍ତର କରାଯାଇଛି । ସେନେଇ ଗ୍ରାମ୍ୟ ଉନ୍ନୟନ ବିଭାଜନ ନିର୍ବାହୀ ଅଧିକାରୀ ଇଂ ସଞ୍ଜିତ କୁମାର ନାଏକଙ୍କୁ ଯୋଗାଯୋଗ କରିବାରୁ ସେ ଉକ୍ତ ରାସ୍ତା ଗୁଡ଼ିକୁ ନେଇ ସରକାରଙ୍କୁ ଚିଠି କରିଛନ୍ତି ବୋଲି କହିଛନ୍ତି । ତେବେ ଦେଖିବାକୁ ବାକି ରହିଲା ଉକ୍ତ ରାସ୍ତା ସମସ୍ୟା କେବେ ଦୂର ହେଉଛି ।

ଛତିଶଗଡ଼ ସରକାର ତାଙ୍କପଟେ ଏକାଧିକ ବ୍ୟାରେଜ ଏବଂ ଡ୍ୟାମ୍ ନିର୍ମାଣ କରିବା ପରେ ମଧ୍ୟ ୧୦ଦିନ ତଳେ ମହାନଦୀର କଲମା ବ୍ୟାରେଜ ତଳେ ବାଲିବନ୍ଧ କରି ଉଚ୍ଛୁଳା ପାଣିକୁ ମଧ୍ୟ ଟାଣି ନେବାକୁ ଯୋଜନା କରିଛି । ବିଭିନ୍ନ ସମ୍ବାଦପତ୍ରରେ ଏ ଖବର ପ୍ରକାଶ ପାଇବା ପରେ ମଧ୍ୟ ଆମ ସରକାର ବିଶେଷ ତତ୍ପର ଥିବା ଭଳି ଜଣାଯାଏନି । ୧୦ଦିନ ତଳେ ଆରମ୍ଭ ହୋଇଥିବା ବାଲିବନ୍ଧ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ବ୍ୟାରେଜ ତଳକୁ ମହାନଦୀ ପାଣି ଆସୁଛି ସତ କିନ୍ତୁ ତାହା ୧୨ କିଲୋମିଟର ଦୂରରେ ଥିବା ଓଡ଼ିଶା ସୀମାନ୍ତ ସୁଖାସୋଢ଼ାରେ ମଧ୍ୟ ପହଞ୍ଚିପାରୁନି । ଓଡ଼ିଶା ସରକାରଙ୍କ ନିଦ ଏବେବି ଭାଙ୍ଗିନି । ଅଣମୌସୁମୀ ଋତୁରେ ଅବସ୍ଥା ଆହୁରି ଅସମ୍ଭାଳ ହୋଇପାରେ । ଲୋକେ ପ୍ରଶ୍ନ କରୁଛନ୍ତି ଆପୋଷ ଆଲୋଚନା କେବେ ସରିବ? କେତୋଟି ବୈଠକ ବସିବା ପରେ ମହାନଦୀରେ ପାଣି ଦେଖିବାକୁ ମିଳିବ??


ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ   ଭୁବନେଶ୍ୱର | ୫ ଜାନୁଆରୀ, ୨୦୨୬ | ସୋମବାର

ଓଡ଼ିଶା ଏକ୍ସପ୍ରେସ୍


# ଏମାନଙ୍କ ପାଇଁ ଆଇନ୍ ନାହିଁ କି ଅଭୟାରଣ୍ୟ ନାହିଁ!

... ବାଜିଗଲେ ଦୋଷ ନାହିଁ

ଉମାପଦ

**ହେଲେ ମଣିଷଙ୍କ କଥା ଭାବିଲେ ପରିବେଶବିତ୍‌ଙ୍କ ଠାରୁ ଅଧିକ ଚିନ୍ତାଗ୍ରସ୍ତ ହୋଇପଡ଼େ ମୁଁ । ଜଙ୍ଗଲରେ ରହୁଥିବା ପଶୁପକ୍ଷୀଙ୍କ ପାଇଁ ସରକାର କଡ଼ା ଆଇନ ପ୍ରଣୟନ କରିଛନ୍ତି । ହେଲେ ମଣିଷଙ୍କ ପାଇଁ ? ମଣିଷଙ୍କ ପାଇଁ ଏପରି ସ୍ଥାନ ଆମ ଦେଶରେ ନାହିଁ କି ମଣିଷଙ୍କ ପାଇଁ ଏପରି ଆଇନ ମଧ୍ୟ ତିଆରି ହୋଇନି । ବାଘ ମଣିଷ ମାରି ଖାଇପାରେ ! ମଣିଷ ମାରିବା ପାଇଁ ବାଘକୁ କର୍ତ୍ତୃପକ୍ଷଙ୍କ ଠାରୁ ଅନୁମତି ଆଣିବାକୁ ପଡ଼େନାହିଁ । କିନ୍ତୁ ଏଇ ମଣିଷଖିଆ ବାଘକୁ ମାରିବାକୁ ହେଲେ ଅନୁମତି ନିହାତି ଜରୁରୀ । କାରଣ ବାଘ ନମାରିବା ପାଇଁ ଆଇନ ହୋଇଛି । ମଣିଷ ପାଇଁ ?**

ଜଙ୍ଗଲ, ସମୁଦ୍ର ଏବଂ ନଦୀରେ ରହୁଥିବା ବାଘ, ସିଂହ, ହାତୀ, ଭାଲୁ, ବାର୍‌ହା, ସମ୍ବର, ସାପ, ସାର୍କ, କଇଁଛ, କୁମ୍ଭୀର, ତିମି ଇତ୍ୟାଦିଙ୍କ ସଂଖ୍ୟା କମିଯିବା ମଣିଷ ସମାଜ ପାଇଁ ଯେତେ କ୍ଷତିକାରକ ନୁହେଁ, ପରିବେଶ ପାଇଁ ଏହା ସେତେ ଚିନ୍ତାର କାରଣ ବୋଲି ବିଶେଷଜ୍ଞମାନେ କୁହନ୍ତି । ଏମାନଙ୍କ ସଂଖ୍ୟା କମିଗଲେ ପରିବେଶ ସନ୍ତୁଳନ ବିଗିଡ଼ିଯିବ ବୋଲି ପରିବେଶବିତ୍‌ଙ୍କ ମତ । ନହେଲେ ସହର ବଜାରରେ ଏମାନଙ୍କର ଆବଶ୍ୟକତା କ'ଣ କହୁନାହାନ୍ତି ? ସହରରେ ବାଘ, ଭାଲୁ, ସାପ, ହାତୀ, ହରିଣ, ସମ୍ବର, କୁମ୍ଭୀର ନାହାନ୍ତି । ସହର ଲୋକଙ୍କର କ'ଣ କିଛି ଅସୁବିଧା ହେଉଛି ? କାହିଁକି ହେବ ? ୬ କୋଟି ବର୍ଷ ତଳେ ଏ ପୃଥିବୀରେ ଡାଇନାସୋର ଥିଲେ । ଏବେ ନାହାନ୍ତି । କ'ଣ ସଭ୍ୟତା ଅଟକି ଯାଇଛି ? ଗାଁ–ଗଣ୍ଡା–ସହରରେ ମଣିଷ ରହିବେ । ଜଙ୍ଗଲ ଏବଂ ସମୁଦ୍ରରେ ଜୀବଜନ୍ତୁ ରହିବେ । ଯେଉଁଥିପାଇଁ ସରକାର ବିଭିନ୍ନ ଅଞ୍ଚଳକୁ ଅଭୟାରଣ୍ୟ ବା ଜାତୀୟ ଉଦ୍ୟାନ ଘୋଷଣା କରିଛନ୍ତି । ଏହିସବୁ ସ୍ଥାନମାନଙ୍କରେ ପଶୁପକ୍ଷୀମାନେ ନିର୍ଭୟରେ ଚଳପ୍ରଚଳ ହେବେ । ସେମାନଙ୍କ ଦେହରେ କେହି ହାତ ମାରିପାରିବେ ନାହିଁ । ହାତ ମାରିଲେ ଜୋରିମାନା ଆଉ ମାରିଲେ ଜେଲ୍‌ଦଣ୍ଡ ।

ପଶୁପକ୍ଷୀଙ୍କ ଲାଗି ଉଦ୍ଦିଷ୍ଟ ପ୍ରମୁଖ ଅଭୟାରଣ୍ୟ ଏବଂ ଜାତୀୟ ଉଦ୍ୟାନ ସଂଖ୍ୟା ଆମ ଦେଶରେ ୫୨୧ । ଏମାନଙ୍କ ସୁରକ୍ଷା ଲାଗି ୪୪୧ଟି ଅଭୟାରଣ୍ୟ ଥିବାବେଳେ ୮୦ଟି ଜାତୀୟ ଉଦ୍ୟାନ ରହିଛି । ଏହି ଅଭୟାରଣ୍ୟ ଏବଂ ଜାତୀୟ ଉଦ୍ୟାନର ମୋଟ କ୍ଷେତ୍ରଫଳ ଲକ୍ଷାଧିକ ବର୍ଗ କି.ମି. । ଅବଶ୍ୟ ଅଭୟାରଣ୍ୟ ବା ଜାତୀୟ ଉଦ୍ୟାନ ଘୋଷଣା ହୋଇଗଲେ ଯେ, ପଶୁପକ୍ଷୀ ନିର୍ଭୟରେ ଚଳପ୍ରଚଳ ହେବେ ତା' ନୁହେଁ, କିନ୍ତୁ ସେମାନଙ୍କ ପାଇଁ ଯେ ଏ ଦେଶରେ ୫୦୦ରୁ ଊର୍ଦ୍ଧ୍ୱ ସୁରକ୍ଷିତ ସ୍ଥାନ ରହିଛି ଏହା ସୁଖର ବିଷୟ ।

ହେଲେ ମଣିଷଙ୍କ କଥା ଭାବିଲେ ପରିବେଶବିତ୍‌ଙ୍କ ଠାରୁ ଅଧିକ ଚିନ୍ତାଗ୍ରସ୍ତ ହୋଇପଡ଼େ ମୁଁ । ଜଙ୍ଗଲରେ ରହୁଥିବା ପଶୁପକ୍ଷୀଙ୍କ ପାଇଁ ସରକାର କଡ଼ା ଆଇନ ପ୍ରଣୟନ କରିଛନ୍ତି । ହେଲେ ମଣିଷଙ୍କ ପାଇଁ ? ମଣିଷଙ୍କ ପାଇଁ ଏପରି ସ୍ଥାନ ଆମ ଦେଶରେ ନାହିଁ କି ମଣିଷଙ୍କ ପାଇଁ ଏପରି ଆଇନ ମଧ୍ୟ ତିଆରି ହୋଇନି । ବାଘ ମଣିଷ ମାରି ଖାଇପାରେ ! ମଣିଷ ମାରିବା ପାଇଁ ବାଘକୁ କର୍ତ୍ତୃପକ୍ଷଙ୍କ ଠାରୁ ଅନୁମତି ଆଣିବାକୁ ପଡ଼େନାହିଁ । କିନ୍ତୁ ଏଇ ମଣିଷଖିଆ ବାଘକୁ ମାରିବାକୁ ହେଲେ ଅନୁମତି ନିହାତି ଜରୁରୀ । କାରଣ ବାଘ ନମାରିବା ପାଇଁ ଆଇନ ହୋଇଛି । ମଣିଷ ପାଇଁ ?

– ନା । ଏପରି ଆଇନ ନାହିଁ । କ'ଣ ପାଇଁ ମୁଁ ଏ କଥା କହିଲି ବୁଝେଇ ଦେଉଛି । ଆପଣ ଯେତେ ପ୍ରଭାବଶାଳୀ ଲୋକ ହୁଅନ୍ତୁ ନା କାହିଁକି ଆପଣ ଲାଇସେନ୍ସପ୍ରାପ୍ତ ବନ୍ଧୁକ ଧରି ମଧ୍ୟ କୌଣସି ଅଭୟାରଣ୍ୟ ମଧ୍ୟକୁ ପ୍ରବେଶ କରିବା ପାଇଁ ଆଇନତଃ ଅନୁମତିପ୍ରାପ୍ତ ନୁହନ୍ତି । ମଣିଷ ସମାଜ ପାଇଁ ଏପରି ଆଇନ ଅଛି କି ? ବୋଧେ ନାହିଁ । ବୋଧେ କାହିଁକି ନାହିଁ, ମୋର ଯାହା ଅନୁମାନ, ଭୁବନେଶ୍ୱରରେ ଅନେକ ଲୋକଙ୍କ ପାଖରେ ଲାଇସେନ୍ସପ୍ରାପ୍ତ ବନ୍ଧୁକ ଥିବ । ବିନା ଲାଇସେନ୍ସ ବନ୍ଧୁକର ସଂଖ୍ୟା ଜାଣିବା ମୁସ୍କିଲ୍ । ଏମାନେ ଏଇ ବନ୍ଧୁକ ଧରି ଅନାୟାସରେ ଚଳପ୍ରଚଳ ହେଉଛନ୍ତି । କେହି ମନା କରିପାରିବେ ଯାଙ୍କୁ ? ଦରକାର ପଡ଼ିଲେ ଫୁଟେଇଦେବେ ! ଫୁଟାଇବା ପରେ କ'ଣ ହେବ ସେ ଅଲଗା କଥା । ହାତରେ ଧରି ଫୁଟାଇବାକୁ ଯାଉଛନ୍ତି, ଏ କଥା ଜାଣିଲେ ବି କିଏ କ'ଣ କରିବ ତାଙ୍କର? କିନ୍ତୁ ଅଭୟାରଣ୍ୟରେ ଆପଣ ବନ୍ଧୁକ ଧରି ବୁଲିପାରିବେ ନାହିଁ ।

ଆଉ ଗୋଟେ କଥା । ଅନେକେ ହୁଏତ ଜାଣିନଥିବେ ଗୋଟିଏ ଚିଡ଼ିଆଖାନାରେ ଲିଙ୍ଗଭେଦରେ ଗୋଟିକିଆ ଜନ୍ତୁ ରଖିବା ମନା । ଅର୍ଥାତ୍ ଗୋଟିଏ ଅଣ୍ଡିରା ବାଘ ବା ଭାଲୁ କିମ୍ବା ଗୋଟିଏ ମାଈ ବାଘ ବା ମାଈ ଭାଲୁକୁ ଗୋଟିଏ ପିଞ୍ଜରାରେ ରଖିହେବ ନାହିଁ । ଗୋଟିଏ ଅଣ୍ଡିରା ପଶୁ ଥିଲେ ତା' ସହିତ ମାଈଟିକୁ ରଖିବାକୁ ହେବ କିମ୍ବା ମାଈଟିଏ ଥିଲେ ଅଣ୍ଡିରାଟିଏ ଆଣି ରଖିବାକୁ ପଡ଼ିବ । ମଣିଷ ପାଇଁ ଏ ଆଇନ ଅଛି କି ? ନାହିଁ ।

ମଣିଷ କ'ଣ ତା'ହେଲେ ପଶୁ ଠାରୁ ହୀନ ? ନା । ପଶୁ ଠାରୁ ହୀନ ନୁହେଁ, କିନ୍ତୁ ମଣିଷର ସଂଖ୍ୟା ଯୋଗୁଁ ତା'ର ଏ ଅବସ୍ଥା ! ତା' ପାଇଁ ସେପରି ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇ ନାହିଁ ବା କରାଯାଉ ନାହିଁ । ବିଶେଷକରି ଆମ ଭାରତବର୍ଷରେ ମଣିଷମାନଙ୍କ ପାଇଁ ଅଭୟାରଣ୍ୟ ପରି ସ୍ଥାନ ନିରୂପଣ ବ୍ୟବସ୍ଥା ଆଦୌ ନାହିଁ ।

ଏ ପୃଥିବୀରେ ୭୦୦ କୋଟି ଲୋକ ବସବାସ କରନ୍ତି । କିନ୍ତୁ ସାରା ପୃଥିବୀରେ କୋଟିଏ ବାଘ, ଭାଲୁ, ସିଂହ, ଗଣ୍ଡା, ହରିଣ ଥିବେ କି ନାହିଁ ସନ୍ଦେହ ! କୋଟିଏ କ'ଣ ? ଲକ୍ଷେ ଦି'ଲକ୍ଷ ମିଳିବା ବି ମୁସ୍କିଲ୍ ! ମଣିଷଙ୍କ ସଂଖ୍ୟା ଏତେ ବେଶୀ ଯେ, ତାକୁ କମେଇବା ପାଇଁ ବହୁ ଦିନରୁ ଉଦ୍ୟମ ଆରମ୍ଭ ହୋଇଛି । ଆମ ଦେଶରେ ତ ଏଥିପାଇଁ ଅନେକ ଯୋଜନା, ଅନେକ ପ୍ରୋତ୍ସାହନ । ଏଇ ସବୁ ବ୍ୟବସ୍ଥା ମଧ୍ୟ ଖୁବ୍ ଲୋକପ୍ରିୟ । ସବୁଠାରୁ ଲୋକପ୍ରିୟ ହେଉଛି ଗ୍ରୀନ୍ କାର୍ଡ଼ । ଯାହାର ଛୁଆ କମ୍ ତାକୁ ସବୁ ପ୍ରକାର ସୁବିଧା ମିଳିବ ଏ ଗ୍ରୀନ୍ କାର୍ଡ଼ରେ । ଏଇ ଦୃଷ୍ଟିରୁ ଦେଖିଲେ ମଣିଷର ଆବଶ୍ୟକତା ହୁଏତ ସମାଜରେ ଯଥେଷ୍ଟ ବେଶୀ । କିନ୍ତୁ ତା'ର ଚାହିଦା ଦିନକୁ ଦିନ କମିବାରେ ଲାଗିଛି । ଭାରତବର୍ଷରେ ତ ବହୁଦିନ ତଳୁ ପରିବାର ନିୟନ୍ତ୍ରଣ ବ୍ୟବସ୍ଥା ଲାଗୁ । ଜନସଂଖ୍ୟା ବିସ୍ଫୋରଣ ବର୍ତ୍ତମାନ ବୋମା ବିସ୍ଫୋରଣ ଠାରୁ ମଧ୍ୟ ଅଧିକ ମାରାତ୍ମକ ବୋଲି ଅନେକେ ଭାବନ୍ତି । ତେଣୁ ମଣିଷ ହିସାବରେ ଆମର ଗୁରୁତ୍ୱ ଜଙ୍ଗଲର ପଶୁଠାରୁ ମଧ୍ୟ କମ୍ । ଏ କଥା କାହିଁକି କହୁଛି କି, ଖୁବ୍ ସମ୍ଭବତଃ ଏକବିଂଶ ଶତାବ୍ଦୀର ପ୍ରାରମ୍ଭରେ କଟକ ବଡ଼ମେଡ଼ିକାଲ୍‌ରେ ଅପମିଶ୍ରିତ ସାଲାଇନ୍ ଯୋଗୁଁ କେତେଜଣ ପ୍ରସୂତିଙ୍କର ମୃତ୍ୟୁ ହୋଇଥିଲା । ଏଇ ଘଟଣାକୁ ନେଇ ସେ ସମୟରେ ଖୁବ୍ ହଇଚଇ ଆରମ୍ଭ ହୋଇଥିଲା । କିନ୍ତୁ ମୋର ବେଶ୍ ଭଲଭାବେ ମନେଅଛି, ସେ ସମୟରେ ନନ୍ଦନକାନନରେ କେତୋଟି ବାଘଙ୍କ ମୃତ୍ୟୁ ହୋଇଯିବାରୁ ତାକୁ ନେଇ ଏତେ ଘୋ'–ଘା' ହେଲା ଯେ, ପ୍ରସୂତି ମହିଳାଙ୍କର ସାଲାଇନ୍ ମୃତ୍ୟୁ ଘଟଣା କୁଆଡ଼େ ହଜିଗଲା ! ଏହାର କାରଣ ସେଇ ସଂଖ୍ୟା । ଆମ ଦେଶରେ ମଣିଷଙ୍କ ସଂଖ୍ୟା ବେଶୀ । ବାଘ, ଭାଲୁ, ସାପଙ୍କ ସଂଖ୍ୟା କମ୍ । ତେଣୁ ସ୍ୱାଭାବିକ ଭାବେ ସେମାନଙ୍କ ପାଇଁ ଆଇନ ଏବଂ ଅଭୟାରଣ୍ୟ ସୃଷ୍ଟି ହୋଇଛି । ନହେଲେ ସେମାନେ ଶେଷ ହୋଇଯିବେ । ସନ୍ତୁଳନ ବିଗିଡ଼ିଯିବ । ପ୍ରାକୃତିକ ସୌନ୍ଦର୍ଯ୍ୟ ନଷ୍ଟ ହୋଇଯିବ । ତେଣୁ ଆଇନ ହୋଇଛି ଏବଂ ହେବା କଥା ମଧ୍ୟ । ଏ ଆଇନ ଆହୁରି କଠିନ ଏବଂ କଠୋର ହେବା ଆବଶ୍ୟକ । ଏହାର କାର୍ଯ୍ୟକାରିତାରେ ଯେପରି ଫାଙ୍କ ନରୁହେ ତାକୁ ଦେଖିବା ମଧ୍ୟ କେବଳ ସରକାରଙ୍କ କାମ ନୁହେଁ, ଆମ ସମସ୍ତଙ୍କର କର୍ତ୍ତବ୍ୟ । କିନ୍ତୁ ଏଇ ଦୁର୍ଲଭ ପଶୁମାନଙ୍କ ଠାରୁ ଆହୁରି ଦୁର୍ଲଭ ଜୀବମାନଙ୍କର ସୁରକ୍ଷା ପାଇଁ ଯେ ସେପରି କୌଣସି ବିଶେଷ ଆଇନ ନାହିଁ ଏ କଥା ଭାବିଲେ ଭାରି ବ୍ୟସ୍ତ ଲାଗୁଛି । ଏ ଜୀବମାନେ ଜଙ୍ଗଲରେ ରୁହନ୍ତିନି । ଏମାନେ ସମାଜରେ ରୁହନ୍ତି । ଆମ ସହିତ ରୁହନ୍ତି । ଏଇଠି କହିରଖେ, ପୃଥିବୀରେ ବର୍ତ୍ତମାନ ସୁଦ୍ଧା ୫ଲକ୍ଷରୁ ଊର୍ଦ୍ଧ୍ୱ ହାତୀ ଅଛନ୍ତି । ଭାରତରେ ହାତୀ ସଂଖ୍ୟା ୧୫ହଜାରରୁ ବେଶୀ । କିନ୍ତୁ ଏହି ଦୁର୍ଲଭ ଜୀବଙ୍କ ସଂଖ୍ୟା ହାତୀଙ୍କ ସଂଖ୍ୟାଠାରୁ ହୁଏତ ଆହୁରି କମ୍ । ଏମାନେ କିଏ ? ଏମାନେ ହେଲେ ଭଲ ମଣିଷ । ଏମାନଙ୍କ ସଂଖ୍ୟା ଦେଶର ମୋଟ ବାଘ, ଭାଲୁ, ହାତୀଙ୍କ ସଂଖ୍ୟା ଠାରୁ ଯଥେଷ୍ଟ କମ୍ ଏବଂ ଏମାନେ ଏଇ ହିଂସ୍ର ପଶୁଙ୍କ ଠାରୁ ଯଥେଷ୍ଟ କମ୍ ସୁରକ୍ଷିତ । ଏମାନଙ୍କ ସଂରକ୍ଷଣ ପାଇଁ ଆଇନ ନାହିଁ କି ଅଭୟାରଣ୍ୟ ମଧ୍ୟ ନାହିଁ । ଏମାନେ ଯୁଆଡ଼େ ଯାଆନ୍ତି, ଶୋଷଣର ଶିକାର ହୁଅନ୍ତି । ଏମାନେ ସରକାରକୁ ଡରନ୍ତି, ସରକାରୀ ଲୋକଙ୍କୁ ଡରନ୍ତି, ଆଇନକୁ ଡରନ୍ତି, ଅପରାଧୀକୁ ମଧ୍ୟ ଡରନ୍ତି । ତେବେ ସରକାର ବା ଆଇନ ଏମାନଙ୍କୁ ସୁରକ୍ଷା ଦିଏ ନାହିଁ କି ଅପରାଧୀ ଦୟା କରେ ନାହିଁ । ହାତୀ ପାଇଁ ଚିନ୍ତାପ୍ରକଟ କରୁଥିବା ପରିବେଶବିତ୍‌ମାନଙ୍କୁ ମୋର ଗୋଟିଏ ଅନୁରୋଧ– ଭଲ ମଣିଷଙ୍କ ପାଇଁ ଟିକେ ଚିନ୍ତା କରନ୍ତୁ । ଏମାନେ ଏନ୍‌ଡେଞ୍ଜର୍ଡ଼ ସ୍ପେସିସ୍ । ଓଡ଼ିଆରେ କହିଲେ ବିଲୁପ୍ତପ୍ରାୟ । ଏମାନଙ୍କୁ ଟିକେ ସୁରକ୍ଷା ଦିଅନ୍ତୁ । ଏମାନଙ୍କ ପାଇଁ ସ୍ୱତନ୍ତ୍ର ଆଇନ କରନ୍ତୁ । ନହେଲେ ଏମାନେ ଯଦି ଏ ସମାଜରୁ ଶେଷ ହୋଇଯିବେ ତେବେ କେବଳ ପରିବେଶ ନୁହେଁ, ପୁରା ପୃଥିବୀ ଦିନେ ଧ୍ୱଂସ ପାଇଯିବ ।

## ଆପୋଷ ଆଲୋଚନାର ବିଳମ୍ବ ଟ୍ରିବ୍ୟୁନାଲ ବିଳମ୍ବକୁ ବଳିଯିବ କି?

ବିଜେଡି ସରକାର ଥିଲାବେଳେ ବର୍ତ୍ତମାନର ବିଜେପି ସରକାର ବିରୋଧୀ ଦଳରେ ଥିଲେ । ସେତେବେଳେ କହୁଥିଲେ– ଆପୋଷ ଆଲୋଚନା ମାଧ୍ୟମରେ ମହାନଦୀ ଜଳ ବିବାଦର ସମାଧାନ ହୋଇପାରିଥାନ୍ତା । ଟ୍ରିବ୍ୟୁନାଲକୁ ଗଲେ ବିଳମ୍ବ ନିଶ୍ଚିତ ଭାବରେ ହେବ । ସେତେବେଳେ ଛତିଶଗଡ଼ରେ କଂଗ୍ରେସ ସରକାର ଥିଲା । ରାଜ୍ୟ କଂଗ୍ରେସ ଦଳିଆ ମଧ୍ୟ ସେତେବେଳେ ବିଶେଷ ପାଟି ଫିଟାଉନଥିଲେ । ତା'ପରେ ଛତିଶଗଡ଼କୁ ଆସିଲା ବିଜେପି ସରକାର । ଏବେବି ସେଠି ବିଜେପି ସରକାର ରହିଛି । ଆମ ରାଜ୍ୟରେ ମଧ୍ୟ ବିଜେପି ଶାସନ କରୁଛି । ତେଣୁ ଯେଉଁ ବିଜେପି ଆପୋଷ ଆଲୋଚନା ମାଧ୍ୟମରେ ସମାଧାନ ହୋଇପାରିବ ବୋଲି କହୁଥିଲା ସେମାନେ ଆଲୋଚନାକୁ ଏତେ ବିଳମ୍ବ କରୁଛନ୍ତି କାହିଁକି? ଆପୋଷ ଆଲୋଚନା ଯଦି ଟ୍ରିବ୍ୟୁନାଲ ବିଳମ୍ବକୁ ବଳିଯାଏ ତା'ହେଲେ ଆମ ରାଜ୍ୟରେ, ଛତିଶଗଡ଼ରେ ଏବଂ କେନ୍ଦ୍ରରେ ବିଜେପି ସରକାର ଥାଇ ଲାଭ କ'ଣ? ଟ୍ରିପୁଲ ସରକାର ତ ଆହୁରି ପ୍ରଭାବଶାଳୀ ହେବା କଥା । ଲୋକେ ଆଶା ରଖିଥିଲେ– ରାଜ୍ୟରେ ବିଜେପି ସରକାର ଆସିଲେ ମହାନଦୀ ଜଳ ବିବାଦର ସମାଧାନ ଖୁବ୍ ସହଜରେ ହୋଇଯିବ ।

କେନ୍ଦ୍ର ବିଜେପି ସରକାରଙ୍କ ବିଜେପି ଶାସିତ ରାଜ୍ୟମାନଙ୍କ ଉପରେ ପ୍ରଚଣ୍ଡ ପ୍ରଭାବ ରହିଛି । ବିଜେପି ଶାସିତ ରାଜ୍ୟମାନେ କେନ୍ଦ୍ର ନିର୍ଦ୍ଦେଶରେ ହିଁ କାର୍ଯ୍ୟ କରନ୍ତି । ଆମ ରାଜ୍ୟର ବିଜେପି ଶାସନ ତ ପ୍ରାୟ କେନ୍ଦ୍ର ଦ୍ୱାରା ପରିଚାଳିତ । କହିବାକୁ ଗଲେ କେନ୍ଦ୍ର ଶାସିତ ରାଜ୍ୟ ଆମର । ତେଣୁ କେନ୍ଦ୍ର ବି ଯଦି ଛତିଶଗଡ଼ ଉପରେ ଚାପ ପକାଇପାରନ୍ତା ତା'ହେଲେ ମଧ୍ୟ ମହାନଦୀ ଜଳ ବିବାଦର ସମାଧାନ ନିମିଷକେ ହୋଇପାରନ୍ତା । ଆଉ ଯଦି ଏହା ସମ୍ଭବ ହୋଇ ନପାରେ ଏବଂ ଆମକୁ ସେଇ ଟ୍ରିବ୍ୟୁନାଲ ଉପରେ ନିର୍ଭର କରିବାକୁ ପଡ଼େ ତା'ହେଲେ ବିଜେପି ସେତେବେଳେ କେମିତି କହୁଥିଲା– ଆପୋଷ ଆଲୋଚନା ମାଧ୍ୟମରେ ମହାନଦୀ ଜଳ ବିବାଦର ସମାଧାନ ହୋଇପାରିଥାନ୍ତା ବୋଲି??

ସେତେବେଳେ ରାଜ୍ୟ ବିଜେପି କହୁଥିଲା– ଆମର ମଧ୍ୟ ଛତିଶଗଡ଼ ଭଳି ଡ୍ୟାମ୍ କରିବା ଦରକାର ଥିଲା । ଆମେ ମଧ୍ୟ ପାଣି ସାଇତି ରଖିପାରିଥାନ୍ତେ ଛତିଶଗଡ଼ ଭଳି । ସବୁ ପାଣି ତ ସମୁଦ୍ରକୁ ବୋହିଯାଉଛି । ପ୍ରଶ୍ନ ଉଠୁଛି ଏବେର ସରକାର କେତୋଟି ଡ୍ୟାମ୍ ଏବଂ ବ୍ୟାରେଜ କାମ ଆରମ୍ଭ କଲେଣି?

ଏତେ କଥା କହିବାର ଉଦ୍ଦେଶ୍ୟ ହେଲା– ଛତିଶଗଡ଼ ସରକାର ତାଙ୍କପଟେ ଏକାଧିକ ବ୍ୟାରେଜ ଏବଂ ଡ୍ୟାମ୍ ନିର୍ମାଣ କରିବା ପରେ ମଧ୍ୟ ୧୦ଦିନ ତଳେ ମହାନଦୀର କଲମା ବ୍ୟାରେଜ ତଳେ ବାଲିବନ୍ଧ କରି ଉଚ୍ଛୁଳା ପାଣିକୁ ମଧ୍ୟ ଟାଣି ନେବାକୁ ଯୋଜନା କରିଛି । ବିଭିନ୍ନ ସମ୍ବାଦପତ୍ରରେ ଏ ଖବର ପ୍ରକାଶ ପାଇବା ପରେ ମଧ୍ୟ ଆମ ସରକାର ବିଶେଷ ତତ୍ପର ଥିବା ଭଳି ଜଣାଯାଏନି । ୧୦ଦିନ ତଳେ ଆରମ୍ଭ ହୋଇଥିବା ବାଲିବନ୍ଧ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି । ବ୍ୟାରେଜ ତଳକୁ ମହାନଦୀ ପାଣି ଆସୁଛି ସତ କିନ୍ତୁ ତାହା ୧୨ କିଲୋମିଟର ଦୂରରେ ଥିବା ଓଡ଼ିଶା ସୀମାନ୍ତ ସୁଖାସୋଢ଼ାରେ ମଧ୍ୟ ପହଞ୍ଚିପାରୁନି । ଓଡ଼ିଶା ସରକାରଙ୍କ ନିଦ ଏବେବି ଭାଙ୍ଗିନି । ଅଣମୌସୁମୀ ଋତୁରେ ଅବସ୍ଥା ଆହୁରି ଅସମ୍ଭାଳ ହୋଇପାରେ । ଲୋକେ ପ୍ରଶ୍ନ କରୁଛନ୍ତି ଆପୋଷ ଆଲୋଚନା କେବେ ସରିବ? କେତୋଟି ବୈଠକ ବସିବା ପରେ ମହାନଦୀରେ ପାଣି ଦେଖିବାକୁ ମିଳିବ??




ମହାଶୟ,

ଈଶ୍ୱରୀୟ ଶକ୍ତି ମହାନ୍ ।

**ଡ. ରାମଚନ୍ଦ୍ର ଦାଶ,** ଭୁବନେଶ୍ୱର

ମହାଶୟ,

ସବୁ ସେଇ ଚକାଡୋଳାର ଲୀଳା ।

**ନିର୍ମଳ ଚନ୍ଦ୍ର ସାମଲ,**
ବରିଷ୍ଠ ସାମ୍ବାଦିକ, ଭୁବନେଶ୍ୱର

ମହାଶୟ,

ଇଚ୍ଛନ୍ତି ଦାମ୍ଭିକେ ରଖିବାକୁ ହସ୍ତେ ସମସ୍ତଙ୍କ ଭାଗ୍ୟ ଡୋରି, ନିଜ ଭାଗ୍ୟ ଡୋରି କାଳ ହସ୍ତେ ବନ୍ଧା ପକାନ୍ତି ହେଲେ ପାସୋରି । ଅହିତ ପାଞ୍ଚୁଥିବା ଲୋକଟି ସମୟ ଚକ୍ରରେ ଏମିତି ଶାସ୍ତି ପାଏ ଯେ, ସାରା ଜୀବନ ଭୁଲି ପାରେ ନାହିଁ । ତଥାପି ପ୍ରକୃତି ନୈବ ମୁଚ୍ୟତେ । ବାରମ୍ବାର ପରାଯାଇଥିବାଠୋକର ଖାଇ କରି ବି ଦୁଷ୍ଟ ବ୍ୟକ୍ତି ତା'ର ପ୍ରକୃତି ଛାଡି ପାରେ ନାହିଁ । କିନ୍ତୁ ନ୍ୟାୟ ମାର୍ଗରେ ଚାଲୁଥିବା ବ୍ୟକ୍ତିକୁ ସାହାଯ୍ୟ କରିବାକୁ କେହି ନା କେହି ଜଣେ ଆସି ଯାଆନ୍ତି ।

**କୈଳାସ ଚନ୍ଦ୍ର ସାମନ୍ତରାୟ,**
ଅନ୍ତେଇ, ପାଟକୁରା

ମହାଶୟ,

ନମସ୍କାର । 'ଏଇ ଧରଣର ଲୋକଙ୍କ ତାଲିକା ବେଶ୍ ଲମ୍ବା' ଶୀର୍ଷକରେ ଲିଖିତ ଆପଣଙ୍କ ଆଲେଖ୍ୟଟି ବେଶ୍ ମନଛୁଆଁ ଓ ନିଚ୍ଛକ ସତ୍ୟ ଉପରେ ଆଧାରିତ ।

ଜୀବନର ଚଲାପଥରେ ଅନୁଷ୍ଠାନକୁ ସମୃଦ୍ଧ କରିବା ଅବସରରେ ଆପଣ ବହୁବାର ଈଶ୍ୱରଙ୍କର ଚମତ୍କାରିତା ଅଙ୍ଗେ ନିଭାଇଛନ୍ତି, ଏହା ନିଶ୍ଚିତ ଭାବରେ ପରମ ସୌଭାଗ୍ୟର ବିଷୟ । 'ସର୍ବ ରହସ୍ୟ ପୁରୁଷୋତ୍ତମସ୍ୟ'– ତାଙ୍କରି ଉପରେ ଅଖଣ୍ଡ ବିଶ୍ୱାସ ହିଁ ଆପଣଙ୍କୁ ସ୍ୱାଭିମାନର ସହ ବଞ୍ଚିବା ଶିଖାଇଛି । ଦୁର୍ଗମ ପଥ କେବଳ ତାଙ୍କରି ଆଶିଷରେ ଅତ୍ୟନ୍ତ ସୁଗମ ହୋଇପାରିଛି । ଏହାହିଁ ସମାଜ ପାଇଁ ଯଥାର୍ଥ ବାର୍ତ୍ତା– ବିଭୁ ସୁମରିଲେ ମିଳଇ ସୁଖ, ବିଭୁଙ୍କୁ ଭୁଲିଲେ ସକଳ ଦୁଃଖ।

ମଣିଷ କ୍ଷଣିକ କ୍ଷମତାରେ ଅନ୍ଧ ହୋଇ, ବର୍ତ୍ତମାନ ସର୍ବସ୍ୱ ହୋଇ ସେ କ'ଣ କରିବ ସେ ନିଜେ ମଧ୍ୟ ଜାଣେନାହିଁ । ଏ କ୍ଷମତା ଯେ ଚିରସ୍ଥାୟୀ ନୁହେଁ ଏହା ସେ ଭୁଲିଯାଇ ଧରାକୁ ସରା ଜ୍ଞାନ କରିଥାଏ । ମାତ୍ର ପରିଣତି ଦେଖେ ସମାଜ–

କାଳ ଗର୍ଭେ ଭବେ ଲୀନ ହେଲେ କେତେ
ମହୀପତି ମହାଯଶା
ହୋଇଛି ଯାହାଙ୍କ ଜୀର୍ଣ୍ଣ ସଉଧ
ବ୍ୟାଘ୍ର ଭଲ୍ଲୁକର ବସା।

ମାତ୍ର ଦୁଃଖର ବିଷୟ ସେ ପ୍ରକାର ସଚେତନତା ଆମମାନଙ୍କର ଆସି ପାରୁନି, ଫଳରେ ଏଇ କ୍ଷମତାନ୍ଧ ବ୍ୟକ୍ତିଙ୍କ ତାଲିକା ବେଶ୍ ଲମ୍ବି ଯାଉଛି। ଏଠି ସମସ୍ତେ ସଭ୍ୟ, ସମସ୍ତେ ଶିକ୍ଷିତ, ତେଣୁ କାହାରିକୁ ଉପଦେଶ ଦେଇ ଉପହସିତ ନହୋଇ ବରଂ ନିଜ ଆଦର୍ଶରେ ଦୃଢ଼ ରହିବା ହିଁ ମହତପଣିଆ । ଗୋଟିଏ କଥା ମନେରଖିବା–

କେହି ଏଠି ଭଲ ହେଉକି ନହେଉ
ମୁଁ କିନ୍ତୁ ଭଲ ହେବି
କେହି ଭଲ କିଛି କରୁବା ନକରୁ
ମୁଁ ଭଲ କାମ କିଛି କରିବି ।

ଅନ୍ତତଃ ନୂତନବର୍ଷର ପ୍ରାରମ୍ଭରେ ଏହାହିଁ ହେଉ ଆମ ସମସ୍ତଙ୍କର ଅନୁଚିନ୍ତା ।

**ଡକ୍ଟର ଆରତି କର,**
ଶତାବ୍ଦୀ ନଗର, ଭୁବନେଶ୍ୱର
ମୋ. ୮୮୪୭୮୯୨୬୭୨

# ଜାଲିଆତିର ଜଉଘର



## ଡିଙ୍କି ମହାକାଳି ଚକୁଳି

**ସମରେନ୍ଦ୍ର ବଳିଆରସିଂହ**

ଆପଣ ଖବରକାଗଜ ପଢୁଛନ୍ତି ତ? ପଢୁଥିବେ ନିଶ୍ଚୟ । ଆଜିକା ଦୁନିଆରେ 'ଖବର ଉପରେ ନଜର' ରଖିବା ଭାରି ଲୋଡ଼ା । ତେଣୁ ଯେଉଁମାନେ ଖବରକାଗଜ ପଢୁନାହାନ୍ତି, ସେମାନେ ନିହାତି ପଢନ୍ତୁ । କାରଣ ଏଥିସହ ଆପଣଙ୍କ ଧନ–ଜୀବନର ସଂପର୍କ ଅଛି । ଆଚ୍ଛା ଆପଣ ଖବରକାଗଜର କେଉଁ ଖବର ଆଗ ପଢନ୍ତି? ପ୍ରଥମ ପୃଷ୍ଠାରେ ବଡ଼ ବଡ଼ ଅକ୍ଷରର ଶିରୋନାମାରେ ଥିବା ମୁଖ୍ୟ ଖବର ବା ଲିଡ୍ ଷ୍ଟୋରୀ/ମେନ୍ ଷ୍ଟୋରୀ ଆଗ ପଢୁଥିବେ ବୋଧେ? କାରଣ ଅଧିକାଂଶଙ୍କ ନଜର ମୁଖ୍ୟ ମୁଖ୍ୟ ଖବରଗୁଡ଼ିକ ଉପରେ ରହିଥାଏ । ଆଉ କିଛି ପାଠକ ଖବରକାଗଜର ପ୍ରଥମ ପୃଷ୍ଠାର ନିମ୍ନଭାଗରେ ଥିବା ହ୍ୟାଙ୍ଗର ଷ୍ଟୋରୀ ପଢିବାକୁ ଭଲ ପାଆନ୍ତି। କାହାର କ'ଣ ପସନ୍ଦ । କେହି କେହି ପ୍ରଥମ ପୃଷ୍ଠାରୁ ପଢିବା ଆରମ୍ଭ କରନ୍ତି, କେହି କେହି ଶେଷପୃଷ୍ଠାରୁ ପଢିବା ଆରମ୍ଭ କରନ୍ତି । କେହି କେହି ରାଶିଫଳରୁ ଖବରକାଗଜ ପଢିବା ଶ୍ରୀଗଣେଶ କରନ୍ତି। ବୁଦ୍ଧିଜୀବୀ ଗୋଷ୍ଠୀ ପ୍ରଥମ ପୃଷ୍ଠାର ମୁଖ୍ୟ ଶିରୋନାମା ଉପରେ ନଜର ପକାଇ ସଂପାଦକୀୟ ପୃଷ୍ଠା ପଢନ୍ତି । ଆଉ କିଛି ପାଠକ ଫିଚର ପୃଷ୍ଠାରେ ରୁଚି ରଖନ୍ତି । ସ୍ୱତନ୍ତ୍ର ବିଷୟ ଉପରେ ପ୍ରସ୍ତୁତ ଆଲେଖ୍ୟକୁ ମଧ୍ୟ ଅନେକ ଆଗ ପଢନ୍ତି। ଚାକିରି ସନ୍ଧାନରେ ଥିବା ବ୍ୟକ୍ତିବିଶେଷ ଚାକିରି ସମ୍ବନ୍ଧୀୟ ବିଜ୍ଞାପନ ଦରାଣ୍ଡିବାକୁ ବେଶୀ ଗୁରୁତ୍ୱ ଦିଅନ୍ତି । ପାଠକବନ୍ଧୁ, ଆପଣମାନଙ୍କ ମଧ୍ୟରୁ ଅଧିକାଂଶ ଉପର ବର୍ଣ୍ଣନା ଅନୁଯାୟୀ ନିଜ ରୁଚି ଅନୁସାରେ ଖବରକାଗଜ ପଢୁଥିବେ । ତେବେ ଏତିକିରେ ଯଦି ଆପଣମାନଙ୍କ ପଢା ସରିଯାଉଛି, ତା' ହେଲେ ଆପଣ ଭୁଲ କରୁଛନ୍ତି । କହିଲେ ଦେଖି, ଆପଣ କ'ଣ ଭିତର ପୃଷ୍ଠାରେ ଛୋଟ ଛୋଟ ଅକ୍ଷରରେ ବାହାରୁଥିବା ବିଭିନ୍ନ ବ୍ୟାଙ୍କର ବିଜ୍ଞାପନ ପଢନ୍ତି? ସେହି ବିଜ୍ଞାପନରେ ଲେଖାଥାଏ, ଦଖଲ ନୋଟିସ୍ କିମ୍ବା ଇ–ନିଲାମ/ମେଗା ଇ–ନିଲାମ କିମ୍ବା ସ୍ଥାବର ସମ୍ପତ୍ତି ବିକ୍ରୟ ପାଇଁ ବିକ୍ରୟ ବିଜ୍ଞପ୍ତି। ବ୍ୟାଙ୍କର ଚାପଗ୍ରସ୍ତ ସମ୍ପତ୍ତି ଆଦାୟ ଶାଖା ପକ୍ଷରୁ ସିକ୍ୟୁରିଟାଇଜେସନ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ ଅଫ୍ ଫାଇନାନସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ(ସରଫେଶୀ) ଆକ୍ଟ ୨୦୦୨ ଧାରା ୧୩(୨) ଅନୁଯାୟୀ ଡିମାଣ୍ଡ ନୋଟିସ୍ ମଧ୍ୟ ପ୍ରକାଶ ପାଇଥାଏ। ସେଥିରେ ବିଜ୍ଞପ୍ତି ପ୍ରକାଶ ପାଇଥାଏ ଯେ, 'ଏତଦ୍ୱାରା ନିମ୍ନଲିଖିତ ରଣଗ୍ରହୀତାମାନଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇଦିଆଯାଉଛି କି, ବ୍ୟାଙ୍କରୁ ନେଇଥିବା ରଣ ବକେୟା ମୂଳ ଏବଂ ସୁଧ ପରିଶୋଧ କରିବାରେ ବିଫଳ ହେଇଥିବାରୁ ସେମାନଙ୍କର ରଣକୁ ଅଣ କାର୍ଯ୍ୟକାରୀ ସମ୍ପତ୍ତି (ନନ୍ ପରଫର୍ମିଙ୍ଗ୍ ଆସେଟ୍ସ ବା ଏନପିଏ) ଶ୍ରେଣୀଭୁକ୍ତ କରାଯାଇଛି।' ସେହିପରି ସରଫେଶୀ ଆକ୍ଟର ୨୦୦୨ର ରୁଲ୍ ୬(୨) ଓ ୮(୬) ଅନୁଯାୟୀ ସ୍ଥାବର ସମ୍ପତ୍ତିର ଇ–ନିଲାମ ବିଜ୍ଞପ୍ତିରେ ଲେଖାଯାଇଥାଏ, 'ଏତସ୍ୱାରା ସର୍ବସାଧାରଣ, ରଣଗ୍ରହୀତା, ବନ୍ଧକଦାତା ଏବଂ ଗ୍ୟାରେଣ୍ଟିଦାତାମାନଙ୍କ ଅବଗତି ନିମନ୍ତେ ଜଣାଇଦିଆଯାଉଛି ଯେ, ଅମୁକ ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀ (ସୁରକ୍ଷିତ ରଣଦାତା)ଙ୍କ ଦ୍ୱାରା ବ୍ୟାଙ୍କର ବକେୟା ଦେୟ ବାବଦକୁ ନିମ୍ନରେ ପ୍ରଦତ୍ତ ସ୍ଥାବର ସଂପତ୍ତି ଗୁଡ଼ିକୁ ଦଖଲରେ ନେଇଛନ୍ତି ଏବଂ ନିମ୍ନ ସ୍ୱାକ୍ଷରକାରୀ ବ୍ୟାଙ୍କ ଦେୟ ଆଦାୟକରଣ ନିମନ୍ତେ ନିମ୍ନଦର୍ଶିତ ବନ୍ଧକ ସଂପିଗୁଡ଼ିକୁ 'ଯେଉଁଠାରେ ଯେପରି ଅଛି', 'ଯାହା ଯେପରି ଅଛି' 'ସେଠାରେ ଯାହା ଅଛି' ଭିତିରେ ଇ–ନିଲାମ ମାଧ୍ୟମରେ ବିକ୍ରୟ କରିବା ପାଇଁ ସ୍ଥିର କରିଛନ୍ତି।' ବିଭିନ୍ନ ବ୍ୟାଙ୍କରୁ ରଣ ନେଇଥିବା ବ୍ୟକ୍ତିବିଶେଷ ବା ସଂସ୍ଥା ରଣ ଶୁଝି ନ ପାରିଲେ କିମ୍ବା ଆଉ କାହା ପାଇଁ ସେମାନଙ୍କ ଜମି ବନ୍ଧକ ପଡ଼ିଥିଲେ ଏଭଳି ବିଜ୍ଞାପନ ବ୍ୟାଙ୍କ ତରଫରୁ ପ୍ରକାଶ ପାଇଥାଏ । ଅନେକ ସମୟରେ ବ୍ୟାଙ୍କ ତରଫରୁ ସେହି ରଣ ଖିଲାପୀମାନଙ୍କ ବିରୋଧରେ ରଣ ଅସୁଲ ଅଧିକରଣ (ଡେବ୍ଟ ରିକୋଭରି ଟ୍ରିବୁନାଲ)ରେ ଅଭିଯୋଗ ବା କେଶ୍ କରାଯିବା ପରେ ରଣ ଅସୁଲ ଅଧିକରଣ ପକ୍ଷରୁ ସଂପୃକ୍ତ ପକ୍ଷଙ୍କ ବିରୋଧରେ ବନ୍ଧକ ସଂପତି ନିଲାମ କିମ୍ବା ବିକ୍ରି ପାଇଁ ମଧ୍ୟ ଖବରକାଗଜରେ ବିଜ୍ଞପ୍ତି ପ୍ରକାଶ ପାଇଥାଏ ।

ପାଠକବନ୍ଧୁ, ଏସବୁ ବିଜ୍ଞାପନଗୁଡ଼ିକ ଅଧିକାଂଶ ପଢନ୍ତିନାହିଁ। ଅନେକ ଏସବୁକୁ ନଜରଅନ୍ଦାଜ କରିଥାନ୍ତି, କାରଣ ଯେଉଁମାନେ ବ୍ୟାଙ୍କରୁ କୌଣସି ରଣ ନେଇନାହାନ୍ତି କିମ୍ବା କାହା ପାଇଁ ନିଜ ଜମି ବନ୍ଧକ ପକାଇନାହାନ୍ତି, ସେମାନେ ଏଭଳି ବିଜ୍ଞାପନ କାହିଁକି ପଢିବାକୁ ଚାହିଁବେ! ନାଇଁ ଆଜ୍ଞା, ଏସବୁ ବିଜ୍ଞାପନଗୁଡ଼ିକ ଭଲକରି ପଢନ୍ତୁ। ଛୋଟ ଛୋଟ ଅକ୍ଷରରେ ଛପା ହେଇଥିବା ଏହି ବିଜ୍ଞାପନସବୁ ଯଦି ଆପଣଙ୍କୁ ଖାଲି ଆଖିରେ ଦିଶୁନାହିଁ, ତା'ହେଲେ ଯବକାଚ ପକାଇ ପଢନ୍ତୁ କାରଣ ଆପଣ ନିଜ ଜୀବନକାଳରେ କୌଣସି ବ୍ୟାଙ୍କରୁ ରଣ ନ ନେଇଥିଲେ ବି ଆପଣଙ୍କ ନାଁରେ ଆଉ କେହି ବ୍ୟାଙ୍କରୁ ଲକ୍ଷ ଲକ୍ଷ କୋଟି କୋଟି ଟଙ୍କା ରଣ କରିଦେଇଥିବ, ଅଥଚ ଆପଣ ଜାଣିନଥିବେ। ଆପଣଙ୍କ ଜମିର ଦଲିଲ ଓ ପଟ୍ଟାକୁ ଜାଲ କରି, ଆପଣଙ୍କ ପରିଚୟପତ୍ର (ଆଧାର, ପ୍ୟାନ କାର୍ଡ)ର ନକଲ ପ୍ରସ୍ତୁତ କରି କେହି ୪୨୦ ବ୍ୟକ୍ତି ବା ସଂସ୍ଥା ଆପଣଙ୍କୁ ଚୂନା ଲଗେଇଦେଇଥିବ, ତାହା ଆପଣ ଜାଣିନଥିବେ। ବର୍ଷ ବର୍ଷ ଧରି ଆପଣଙ୍କ ନାଁରେ ରଣ ଗଡୁଥିବ, କିନ୍ତୁ ଆପଣ ଜାଣିନଥିବେ। ୪୨୦ ଠକ ଆପଣଙ୍କ ନାଁରେ ରଣ କରିଥିବ କିମ୍ବା ଆପଣଙ୍କୁ ଗ୍ୟାରେଣ୍ଟର ରଖିଥିବ। ଆପଣଙ୍କ ଠିକଣା ବି ବ୍ୟାଙ୍କ ରେକର୍ଡରେ ଏଭଳି ଦରଜ ହେଇଥିବ ଯେ, ଆପଣଙ୍କ ପାଖକୁ ରଣ ଶୁଝିବାକୁ ନୋଟିସ୍ ମଧ୍ୟ ଆସୁନଥିବ। ଏହାପରେ ଡେବ୍ଟ ରିକୋଭରି ଟ୍ରିବ୍ୟୁନାଲରେ ଆପଣଙ୍କ ବିରୋଧରେ କେସ୍ ହେବ, ଖବରକାଗଜରେ ଆପଣଙ୍କ ନାଁରେ ବିଜ୍ଞପ୍ତି ବାହାରିବ। ଯଦି ଆପଣ ଜାଣିନପାରିଲେ, ତା' ହେଲେ ଆପଣଙ୍କ ଜମି ନିଲାମ କିମ୍ବା ବିକ୍ରି ହେଇଯାଇଥିବ ।

ଆପଣ ଭାବୁଥିବେ, ଏହା କିଭଳି ସମ୍ଭବ? ହଁ ଆଜ୍ଞା ଏ କଳିଯୁଗରେ ସବୁ ସମ୍ଭବ। ଏଭଳି ଠକେଇରେ ଆମ ରାଜ୍ୟ ପରା (କୁ) ଖ୍ୟାତିଅର୍ଜନ କଲାଣି । ମନ୍ଦିର ଚୋଳିଲେ ନାଁ, ବାଟରେ ମଳତ୍ୟାଗ କଲେ ବି ନାଁ । ଠକ ତ ଠକିବେ, ହେଲେ ବ୍ୟାଙ୍କ ଭଳି ବିଶ୍ୱସନୀୟ ସଂସ୍ଥା କେମିତି ଠକଙ୍କୁ ଚିହ୍ନିପାରୁନାହାନ୍ତି, ଧରିପାରୁନାହାନ୍ତି, ଏ ପ୍ରଶ୍ନ ଆପଣଙ୍କ ମନରେ ଆସୁଥିବ! ଆଧାର, ପ୍ୟାନ୍ କାର୍ଡ, ଫିଲ୍ଡ ଭେରିଫିକେସନ୍, ଜମିର ଇସି ବା ଏନକୁମ୍ବରାନ୍ସ ସାର୍ଟିଫିକେଟ୍... ଏମିତି କେତେ କଥା ଅଛି। ସାଧାରଣ ରଣଟେ ନବାକୁ ମଣିଷ କେତେ ଦହଗଞ୍ଜ ହେଉଛି, ହେଲେ ଲକ୍ଷ ଲକ୍ଷ କୋଟି କୋଟି ଟଙ୍କା ଠକ ଚଲୁ କରିନଉଛନ୍ତି। ଆଶ୍ଚର୍ଯ୍ୟ! ହଁ ଆଜ୍ଞା, ଏସବୁ ଆଶ୍ଚର୍ଯ୍ୟ ଲାଗିଲେ ବି ସତ । ବ୍ୟାଙ୍କ ଆଉ ପୂର୍ବଭଳି ନାହିଁ । ବ୍ୟବସ୍ଥା ପୂରା ଭୁଷୁଡ଼ିପଡ଼ିଲାଣି। ବ୍ୟାଙ୍କର ଅନେକ କର୍ମଚାରୀ ଏବେ ଅସାଧୁ। ଟଙ୍କ ଚଲୁ କରିବା ପାଇଁ ନିଆଁ ଗିଳିଦେବେ। ବ୍ୟାଙ୍କକୁ ଆପଣ ଦେଉଥିବା ବ୍ୟକ୍ତିଗତ ତଥ୍ୟର କିଛି ଗୋପନୀୟତା ନାହିଁ । ଆପଣଙ୍କ ବ୍ୟକ୍ତିଗତ ଦସ୍ତାବିଜ୍ ଓ ଦସ୍ତଖତ୍‌ରୁ ସେମାନେ ଲକ୍ଷ ଲକ୍ଷ/କୋଟି କୋଟି ଟଙ୍କା ଆତ୍ମସାତ୍ କରିଦେଉଛନ୍ତି । ଏମନ୍ତ ଠକିବାରେ ସିଧାସଳଖ ବ୍ୟାଙ୍କ କର୍ମଚାରୀ ସଂପୃକ୍ତ ରହିବାର ଖବର ପ୍ରତିଦିନ ଆପଣ ପଢୁଥିବେ । ଏଇ ଯେମିତି ବ୍ୟକ୍ତି ଜଣକ ଦଶ ଲକ୍ଷ ଟଙ୍କା ରଣ ଆବେଦନ କରିଛନ୍ତି, ହେଲେ ତାଙ୍କ ନାମରେ ୬୦ ଲକ୍ଷ ଟଙ୍କା ରଣ ଉଠିଛି। ସଂପୃକ୍ତ ବ୍ୟକ୍ତିଙ୍କ ଆକାଉଣ୍ଟକୁ ଦଶ ଲକ୍ଷ ଟଂକା ଆସିଲା, ତେବେ କିଛି ବର୍ଷ ପରେ ୬୦ ଲକ୍ଷ ଟଙ୍କା ରଣ କରିଥିବାର ତାଙ୍କ ପାଖକୁ ରଣ ଖିଲାପୀ ନୋଟିସ୍ ଆସିବା ପରେ ମହାଶୟ ଜାଣିଲେ ଯେ, ବ୍ୟାଙ୍କ କର୍ମଚାରୀଙ୍କ ଦ୍ୱାରା ସେ ଠକେଇର ଶିକାର ହୋଇଛନ୍ତି। ବାକି ଟଙ୍କା ବ୍ୟାଙ୍କ କର୍ମଚାରୀ ଚଲୁ କରିଦେଇଛନ୍ତି । ଭାବନ୍ତୁ ତ, ଆପଣ କାହାକୁ ବିଶ୍ୱାସ କରିବେ?

ଆପଣଙ୍କ ଜମି ଗୋଟିଏ ଜାଗାରେ ଥିବ, କିନ୍ତୁ ରଣ ଉଠୁଥିବ ଆଉ ଏକ ଜାଗାରେ, ଅନ୍ୟ ଏକ ଜିଲାର କୌଣସି ବ୍ୟାଙ୍କ ଶାଖାରେ। କାରଣ ଠକଙ୍କ ର୍‍ୟାକେଟ୍ ସହ ପ୍ରତ୍ୟକ୍ଷ ଭାବେ ସାମିଲ ହେଉଛନ୍ତି ବ୍ୟାଙ୍କ କର୍ମଚାରୀ। ଜମି ଦଲାଲ, ବିଲଡର, ଠକ ଓ କିଛି ବ୍ୟାଙ୍କ କର୍ମଚାରୀଙ୍କ ମଧୁଚନ୍ଦ୍ରିକାରେ ଚାଲିଛି ସାଂଘାତିକ ଜାଲିଆତି। ବେସରକାରୀ ବ୍ୟାଙ୍କ କଥା ଛାଡ଼ନ୍ତୁ ସରକାରୀ ଜାତୀୟକରଣ ବ୍ୟାଙ୍କର କର୍ମଚାରୀମାନେ ମଧ୍ୟ ଏହି ର୍‍ୟାକେଟରେ ଅଛନ୍ତି। ଏଥିରେ ପ୍ରତ୍ୟକ୍ଷ ସହଯୋଗ ପ୍ରଦାନ କରୁଛନ୍ତି ସବ–ରେଜିଷ୍ଟ୍ରି ଅଫିସ୍। ଏହି ଅଫିସରୁ ଦଲିଲ, ପଟ୍ଟାର ଅବିକଳ ନକଲ ପ୍ରସ୍ତୁତ କରାଯାଉଛି । ବ୍ୟାଙ୍କର ମ୍ୟାନେଜର ମଧ୍ୟ ଏଥିରେ ପକ୍ଷ ହୋଇ ବନ୍ଧକ ଚୁକ୍ତିନାମା (ଇକୁଟେବଲ ମର୍ଟଗେଜ୍ ବାଇ ଡିପୋଜିଟ୍ ଅଫ୍ ଟାଇଟଲ ଡିଡ୍) କରୁଛନ୍ତି। ବିନା ଆଧାର ଚିହ୍ନଟ, ଅସଲି ଜମି କବଲା ତନଖିରେ ଜାଲ ଦସ୍ତାବିଜରେ ମୋଟା ଅର୍ଥ ନେଇ ସବ୍–ରେଜଷ୍ଟ୍ରାର ସେଥିରେ ଦସ୍ତଖତ ମାରିଦେଉଥିବାର ସଙ୍ଗୀନ ଅଭିଯୋଗ ମଧ୍ୟ ସାମ୍ନାକୁ ଆସୁଛି। ଦୀର୍ଘ ବର୍ଷ ଧରି ଏହି କେଳେଙ୍କାରୀ ଚାଲିଚି। ଆଜ୍ଞା, ଇଏ ହଉଚି ଆମ ରାଜସ୍ୱତନ୍ତ୍ର, ଟଙ୍କା ପାଇଁ ଏମାନେ ସବୁ କିଛି କରିପାରିବେ। ଆପଣ ରଣ କରିନଥିବେ, କିନ୍ତୁ ଇସି ବା ଏନକୁମ୍ବରାନ୍ସ ସାର୍ଟିଫିକେଟରେ ଆପଣଙ୍କ ଜମି ବନ୍ଧା ପଡ଼ିଥିବାର ଦେଖଉଥିବ। ତେଣୁ ପାଠକବନ୍ଧୁ, ମଝିରେ ମଝିରେ ନିଜ ଜମିର ଇସି ଦେଖୁଥିବେ (ଆଜିକାଲି ଅନଲାଇନରେ ସବୁକିଛି ମିଳିଯାଉଛି), କାଳେ ଆପଣଂକ ଜମି ଆଉ କେହି ବନ୍ଧା ପକେଇଦେଇନି ତ? ସବୁ ନୀତି ନିୟମ ଉଲ୍ଲଂଘନ କରି ଆମ ବ୍ୟବସ୍ଥା ଚାଲିଚି ସଚରାଚର। ଏ ଗଣତାନ୍ତ୍ରିକ ରାଷ୍ଟ୍ର 'ଆଜାଦୀର ଅମୃତ ମହୋତ୍ସବ' ପାଳନ କରୁଛି, ତେବେ ଜାଣି ରଖନ୍ତୁ ସ୍ୱାଧୀନତାର ଏ ୭୮ ବର୍ଷ ପରେ ମଧ୍ୟ ଆପଣଙ୍କ ଧନ, ଜୀବନ ସୁରକ୍ଷିତ ନୁହେଁ । ଆମ ତଥାକଥିତ ବ୍ୟବସ୍ଥା ଆପଣଙ୍କୁ ହାତରେ ମାରିବ, ନ ହେଲେ ଭାତରେ ମାରିବ । ଗଳିକନ୍ଦିରେ ଅପରାଧୀ ମାତିଛନ୍ତି ଧମକ ଦେଇ ଛୁରୀ ଭୁଜାଲି, ବନ୍ଧୁକ ମୁନରେ ଲୁଟ୍ କରୁଛନ୍ତି, ହତ୍ୟା, ଧର୍ଷଣ କରୁଛନ୍ତ । ଆଉ କିଛି ଅପରାଧୀ କଳ ବଳ କୌଶଳରେ ଲୁଟି ଚାଲିଛନ୍ତି ।

ଆମ ଅର୍ଥ ବ୍ୟବସ୍ଥାର ଏକ କରାଳ ଚିତ୍ର ହେଉଛି ଚାପଗ୍ରସ୍ତ ସମ୍ପତ୍ତି ବା ଏନ୍‌ପିଏ(ନନ୍–ପରଫର୍ମିଙ୍ଗ୍ ଆସେଟ୍)। ବ୍ୟାଙ୍କଗୁଡ଼ିକର ଏନ୍‌ପିଏ ବଢି ବଢି ଚାଲିଛି । ବିଜୟ ମାଲ୍ୟା, ନୀରବ ମୋଦୀଙ୍କ ଭଳି ଲକ୍ଷ ଲକ୍ଷ ୪୨୦ ଠକଙ୍କୁ ଆମ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥା ଲାଳନପାଳନ କରୁଛି । ରଣ ଠକିବା ପାଇଁ କିଛି ବ୍ୟାଙ୍କ କର୍ମଚାରୀମାନଙ୍କ ପ୍ରତ୍ୟକ୍ଷ ତଥା ପରୋକ୍ଷ ସଂପୃକ୍ତି ଏଭଳି ପରିସ୍ଥିତି ପାଇଁ ଦାୟୀ । ଆପଣ ବିଶ୍ୱାସ କରିବେନି, ବ୍ୟାଙ୍କ ଠକେଇ ସମ୍ବନ୍ଧୀୟ ଅଭିଯୋଗକୁ ବି ବ୍ୟାଙ୍କ ଉଚ୍ଚକର୍ତ୍ତୃପକ୍ଷ ବାଏଁ ବାଏଁ ଉଡ଼ାଇଦେଉଛନ୍ତି । ବିଚରା ନିରୀହ ଲୋକଟି ମାନସିକ ଅଶାନ୍ତିରେ ଘାରି ହେଉଛି । ବ୍ୟାଙ୍କଗୁଡ଼ିକରେ ଉପରୁ ତଳ ପର୍ଯ୍ୟନ୍ତ ଅନେକ ଅଧିକାରୀ ଠକେଇ ଅର୍ଥ ହରିଲୁଟ୍‌ରେ ସଂପୃକ୍ତ ଥିବାରୁ ଏଭଳି ସାଂଘାତିକ ଅବସ୍ଥା ସୃଷ୍ଟି ହୋଇଛି । ଭାରତୀୟ ବ୍ୟାଙ୍କ ବ୍ୟବସ୍ଥାର ଅଧୋଗତିକୁ ଏହା ସୂଚାଉଥିବାବେଳେ ବ୍ୟାଙ୍କ ପ୍ରତି ସାଧାରଣ ଲୋକଙ୍କ ବିଶ୍ୱସନୀୟତା ଦିନକୁ ଦିନ ତୁଟିଯାଉଛି ।

***ବଙ୍କି ଜଗବନ୍ଧୁ ନଗର, ଖୋର୍ଦ୍ଧା***
***ମୋ. ୮୨୪୯୬୭୯୦୯୯***

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ




# ଖାଦ୍ୟରୁ ପାଆନ୍ତୁ ଉଷ୍ମତା





**ଚା**ରିଆଡେ ଶୀତ । ଶୀତ ସହ ଆସିଗଲାଣି ନାନା ସ୍ୱାସ୍ଥ୍ୟ ସମସ୍ୟା । ଏ ଋତୁରେ ନିଜକୁ ଫିଟ୍ ରଖିବା ବି ଗୋଟେ ଚ୍ୟାଲେଞ୍ଜ । ଶୀତଋତୁରେ ତାପମାତ୍ରା କମିଲେ ହୃଦ୍ ସମ୍ପର୍କିତ ନାନା ସମସ୍ୟା ବଢ଼ିଯାଏ । କିନ୍ତୁ ଟିକେ ସଜାଗ ରହିଲେ ସୁସ୍ଥ ରହି ଏ ଋତୁର ଆନନ୍ଦ ଲୁଟି ହୁଏ । ଘରେ ଥିବା ସାଧାରଣ ମସଲା ଏ ଶୀତରେ ଆପଣଙ୍କ ଉଷ୍ମତାର ଅନୁଭବ ଦେବ । ସୁସ୍ଥ ଓ ସତେଜ ରଖିବ ।



**ଅଦା** : ଶୀତଦିନେ ନିରୋଗତାର ସବୁଠାରୁ ବଡ଼ ଖଜାନା ଅଛି ଅଦା ପାଖରେ । ଚୀନା ଚିକିତ୍ସା ପଦ୍ଧତି, ଆୟୁର୍ବେଦ ଓ ପାଶ୍ଚାତ୍ୟ ଖାଦ୍ୟ ବିଶାରଦ ସମସ୍ତଙ୍କ ମତ ଶୀତଦିନେ ଅଦା ଖାଇବା ଖୁବ୍ ଲାଭଦାୟକ ।

ଅଦାରେ ଶୋଗାଓଲ୍, ଜିଞ୍ଜରାନ୍ ଓ ଜିଞ୍ଜରାଲ୍ ନାମକ ତତ୍ତ୍ୱ ଥାଏ । ଜିଞ୍ଜରାଲ୍ ଶୀତରେ ଆମ ପାଚନ ପ୍ରଣାଳୀକୁ ସକ୍ରିୟ ରଖେ । ଏହା କ୍ୟାନ୍ସର ବିପକ୍ଷରେ ଲଢ଼ିବାର ଶକ୍ତି ଦିଏ । ଏହାକୁ ଆପଣ ଚା' ସହ,





ଶୁଖିଲା ଗୁଣ୍ଡ କରି ଦୁଗ୍ଧ ସହ ବା ସୁପ୍‌ରେ ମିଶାଇ ଖାଇପାରିବେ ।

ଅଦା ସର୍ବପ୍ରଥମେ ଭାରତରେ ବ୍ୟବହୃତ ହୋଇଥିଲା । ପଞ୍ଚମ ଶତାବ୍ଦୀରେ ଭାରତ ମହାସାଗର ଓ ଚୀନ୍ ସାଗର ଦେଇ ଏହାର ବାଣିଜ୍ୟ ହେଉଥିବାର ପ୍ରମାଣ ମିଳିଛି ।

**ଲବଙ୍ଗ** : ଏହା ସ୍ୱାସ୍ଥ୍ୟ ପାଇଁ ଖୁବ୍ ଲାଭଜନକ । ଶ୍ୱାସ ସମ୍ବନ୍ଧିତ ରୋଗ ପାଇଁ ଏହା ଅମୋଘ ଅସ୍ତ୍ର । ଏହା ଶରୀରର ତନ୍ତୁଜାତୀୟ ଖାଦ୍ୟ ଅଭାବ ପୂରଣ କରିପାରେ । ଏଥିରେ ଇୟୁଗେନାଲ ନାମକ ଉପାଦାନ ମିଳେ । ତାହା ଲବଙ୍ଗର କଟୁ ବାସ୍ନାର ମୂଳ ଉପାଦାନ । ଏହା ଶରୀରର ରକ୍ତସଂଚାର ସ୍ୱାଭାବିକ କରିଥାଏ । ଲବଙ୍ଗରେ ଥିବା କେମ୍ଫେରୋଲ ରକ୍ତର ବ୍ୟାଡ୍ କୋଲେଷ୍ଟ୍ରୋଲ୍‌କୁ ନିୟନ୍ତ୍ରିତ କରିଥାଏ ।

ଚା' ତିଆରି କରିବା ବେଳେ ଗୋଟେ ଦୁଇଟି ଲବଙ୍ଗ ପକାଇ ଦିଅନ୍ତୁ । ନଚେତ୍ ଲବଙ୍ଗ ଗୁଣ୍ଡକୁ ମହୁ ସହ ମିଶାଇ ଖାଆନ୍ତୁ । ୪୦୦ ବର୍ଷ ପୂର୍ବେ ପ୍ରଥମେ ଇଣ୍ଡୋନେସିଆରେ ଲବଙ୍ଗ ଗଛ ମିଳିଥିଲା ।

**ହଳଦୀ** : ଏମିତି ତ ଦୈନନ୍ଦିନ ଖାଦ୍ୟରେ ହଳଦୀ ବ୍ୟବହୃତ ହୁଏ । କିନ୍ତୁ ଶୀତ ଦିନେ ଏହାର ସେବନ ଖୁବ୍ ସ୍ୱାସ୍ଥ୍ୟ ଉପଯୋଗୀ । ଏଥିରେ କ୍ୟାନ୍ସର ପ୍ରତିରୋଧକ ତତ୍ତ୍ୱ ରହିଛି ।

ହଳଦୀରେ କୁକୁରମିନାଇଡ୍ସ ନାମକ ଉପାଦାନ ଥାଏ । ଏହି ଉପାଦନ ଯୋଗୁ ହଳଦୀର ରଙ୍ଗ ଆସେ । ଏହା ଲିଭରରୁ ବିଷାକ୍ତ ଉପାଦାନ ନିଷ୍କାସନ କରିବା ସହ ରକ୍ତରୁ କୋଲେଷ୍ଟ୍ରୋଲ୍ ପରିମାଣ କମ୍ କରେ ।

ଭୋଜନରେ ସାଧାରଣଭାବେ ଉପଯୋଗ କରିବା ସହ ଏହାକୁ ଶୀତଦିନେ ସକାଳେ ବା ରାତିରେ ଗରମ କ୍ଷୀର ସହ ପିଇବା ଲାଭଦାୟକ ହୋଇଥାଏ ।

ସର୍ବପ୍ରଥମେ ଏହାକୁ କେଶ ରଙ୍ଗ କରିବା ପାଇଁ ବ୍ୟବହାର କରାଯାଉଥିଲା । ହଜାର ହଜାର ବର୍ଷ ପୂର୍ବେ ଭାରତରେ ଚିକିତ୍ସା ପାଇଁ ହଳଦୀର ଉପଯୋଗ ହେଉଥିବା ସମ୍ପର୍କରେ ପ୍ରମାଣ ମିଳୁଛି ।

ମେଦ ବୃଦ୍ଧି ଅସୁସ୍ଥତାର ଆଉ ଏକ ଲକ୍ଷଣ । ଫିଟ୍ ରହିବା ପାଇଁ ଓଜନ କମ୍ କରିବାକୁ ହେବ । କିନ୍ତୁ କେମିତି? କେବଳ ଖାଇବା କମ୍ କରିଦେଲେ ଚଳିବନି । ଶରୀରକୁ ସମସ୍ତ ପୋଷକତତ୍ତ୍ୱ ଦେଇକି ଓଜନ କମ୍ କରିହେବ । ଏଥିପାଇଁ କିଛି ବିଶେଷ କରିବାକୁ ହେବନାହିଁ । ସାଧାରଣ ଭାବରେ ଘରେ ଖାଦ୍ୟରେ ଏସବୁ ଉପଯୋଗ ହୁଏ । କିନ୍ତୁ ଆପଣ ଜାଣିବା ଦରକାର କେଉଁ ଖାଦ୍ୟ ଶରୀରକୁ ଉପଯୁକ୍ତ ପୋଷଣ ଦେବା ସହ ମେଦକୁ ରୋକିବ ।

**ଶାଗ** : ପାଳଙ୍ଗ, ମେଥି, ବଥୁଆ, ଚଣା ଏବଂ କୋଶଳା ଆଦିରେ ଆଠ ଦଶ ପ୍ରକାର ପୁଷ୍ଟିକର ଉପାଦାନ ଥାଏ । କିନ୍ତୁ ଏଗୁଡ଼ିକ ମେଦ ବୃଦ୍ଧିରେ ସହାୟକ ହୁଅନ୍ତି ନାହିଁ । ଏଗୁଡ଼ିକୁ ଖାଇବା ପୂର୍ବରୁ ଭଲ ଭାବରେ ସିଝାଇନେବା ନେଇ ଏଥିରେ ଥିବା ଅଦରକାରୀ ଉପାଦାନ ନଷ୍ଟ ହୋଇଯାଏ ।

**ଡାଲି** : ଆମେ ସାଧାରଣ ଭାବରେ ବ୍ୟବହାର କରୁଥିବା ହରଡ଼, ମୁଗ, ଚଣା, ବୁଟ ଏବଂ ମସୁର ଡାଲି ଆଦିରେ ପ୍ରଚୁର ପରିମାଣରେ ପ୍ରୋଟିନ୍, ପଟାସିୟମ୍, ମ୍ୟାଗ୍ନେସିୟମ୍,





ଫାଇବର, କାର୍ବୋହାଇଡ୍ରେଟ୍ସ, ଭିଟାମିନ୍ 'ବି', ଫୋଲେଟ୍, ଥାୟାମିନ୍, ଆଇରନ୍, ଜିଙ୍କ୍, ଭିଟାମିନ୍ 'ଏ' ଓ ଫସ୍ଫରସ୍ ମିଳିଥାଏ । ଡାଲିରୁ ଶରୀର ପାଇଁ ଆବଶ୍ୟକ ଅଧିକାଂଶ ପୋଷକତତ୍ତ୍ୱ ମିଳିଥାଏ । ଏହାକୁ ଆମେ ପ୍ରେସରକୁକରରେ ସିଝାଇ ଖାଇପାରିବା ।

**ଟାମାଟୋ** : ଏଥିରେ ପ୍ରଚୁର ପରିମାଣରେ ଭିଟାମିନ୍ 'ସି' ଥାଏ । ଏଥିସହ ଭିଟାମିନ୍ 'ଏ', 'ବି' କମ୍ପ୍ଲେକ୍ସ, ପ୍ରୋଟିନ୍, କାର୍ବୋହାଇଡ୍ରେଟ୍, ଆଇରନ୍, ମାଗ୍ନେସିୟମ୍ ମଧ୍ୟ ଅଧିକ ପରିମାଣରେ ମିଳେ । ଟମାଟୋକୁ କଞ୍ଚା ଖାଇବା ସବୁଠାରୁ ଭଲ ।

**ସେଓ** : ଏହା ମ୍ୟାଜିକାଲ୍ ଫ୍ରୁଟ୍ । ଏଥିରେ ଭିଟାମିନ୍ 'ବି', ଫୋଲେଟ୍, ପ୍ରୋଟିନ୍, କ୍ୟାଲ୍ସିୟମ୍, କାର୍ବୋହାଇଡ୍ରେଟ୍, ଭିଟାମିନ୍ 'ଏ' ଏବଂ ପ୍ରଚୁର ପରିମାଣରେ ଫାଇବର ଥାଏ । ଏହାକୁ ଚୋପା ସହ ଖାଇଲେ ଭଲ ।

**ପନିର** : ଯେଉଁମାନେ ମାଛ, ମାଂସ ଖାଆନ୍ତି ନାହିଁ ସେମାନଙ୍କ ପାଇଁ କ୍ଷୀର ଏବଂ ପନିର ସବୁଠାରୁ ଭଲ ବିକଳ୍ପ । ଏଥିରେ କ୍ୟାଲସିୟମ୍, କାର୍ବୋହାଇଡ୍ରେଟ୍, ଭିଟାମିନ୍ 'ଡି' ଓ ପ୍ରୋଟିନ୍ ଥାଏ । ପନିରକୁ ତେଲରେ ନ ଛାଣି ଖାଇବା ସବୁଠୁ ଭଲ ।

**କମଳା** : ଏଥିରେ ଭିଟାମିନ୍ 'ସି' ପ୍ରଚୁର ମାତ୍ରାରେ ଥାଏ । ଏଥିସହ 'ବି' କମ୍ପ୍ଲେକ୍ସ, ଭିଟାମିନ୍ 'ଏ' ଏବଂ କ୍ୟାଲସିୟମ୍ କିଛି ପରିମାଣରେ ଥାଏ । ଏହାକୁ କେବେବି ଫ୍ରିଜ୍‌ରେ ରଖିବା ଉଚିତ୍ ନୁହେଁ ।

ଶରୀର ପାଇଁ ଆଇରନ୍, କାର୍ବୋହାଇଡ୍ରେଟ୍, 'ବି' କମ୍ପ୍ଲେକ୍ସ, କ୍ୟାଲସିୟମ୍, ମଲ୍ଟି ଭିଟାମିନ୍, ଭିଟାମିନ୍ 'ଏ', 'ସି', 'ଡି', ମିନେରାଲ, ଫାଇବର, ଓମେଗା-୩ ଫ୍ୟାଟିଏସିଡ୍, ଫୋଲେଟ୍, କୋ ଏଞ୍ଜାଇମ୍ କ୍ୟୁ-୧୦, ପ୍ରୋବାୟୋଟିକ୍ସ, ବାୟୋଟିନ୍ ଏବଂ ମେଲାଟୋନିନ୍ ଆଦି ଉପାଦାନ ଅପରିହାର୍ଯ୍ୟ ।

---

# ଅଧରାତିରେ ଖାଇଲେ ଓଜନ ବଢ଼ିବ



**ଅ**ନେକ ଲୋକ ଜାଣିପାରନ୍ତି ନାହିଁ ଯେ, ଖାଇବା ଯେତେ କମ୍ କଲେ ବି ଓଜନ କାହିଁକି ବଢୁଛି । ଓଜନ ବଢ଼ିବାର ଆଉ ଏକ କାରଣ ବିଳମ୍ବିତ ରାତିରେ ଖାଇବା । ଅନେକେ ରାତିରେ ଡେରି ରାତି ପର୍ଯ୍ୟନ୍ତ ଟିଭି ଦେଖିବା ବେଳେ କିଛି ନା କିଛି ପାଟିରେ ପକାନ୍ତି କିମ୍ବା ଡେରିରାତି ପର୍ଯ୍ୟନ୍ତ ପାଠ ପଢ଼ିଲେ ନିଦ ନ ଲାଗିବା ପାଇଁ କିଛି ଖାଆନ୍ତି । ସ୍ୱାସ୍ଥ୍ୟ ବିଶେଷଜ୍ଞମାନଙ୍କ ମତ ବିଳମ୍ବିତ ରାତିରେ ସ୍ନାକ୍ସ ଖାଇବା ସ୍ୱାସ୍ଥ୍ୟ ଦୃଷ୍ଟିରୁ ଅନୁକୂଳ ନୁହେଁ । ଆପଣ ବେଟାଇମ୍‌ରେ ଯାହା ଖାଇବା ତାହା ସିଧାସଳଖ କ୍ୟାଲୋରିରେ ପରିଣତ ହୋଇଯିବ । କାରଣ ରାତିରେ ଖାଇବା ପରେ କୌଣସି ଶାରୀରିକ ସକ୍ରିୟତା ନଥାଏ । ଆପଣ ସିଧାସଳଖ ବିଛଣାକୁ ଚାଲିଯାଆନ୍ତି । ଏହା ନାନା ପ୍ରକାର ଶାରୀରିକ ସମସ୍ୟା ସୃଷ୍ଟି କରେ । ସବୁଠାରୁ ବଡ଼ ସମସ୍ୟା ହେଉଛି ଖାଦ୍ୟ ସହଜ ନହେବା । ଏହାପରେ ଦାନ୍ତ ଖରାପ ହୁଏ ଏବଂ ଫ୍ୟାଟ୍ ବି ବଢ଼େ ।

**ଦାନ୍ତ ଖରାପ ହେବା**

ଅଧିକାଂଶ ଲୋକ ବିଳମ୍ବିତ ରାତିରେ କିଛି ଖାଇବା ପରେ ଦାନ୍ତ ସଫା କରନ୍ତି ନାହିଁ ଏବଂ ସିଧାସଳଖ ଶୋଇ ଯାଆନ୍ତି । ଫଳରେ ଖାଦ୍ୟର କିଛି ଅଂଶ ଦାନ୍ତରେ ରହିଯାଏ ଏବଂ ସେଥିରେ ବ୍ୟାକ୍ଟେରିଆ ସୃଷ୍ଟି ହୁଏ । ବିଶେଷ କରି ମିଠା ଏବଂ ଅନ୍ୟ ମିଠା ଜାତୀୟ ଖାଦ୍ୟ ବିଳମ୍ବିତ ରାତିରେ ଖାଇଲେ ଦାନ୍ତ ସମସ୍ୟାରୁ ରକ୍ଷା ପାଇବା ଅସମ୍ଭବ । ଏହା କେବଳ



ଦାନ୍ତରେ ବ୍ୟାକ୍ଟେରିଆ ସୃଷ୍ଟି କରେନି ବରଂ ଦାନ୍ତ କଣା କରିଦିଏ ।

**ହଜମ ସମସ୍ୟା**

ଏକଥା ସତ ଯେ, ଡେରି ରାତି ପର୍ଯ୍ୟନ୍ତ ଟିଭିରେ କାର୍ଯ୍ୟକ୍ରମ ଦେଖି ଦେଖି କିମ୍ବା ମନପସନ୍ଦର ବହି ପଢ଼ିବା ବେଳେ କିଛି ଚଟ୍‌ପଟା ଖାଇବାକୁ ମଜା ଲାଗେ । କିନ୍ତୁ ଏସବୁ ଆପଣଙ୍କ ପାଚନ ପ୍ରଣାଳୀକୁ ବିଗାଡ଼ିଦିଏ । ଆପଣ ଜାଣନ୍ତି କି ଚକୋଲେଟ୍ କିମ୍ବା ଚିପ୍ସ ପରି ଜଙ୍କଫୁଡ୍ ହଜମ କରିବା ପାଇଁ ଶରୀରକୁ ଦୁଇ ତିନିଘଣ୍ଟା ସମୟ ଲାଗିଯାଏ, ତାହା ପୁଣି ଦିନରେ । ତେଣୁ ଯଦି ଆପଣ ରାତିରେ ଏହାକୁ ଖାଇବେ ପେଟର ଅବସ୍ଥା କ'ଣ ହେବ ସହଜରେ ଅନୁମାନ କରିପାରିବେ ।

**ଖାଦ୍ୟ ବଦଳିଯିବ ଫ୍ୟାଟ୍‌ରେ**

ସ୍ନାକ୍ସ ଆପଣ ଦିନରେ ଖାଆନ୍ତୁ ବା ରାତିରେ ଏହା ନିଶ୍ଚୟ ଫ୍ୟାଟ୍ ସୃଷ୍ଟି କରିବ । କାରଣ ଏହା ଚଟ୍‌ପଟା, ତେଲିଆ ହୋଇଥାଏ । ଯେଉଁମାନଙ୍କର ଶାରୀରିକ ପରିଶ୍ରମ ଅଧିକ ଥାଏ ସେମାନେ କିଛି ପରିମାଣରେ ଏସବୁ ଖାଦ୍ୟ ଖାଇପାରିବେ । କିନ୍ତୁ ଯଦି ଆପଣଙ୍କ ଶାରୀରିକ ସକ୍ରିୟତା କମ୍ ତା'ହେଲେ ଜଙ୍କ୍ ଫୁଡ୍ ସିଧାସଳଖ ଫ୍ୟାଟ୍‌ରେ ବଦଳିଯିବ ।

**ତା'ହେଲେ କ'ଣ ଖାଇବେ**

– ପପ୍‌କର୍ଣ୍ଣ ଖାଆନ୍ତୁ କିନ୍ତୁ ଘରେ ତିଆରି କରି । ପପ୍‌କର୍ଣ୍ଣ ୯୮ ପ୍ରତିଶତ ଫ୍ୟାଟ୍ ଫ୍ରି ।

– ଖିରରେ ଯେକୌଣସି ଫଳ ଗ୍ରାଇଣ୍ଡ କରି ଚିନି ବଦଳରେ ସାମାନ୍ୟ ମହୁ ମିଶାଇ ଖାଆନ୍ତୁ । ଏଥିରେ ଫ୍ୟାଟ୍ ବଢ଼ିବନି କିନ୍ତୁ ଏନର୍ଜୀ ମିଳିବ ।

– ଅଧିକ ଏନର୍ଜୀ ପାଇଁ କମଳା ଖାଆନ୍ତୁ, ଏଥିରୁ ଭିଟାମିନ୍ 'ସି' ମିଳିବ ।

– ଘର ତିଆରି ଆଇସ୍‌କ୍ରିମ୍ ଖାଇପାରିବେ ।

**ଡାଏଟିଂ ପରେ ବି ଓଜନ ବଢୁଛି ?**

ମାସେ ହେବ ଆପଣ ଡାଏଟିଂ କରୁଛନ୍ତି କିନ୍ତୁ ଓଜନ ଯାହାକୁ ସେଇଆ । ତା'ର ଅର୍ଥ କିଛି ନା କିଛି ସମସ୍ୟା କେଉଁଠି ରହିଯାଇଛି । ଆପଣ ଯେଉଁ ଉପାୟରେ ଡାଏଟିଂ କରୁଛନ୍ତି ସେଥିରେ ସମସ୍ୟା ନାହିଁ ତ? ତା'ହେଲେ ଦେଖନ୍ତୁ ଆପଣଙ୍କର କେଉଁଠି ଭୁଲ୍ ରହିଯାଉଛି କି?



**ଅଧିକ ଅଲିଭ୍ ଅଏଲ୍** : ଅଧିକାଂଶ ଲୋକ ଭାବନ୍ତି ଅଲିଭ୍ ଅଏଲ୍‌ରେ ଅନେକ ସ୍ୱାସ୍ଥ୍ୟ ଉପଯୋଗୀ ତତ୍ତ୍ୱ ଅଛି । ତେଣୁ ଏହାକୁ ଯେତେ ଖାଇଲେ ବି କ୍ଷତି ନାହିଁ । କିନ୍ତୁ ଏକଥା ଭୁଲ୍ । ବିଶେଷଜ୍ଞମାନଙ୍କ ଅନୁଯାୟୀ ଏହା ହୃଦୟ ପାଇଁ ସ୍ୱାସ୍ଥ୍ୟଜନକ, ଭିଟାମିନ୍ 'ଇ' ବି ମିଳେ । କିନ୍ତୁ ଏଥିରେ କ୍ୟାଲୋରି ପରିମାଣ କମ୍ ନାହିଁ । ଗୋଟିଏ ବଡ଼ ଚାମଚ ଅଲିଭ୍ ଅଏଲ୍‌ରୁ ୧୨୦ କ୍ୟାଲୋରି ଏବଂ ୧୪ ଗ୍ରାମ୍ ଫ୍ୟାଟ୍ ମିଳେ । ତେଣୁ ଅଲିଭ୍ ଅଏଲ୍ ବ୍ୟବହାର କରିବା ବେଳେ ବି ଏହାର ପରିମାଣ ଦେଖିବାକୁ ହେବ ।

**ଫଳରେ ଶର୍କରା** : ଅନେକେ ଭାବନ୍ତି ଫଳରେ ଶର୍କରା ପରିମାଣ ଅଧିକ ଥିବାରୁ ମୋଟା ହେବାର ସମ୍ଭାବନା ଅଧିକ । କିନ୍ତୁ ପ୍ରକୃତରେ ଏହା ନୁହେଁ । କାରଣ ଫଳରେ ଥିବା ଶର୍କରା ପ୍ରାକୃତିକ । ଏଥିରେ ଭିଟାମିନ୍, ଫାଇବର୍ ଏବଂ ମିନେରାଲ ବି ପ୍ରଚୁର ପରିମାଣରେ ମିଳେ । ଏହା ସାଧାରଣ ଜଳଖିଆଠାରୁ ବି ଭଲ । ଫଳ ପାଇଁ ସବୁଠାରୁ ଭଲ ପସନ୍ଦ ହେଉଛି, ସେଓ, ଅଙ୍ଗୁର ଏବଂ ତରଭୁଜ ଇତ୍ୟାଦି । ଋତୁ ଅନୁଯାୟୀ ଫଳ ସବୁଠାରୁ ଭଲ । କାରଣ ଏହା ସତେଜ ଥାଏ ।

**କମ୍ ଖାଦ୍ୟ ଏବଂ ଅଧିକ ବ୍ୟାୟାମ୍** : କିଛି ଲୋକ ଭାବନ୍ତି ଶୀଘ୍ର ଓଜନ କମାଇବା ପାଇଁ ସବୁଠାରୁ ଭଲ ଉପାୟ ହେଉଛି କମ୍ ଖାଇବା ଏବଂ ଅଧିକ ବ୍ୟାୟାମ୍ କରିବା । କିନ୍ତୁ ବିଶେଷଜ୍ଞମାନଙ୍କ ମତ, ଖାଇବା କମ୍ କରିଦେବା ପରେ ଶରୀରର ପାଚନ ପ୍ରକ୍ରିୟା ଧୀମା ହୋଇଯାଏ । ଫଳରେ ଓଜନ କମ୍ କରିବା କଷ୍ଟ ହୋଇଯାଏ । ଖାଇବା କମ୍ କରି ଓଜନ କମାଇଲେ ଯେତେବେଳେ ଆପଣ କିଛି ବି ଅଧିକ ଖାଇବେ ତା'ହେଲେ ଓଜନ ପୁଣି ବଢ଼ିବ । ତେଣୁ ଖାଦ୍ୟ ବିଶାରଦଙ୍କଠାରୁ ବୁଝିନିଅନ୍ତୁ ଆପଣଙ୍କ ଶରୀର ପାଇଁ ଦୈନିକ ଖାଦ୍ୟ ଆବଶ୍ୟକତା କେତେ । ଆପଣଙ୍କ ଶରୀରର ଆକାର ଏବଂ ଓଜନ ଅନୁଯାୟୀ ଦେଖନ୍ତୁ ପ୍ରତିଦିନ କେତେ କ୍ୟାଲୋରି ଦରକାର । ଶରୀର ତୁଳନା ବ୍ୟାୟାମ ଅଧିକ ହୋଇଗଲେ ଏହା କ୍ଷତିକାରକ ହୋଇପାରେ ।

---

# ଶୀତଦିନିଆ ସ୍ୱାସ୍ଥ୍ୟ ସମସ୍ୟା

**ଋ**ତୁଚକ୍ରରେ ଶୀତ ଋତୁର ସ୍ଥାନ ସ୍ୱତନ୍ତ୍ର । ଏହି ଋତୁରେ ବାୟୁମଣ୍ଡଳର ଉତ୍ତାପ ହ୍ରାସ ପାଇଥାଏ ଓ ଆର୍ଦ୍ରତା ମଧ୍ୟ ଯଥେଷ୍ଟ ହ୍ରାସ ପାଇଥାଏ । ଉତ୍ତାପ ହ୍ରାସ ପାଇବା ଫଳରେ ଶରୀରକୁ ଉଷ୍ମ ରଖିବା ପାଇଁ ଅଧିକ ଶକ୍ତିର ପ୍ରୟୋଜନ ହୋଇଥାଏ । ତେଣୁ ଅଧିକ ଖାଦ୍ୟର ମଧ୍ୟ ଆବଶ୍ୟକତା ହୋଇଥାଏ ଓ ଭିଟାମିନ୍ ବିକମ୍ପ୍ଲେକ୍ସର ଅଭାବ ଦେଖାଦେଇଥାଏ । ବିଶେଷ ଭାବେ ରାଇବୋଫ୍ଲାବିନ୍‌ର ଅଭାବ ହେତୁ ଜିଭ ଘା, ପାଟିଘା ଇତ୍ୟାଦି ହୋଇଥାଏ । ବାୟୁ ମଣ୍ଡଳରୁ ଆର୍ଦ୍ରତା ହ୍ରାସ ହେତୁ ଚର୍ମ ଶୁଷ୍କ ଓ ନିଷ୍ପ୍ରଭ ଦେଖାଯାଏ । ଶୀତର ପ୍ରଭାବରେ ଚର୍ମ ସଂକୁଚିତ ହୋଇଥାଏ ଏବଂ ଫାଟ ସୃଷ୍ଟି ହୋଇଥାଏ । ଏଥିରେ ଜୀବାଣୁ ସଂକ୍ରମଣ ହେବାଫଳରେ ଯନ୍ତ୍ରଣା ଓ ରକ୍ତସ୍ରାବ ହୋଇଥାଏ ।



ଏ ଋତୁ ଶିଶୁଙ୍କ ପାଇଁ ନାନାପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ଆଣିଥାଏ ।

ନବଜାତକର ଶରୀର ଉତ୍ତାପ ହ୍ରାସ ଜୀବନ ପ୍ରତି ବିପଦଜ୍ଜନକ ହୋଇପାରେ । ଶିଶୁର ଶରୀରକୁ ଉଷ୍ମ ରଖିବା ପାଇଁ ରୁମ୍ ହିଟର କିମ୍ବା ଅଧିକ ପାୱାରର ବଲ୍ ରୁମ୍‌ରେ ବ୍ୟବହାର କରାଯାଇପାରେ । ଏପରିକି ଶିଶୁକୁ କୋଳରେ ଧରିଲେ କିମ୍ବା ଉଷ୍ମ ଚାଦର କିମ୍ବା ସ୍ୱେଟର ପିନ୍ଧାଇ ରଖିଲେ ଶିଶୁଟି ତୁରନ୍ତ ଉଷ୍ମତା ପାଇଥାଏ । ଏହାକୁ କଙ୍ଗାରୁ କେୟାର ମଧ କୁହାଯାଏ । ଏହି ପଦ୍ଧତିର ଗୁରୁତ୍ୱ ଅଧିକ ।

ଥଣ୍ଡା ରୋଗ ଶୀତଋତୁର ପ୍ରଧାନ ରୋଗ । ଶିଶୁ ଠାରୁ ଆରମ୍ଭ ହୋଇ ବୃଦ୍ଧ ପର୍ଯ୍ୟନ୍ତ ସମସ୍ତେ ଏହି ରୋଗରେ ପିଡ଼ିତ ହୋଇଥାନ୍ତି । ଶୀତ ସକାଳରୁ ସ୍କୁଲ ଯାଉଥିବା ଶିଶୁ ମାନଙ୍କୁ ଅଧିକ ଥଣ୍ଡା ରୋଗ ହେବାର ଦେଖାଯାଇଥାଏ । ଏହି ରୋଗ ପ୍ରାୟ ଏବେ ଭୂତାଣୁ ଜନିତ ରୋଗ । ପ୍ରାୟ ୨୦୦ ପ୍ରକାର ଭୂତାଣୁ ଦ୍ୱାରା ଥଣ୍ଡା ରୋଗ ହୋଇଥାଏ । ଏମାନଙ୍କ ମଧ୍ୟରେ ରାଇନୋଭାଇରସ୍ ପ୍ରଧାନ ଭୂତାଣୁ । ପ୍ରଥମେ ଛିଙ୍କ ହୁଏ, ନାକରୁ ଜଳପରି ତରଳ ନିର୍ଗତ ହୋଇଥାଏ । ସମୟ ସମୟ ନାକବନ୍ଦ ହୋଇ ଶିଶୁମାନଙ୍କୁ ନିଶ୍ୱାସ ନେବାରେ କଷ୍ଟ ହୁଏ । ମା'କ୍ଷୀର ପିଉଥିବା ଶିଶୁମାନେ ନାକବନ୍ଦ ହେବା ହେତୁ କ୍ଷୀର ଖାଇବାରେ ଅସୁବିଧା ହୋଇଥାଏ । ଶିଶୁମାନଙ୍କୁ ଅଳ୍ପଜ୍ୱର ହୋଇଥାଏ । ଗଳାରେ ଯନ୍ତ୍ରଣା, ମୁଣ୍ଡବ୍ୟଥା ତୃତୀୟ ଦିନ ନାକରୁ ନିର୍ଗତ ଜଳ ବହଳିଆ ହୋଇଥାଏ କାଶ ଆରମ୍ଭ ହୋଇଥାଏ ଓ ଏହା ୧୦ରୁ ୧୫ ଦିନ ପର୍ଯ୍ୟନ୍ତ ଲାଗି ରହିଥାଏ । ଥଣ୍ଡା ରୋଗ ସାଧାରଣତଃ ଛିଙ୍କ ଦ୍ୱାରା ପ୍ରସ୍ତୁତ କ୍ଷୁଦ୍ର ଜଳକଣା ଦ୍ୱାରା ରୁମାଲ ମୋବାଇଲ ଇତ୍ୟାଦି ଦ୍ୱାରା ବ୍ୟାପିଥାଏ । ଶିଶୁମାନଙ୍କୁ ଶ୍ୱାସ ରୋଗ, ନିମୋନିଆ, କ୍ରୁପ୍, କାନପଚା ଇତ୍ୟାଦି ହୋଇଥାଏ ।



**ଚିକିତ୍ସା** : କୌଣସି ଔଷଧ ଥଣ୍ଡା ରୋଗକୁ ଆରୋଗ୍ୟ କରିବାର ଦେଖାଯାଇନାହିଁ । ଲକ୍ଷଣ ଅନୁସାରେ ରୋଗକୁ ଚିକିତ୍ସା କରାଯାଇଥାଏ । ଜ୍ୱର ପାଇଁ ପାରାସେଟାମଲ୍, ବଡ଼ ପିଲାଙ୍କ କାଶ ପାଇଁ ମହୁ, ଲେମ୍ବୁରସ ଉପକାରୀ । ଡେକ୍ସ୍ଟ୍ରୋମେଥୋର୍ଫିନ୍ ଆଣ୍ଟିହିଷ୍ଟାମିନ୍ ଶିଶୁଙ୍କ ପାଇଁ ଉପକାରୀ ନୁହେଁ । ସାଲାଇନ୍, ନାକ ଡ୍ରପ୍, ବନ୍ଦନାକକୁ ଖୋଲ କରିଥାଏ । ଜିଙ୍କର ସିରପ୍ ପ୍ରଥମ ଦିନରୁ ବ୍ୟବହାର କରି ଦୁଇ ସପ୍ତାହ ବ୍ୟବହାର ଥଣ୍ଡା ରୋଗର ପ୍ରକୋପ କମ୍ କରିଥାଏ । ଭିଟାମିନ୍ ସି ଓ



ଗରମ ଜଳର ବାମ୍ପର ବ୍ୟବହାର ଅଳ୍ପ ଆରାମ ଦେଇଥାଏ ।

ପ୍ରତିଷେଧକ : ହାତ ସଫା ରଖିବା, ଥଣ୍ଡା ରୋଗୀଙ୍କ ଠାରୁ ଦୂରେଇ ରହିବା, କିମ୍ବା ଜିଙ୍କ୍ ସିରପ୍ ବ୍ୟବହାର କରିବା ଥଣ୍ଡା ଠାରୁ ଦୂରେଇ ରଖେ ।

**ଇନ୍‌ଫ୍ଲୁଏଞ୍ଜା ରୋଗ** : ଯାହାକୁ ସଂକ୍ଷେପରେ ଫ୍ଲୁ କୁହାଯାଏ । ଏହା ଏକ ଭୂତାଣୁ ଜନିତ ରୋଗ ଯାହାକି ଇନ୍‌ଫ୍ଲୁଏଞ୍ଜା ଭାଇରସ୍ ଦ୍ୱାରା ସଂକ୍ରମିତ ହୋଇଥାଏ । ଏହି ଭୂତାଣୁ ତିନି ପ୍ରକାର ଏ, ବି, ଓ ସି । ଇନ୍‌ଫ୍ଲୁଏଞ୍ଜା ଏ ଭୂତାଣୁର ଉପବିଭାଗ ଭୂତାଣୁ ବାର୍ଡ଼ଫ୍ଲୁ ନାମରେ କୁଖ୍ୟାତି ଅର୍ଜନ କରିଛି । ଇନ୍‌ଫ୍ଲୁଏଞ୍ଜା ରୋଗ ଥଣ୍ଡା ରୋଗପରି ଲକ୍ଷଣ ଦେଖାଗଲେ ମଧ ଅଧିକ ମାରାତ୍ମକ ହୋଇଥାଏ । ଇନ୍‌ଫ୍ଲୁଏଞ୍ଜା ଟୀକା ଏହି ରୋଗ ପ୍ରତିଷେଧକ ଭାବରେ ବ୍ୟବହାର କରାଯାଇଥାଏ । ଶ୍ୱାସ ରୋଗୀ



ମାନଙ୍କ ପାଇଁ ଶୀତ ଋତୁ ବିପଜ୍ଜନକ ପରିସ୍ଥିତି ସୃଷ୍ଟି କରିଥାଏ । ଶ୍ୱାସ ରୋଗ ଅଧିକ ପରିମାଣରେ ଦେଖାଯାଏ ତଥା ପୁରାତନ ରୋଗୀଙ୍କ ରୋଗର ଯନ୍ତ୍ରଣା ଅଧିକ ହୋଇଥାଏ । ଏହାର କାରଣ କାକରଯୁକ୍ତ ପବନ, ପୁଷ୍ପରେଣୁ ଓ ବାୟୁର ଚଳପ୍ରଚଳର ଅଭାବ ହେତୁ ଗୃହରେ ରହିଯାଉଥିବା ଧୂଳି ଓ ଧୂଆଁ । ଶରୀରର ରୋଗ ପ୍ରତିରୋଧ ଶକ୍ତି କମ୍ ହେତୁ ଜୀବାଣୁ ସଂକ୍ରମଣ ମଧ୍ୟ ହୋଇଥାଏ ।

**ପ୍ରତିଷେଧକ** : ଶ୍ୱାସରୋଗୀ ଧୂଆଁ, ଧୂଳି, କାକର ପବନ ଓ ଥଣ୍ଡା ରୋଗୀ ଠାରୁ ଦୂରେଇ ରହିବା ଉଚିତ ।

**ଚିକିତ୍ସା** : ସାଲ୍ ବୁଟାମଲ୍ ନେବୁଲାଇଜେସନ୍ ଦେବା ଫଳରେ ଶ୍ୱାସ ରୋଗରୁ ଉପକାର ମିଳିଥାଏ ।

**ବ୍ରୋଙ୍କିଓ ଲାଇଟିସ୍** : ଅନ୍ୟ ଏକ ରୋଗ ଯାହାକି ରେସ୍ପିରେଟୋରି ସିନ୍‌ସିଟିଆଲ୍ ଭାଇରସ୍ ହେତୁ ହୋଇଥାଏ । ସାଧାରଣତଃ ୨ବର୍ଷରୁ କମ୍ ଶିଶୁ ମାନଙ୍କ ଠାରେ ଏହା ଦେଖାଯାଏ । ଶ୍ୱାସ ପ୍ରଶ୍ୱାସ ନେବାରେ ଏମାନଙ୍କୁ ଅଧିକ କଷ୍ଟ ହୋଇଥାଏ । ଏହି ଶିଶୁମାନଙ୍କୁ ଡାକ୍ତରଖାନାରେ ରଖିବା ଦରକାର ହୋଇଥାଏ । କାରଣ ଶିଶୁ ତାର ଖାଦ୍ୟ ଖାଇପାରେ ନାହିଁ ଓ ନିଶ୍ୱାସରେ କଷ୍ଟ ହେତୁ ଅକ୍ସିଜେନ ଦେବାକୁ ପଡ଼ିଥାଏ ।

**କ୍ରୁପ୍ ବା ଲାରିଙ୍ଗୋଟାକିଓ ବ୍ରୋଙ୍କାଇଟିସ୍** : ଅନ୍ୟ ଏକ ରୋଗ ଯାହାକି ଶିଶୁ ମାନଙ୍କୁ ଅଧିକ ପରିମାଣରେ ଦେଖାଯାଇଥାଏ । କଥା କହିବାରେ କଷ୍ଟ ହୋଇଥାଏ । ଗଳାରେ କଷ୍ଟ ହେତୁ ଖାଇବା ନିଶ୍ୱାସ ନେବା ମଧ କଷ୍ଟ ହୋଇଥାଏ । ଦଦରା ହାଣ୍ଡି ପରି କାଶ ହୋଇଥାଏ । ଏହାର କାରଣ ମଧ ଏକ ଭୂତାଣୁ ଓ ଅତ୍ୟଧିକ ଥଣ୍ଡା ହେତୁ ଗଳାର ସ୍ୱର ପେଟିକାରେ ପ୍ରଦାହ ସୃଷ୍ଟି ହୋଇଥାଏ । ନେବୁଲାଇଜେସନ ଚିକିତ୍ସା ଅତିସାଂଘାତିକ ଅବସ୍ଥାରେ ଟ୍ରାକିଓଷ୍ଟୋମି କରିବାକୁ ପଡ଼ିଥାଏ ।

ତରଳଝାଡ଼ା ବାନ୍ତି ଅନ୍ୟ ଏକ ରୋଗ । ଯାହା ଶୀତ ଋତୁର ପ୍ରାରମ୍ଭ ଶେଷ ପର୍ଯ୍ୟାୟରେ ଦେଖିବାକୁ ମିଳିଥାଏ । ଏହା ରୋଟା ଭାଇରସ୍ ହେତୁ ଛଅ ମାସରୁ ଛଅ ବର୍ଷର ଶିଶୁମାନଙ୍କୁ ହୋଇଥାଏ । ଏହି ରୋଗର ଚିକିତ୍ସା ପାଇଁ ଓଆର୍‌ଏସ୍ ଓ ଜିଙ୍କ ଦେବାକୁ ପଡ଼ିଥାଏ । ଏହାକୁ ବାଛୁରାଝାଡ଼ା ବୋଲି କେତେକ ନାମକରଣ କରିଥାନ୍ତି । ଏଥିପାଇଁ ଏକ ଟୀକା ବାହାରିଛି । ଯାହାକୁ ରୋଟା ଭାଇରସ୍ ଭାକ୍ସିନ୍ କୁହାଯାଏ ଓ ଦେଢ଼ମାସରୁ ଛଅ ମାସ ମଧ୍ୟରେ ଏହି ଟୀକା ଦେବାକୁ ପଡ଼ିଥାଏ । ପ୍ରଥମ ମାତ୍ରା ଚାରିମାସ ପୂର୍ବରୁ ନେଇଥିଲେ ଉପକାର ମିଳେ ।

ଋତୁଚକ୍ରରେ ଋତୁର ଆଗମନ ପ୍ରସ୍ଥାନ ଲାଗି ରହିଛି କିନ୍ତୁ ସ୍ୱାସ୍ଥ୍ୟର ଉପଯୁକ୍ତ ଯତ୍ନ ନେଇ, ସମୟ ଅନୁସାରେ ଡାକ୍ତରଙ୍କ ପରାମର୍ଶ ନେଲେ ପ୍ରତ୍ୟେକ ଋତୁ ଶିଶୁ ପାଇଁ ଆନନ୍ଦ ଦାୟକ ହୋଇଥାଏ ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୫ ଜାନୁଆରୀ ୨୦୨୬ । ସୋମବାର


## ମଣ୍ଡି ପରିଦର୍ଶନରେ ଅଫିସରଙ୍କୁ ତାଗିଦ୍ କଲେ ଉପଜିଲ୍ଲାପାଳ

**ଭଞ୍ଜନଗର,୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଉପଖଣ୍ଡ ସମେତ ସମଗ୍ର ଗଞ୍ଜାମ ଜିଲ୍ଲାରେ ଖରିଫ୍ ଧାନ କିଣା ଜାରି ରହିଛି। ଚାଷୀଙ୍କ ଠାରୁ ଯେପରି ସୁରୁଖୁରୁରେ ଧାନ କିଣା ଯିବ ସେନେଇ ପ୍ରଶାସନିକ ସ୍ତରରେ ପଦକ୍ଷେପ ନିଆଯାଉଛି। ଶୁକ୍ରବାର ସୁଦ୍ଧା ଭଞ୍ଜନଗର ଉପଖଣ୍ଡରୁ ୯୦୪୩.୯୫ କ୍ୱିଣ୍ଟାଲ ଧାନ କ୍ରୟ ହେଲାଣି। ଶନିବାର ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା ଓ ଏଆରସିଏସ୍ ବିଜୟ କୁମାର ସାହୁ ଅଚାନକ ୫ଟି ମଣ୍ଡି ପରିଦର୍ଶନ କରି ଭିତ୍ତିଭୂମିର ତଦାରଖ କରିଛନ୍ତି। ଏହା ସହ ମଣ୍ଡିରେ ଉପସ୍ଥିତ ଥିବା ଚାଷୀମାନଙ୍କ ସହ ଧାନ କିଣା ବାବଦରେ ଆଲୋଚନା କରିଛନ୍ତି। ଉପଜିଲ୍ଲାପାଳଙ୍କ ଏହି ଗସ୍ତ ସମୟରେ ୩ଟି ମଣ୍ଡିରେ ନୋଡାଲ ଅଫିସର ଓ ୪ଟି ମଣ୍ଡିରେ କ୍ୱାଲିଟି ଆନାଲିସିସ୍ ଅନୁପସ୍ଥିତ ଥିବା ଜଣାପଡିଥିଲା। ଫଳରେ ସେମାନଙ୍କୁ ଅନୁପସ୍ଥିତିର କାରଣ ଦର୍ଶାଅ ନୋଟିସ୍ ଜାରି ହୋଇଛି। ଉପଜିଲ୍ଲାପାଳ ପ୍ରଥମେ ଭଞ୍ଜନଗର ବ୍ଲକ ଅଧିନ ବଡକୋଦଣ୍ଡା, ସାନକୋଦଣ୍ଡା ପ୍ୟାକ୍ସ ଓ ଜିଲୁଣ୍ଡି ମା'ତାରାତାରିଣୀ ଏସଏଚ୍‌ଜିଙ୍କ ଦ୍ୱାରା ପରିଚାଳିତ ମଣ୍ଡି ପରିଦର୍ଶନ କରିଥିଲେ। ପରେ ବେଳଗୁଣ୍ଠା ବ୍ଲକ ଅଧିନ ଗୋବରା ଓ କ୍ଷତ୍ରିୟବରପୁର ମଣ୍ଡି ପରିଦର୍ଶନ କରିଥିଲେ। ଏହି ସମୟରେ ଭଞ୍ଜନଗର ବ୍ଲକର ବଡକୋଦଣ୍ଡା ଏବଂ ବେଳଗୁଣ୍ଠା ବ୍ଲକର ଗୋବରା ଓ କ୍ଷତ୍ରିୟବରପୁର ମଣ୍ଡି ନୋଡାଲ ଅଫିସର ଅନୁପସ୍ଥିତି ଥିଲେ। ଏହା ସହ ୪ଟି ମଣ୍ଡିରେ କ୍ୱାଲିଟି ଆନାଲିସିସ୍ ମଧ୍ୟ ଅନୁପସ୍ଥିତି ଥିଲେ। କାର୍ଯ୍ୟରେ ଅବହେଳା ପାଇଁ ଉପଜିଲ୍ଲାପାଳ ଉମାଶଙ୍କର ବେହେରା ଅନୁପସ୍ଥିତ ଥିବା ୩ ମଣ୍ଡି ନୋଡାଲ ଅଫିସର ଓ ୪ କ୍ୱାଲିଟି ଆନାଲିସିସ୍‌ଙ୍କୁ ଅନୁପସ୍ଥିତିର କାରଣ ଦର୍ଶାଅ ନୋଟିସ୍ ଜାରି କରିଛନ୍ତି। ମଣ୍ଡି ପରିଦର୍ଶନ ସମୟରେ ଉଭୟ ବ୍ଲକର ତହସିଲଦାର ଓ ବ୍ଲକ ଯୋଗାଣ ଅଧିକାରୀ ଉପସ୍ଥିତ ଥିଲେ। ଭବିଷ୍ୟତରେ ଏପରି ଅବହେଳା କଲେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଉପଜିଲ୍ଲାପାଳ ଶ୍ରୀ ବେହେରା କହିଛନ୍ତି।

## ୫ରୁ ସତ୍ୟବାଦୀ ମହୋତ୍ସବ



**ସାକ୍ଷୀଗୋପାଳ,୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ସତ୍ୟବାଦୀ ମହୋତ୍ସବ ପାଇଁ ସତ୍ୟବାଦୀ ପ୍ରଶାସନ ଓ ସତ୍ୟବାଦୀ ମହୋତ୍ସବ କମିଟି ମଧ୍ୟରେ ଏକ ସମନ୍ୱୟ ବୈଠକ ସତ୍ୟବାଦୀ ବ୍ଲକ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ସତ୍ୟବାଦୀ ବ୍ଲକ ବିଡ଼ିଓ ଦେବାଶିଷ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମହୋତ୍ସବ କମିଟିର ସଭାପତି ତଥା ବିଧାୟକ ଓମ ପ୍ରକାଶ ମିଶ୍ର, ସମ୍ପାଦକ ଦୀପକ ଶତପଥି, ଏସଡିପିଓ ଦେବାଶିଷ ମିଶ୍ର, ସତ୍ୟବାଦୀ ତହସିଲଦାର ସନ୍ତୋଷ କୁମାର ପାଣିଗ୍ରାହୀ ଓ ସତ୍ୟବାଦୀ ଥାନା ଅଧିକାରୀ ବିଜୟ କେତନ ବେହେରା ଯୋଗଦେଇଥିଲେ। ଏହି ବୈଠକରେ ସତ୍ୟବାଦୀ ବ୍ଲକର ସମସ୍ତ ବିଭଗୀୟ ଅଧିକାରୀମାନେ ମଧ୍ୟ ଯୋଗଦେଇଥିଲେ। ଚଳିତ ବର୍ଷ ମହୋତ୍ସବ ୪ଦିନ ହେବବୋଲି ସଂପାଦକ ଦୀପକ ଶତପଥୀ କହିଥିଲେ। ଫେବୃଆରୀ ୫, ୬, ୭, ୮ ତାରିଖ ପର୍ଯ୍ୟନ୍ତ ହେବ ବୋଲି ସ୍ଥିର କରାଗଲା। ପ୍ରଥମ ଦିନ ଜ୍ୟୋତି ଯାତ୍ରା ମହା ଆଡମ୍ବରରେ ହେବ। ଟ୍ରାଫିକ ସୁରକ୍ଷା ପାଇଁ ୪ପ୍ଲାଟୁନ ଫୋର୍ସ ମୁତୟନ ହେବେ ବୋଲି ଏସଡିପିଓ ସୂଚନା ଦେଇଥିଲେ। ଆରଏମସି ପାଖରୁ ୪ଦିନ ସଫେଇ କାର୍ଯ୍ୟ କରିବେ ବୋଲି ପ୍ରସ୍ତାବ ଦେଇଥିଲେ। ଅଗ୍ନି ସୁରକ୍ଷା, ଫାଷ୍ଟଏଡ ମଧ୍ୟ ବ୍ୟବସ୍ଥା ରହିବ। ଆରଡବ୍ଲୁଏସଏସ ପକ୍ଷରୁ ପାନୀୟ ଜଳ ଓ ପରିସ୍ରାଗାର ବ୍ୟବସ୍ଥା ପାଇଁ ଆଲୋଚନା ହୋଇଥିଲା। ବିଭିନ୍ନ ବିଭାଗ ତରଫରୁ ବିଭିନ୍ନ ପ୍ରକାର ଷ୍ଟଲ କରାଯିବ ବୋଲି ସ୍ଥିର କରାଯାଇଛି। ଏହି ବୈଠକ ରେ ଜିଲ୍ଲା ପରିଷଦ ସଭ୍ୟ ରତିକାନ୍ତ ମିଶ୍ର, ଜାନକୀ ବରାଳ, ଦିଲୀପ ମହାନ୍ତି, ବିଶ୍ୱଜିତ ମହାପାତ୍ର, ଭଗବାନ ବେହେରା, ତ୍ରିଲୋଚନ ରଥ, ଅଭୟ ନାଥ, ଗୌତମ ମିଶ୍ର, ସତୀଶ ମିଶ୍ର ଓ ଅଶୋକ ରାଉତରାୟଙ୍କ ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ ଓ ସମସ୍ତ ସରପଞ୍ଚ, ସମିତି ସଭ୍ୟ, ସଭ୍ୟାମାନେ ମଧ ଉପସ୍ଥିତ ରହିଥିଲେ।

## ଶିଶୁ ସାହିତ୍ୟ ଶ୍ରୀରାମ କୁଟୀର ପୁସ୍ତକ ଉନ୍ମୋଚନ



**ମାହାଙ୍ଗା,୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଜିଲ୍ଲା ମାହାଙ୍ଗା ବ୍ଲକ ଅନ୍ତର୍ଗତ ମଧୁପୁର ପଞ୍ଚାୟତସ୍ଥିତ ମେରୀପୁର ବଟମହାପୁରୁଷ ପରିସରରେ ଶିଶୁ ସାହିତ୍ୟ ଶ୍ରୀରାମ କୁଟୀର ପୁସ୍ତକ ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ଅଲେଖ ଚନ୍ଦ୍ର ଦାସଙ୍କ ଅଧକ୍ଷତାରେ ଆୟୋଜିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଗୀତିକାର ବିଶ୍ୱେଶ୍ୱର ମହାନ୍ତି, ମୁଖ୍ୟବକ୍ତା ଭାବେ ନିର୍ଭିକ ପତ୍ରିକା ସମ୍ପାଦକ ଅବନୀ ଚନ୍ଦ୍ର ଦାସ, ସମ୍ମାନିତ ବକ୍ତା ଭାବେ ଅଧାପକ ପ୍ରଦୀପ କୁମାର ବରାଳ, ସମାଜସେବୀ ପ୍ରଶାନ୍ତ କୁମାର ପଟ୍ଟନାୟକ, ସମ୍ମାନିତ ଅତିଥି ଭାବେ ସମାଜସେବୀ ସୁରେନ୍ଦ୍ର ସାମଲ ପ୍ରମୁଖ ଯୋଗଦେଇ ଶିଶୁ ସାହିତ୍ୟ ଶ୍ରୀରାମ କୁଟୀର ଉପରେ ଆଲୋଚନା କରିଥିଲେ। ସ୍ୱର୍ଗତ ରାମଚନ୍ଦ୍ର ମହାନ୍ତିଙ୍କ ଉଦ୍ଦେଶ୍ୟରେ କବି ସରୋଜ ସାମଲଙ୍କ ଲିଖିତ ଶିଶୁ ସାହିତ୍ୟ ଶ୍ରୀରାମ କୁଟୀର ପୁସ୍ତକଙ୍କୁ ଅତିଥିମାନେ ଉନ୍ମୋଚନ କରିଥିଲେ। କବି ଉମ୍ବରୁଧର ପରିଡା ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷକ ତରୁଣ କୁମାର ମହାନ୍ତି ପ୍ରାରମ୍ଭିକ ସୂଚନା ଓ ଧନ୍ୟବାଦ ଅର୍ପଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାମଚନ୍ଦ୍ର ମହାପାତ୍ର, ନରେନ୍ଦ୍ର କୁମାର ବେହେରା, ପ୍ରଭାକର ଗୋଛାୟତ, ସରୋଜ ପଣ୍ଡା, ସୁଜ୍ଞାନ କୁମାର ବଳସାମନ୍ତ, ସତ୍ୟ ନାରାୟଣ ମହାନ୍ତି, ରିତେଶ ମହାନ୍ତି, ନରେଶ କୁମାର ମହାନ୍ତି, ରଞ୍ଜିତ କୁମାର ନାୟକ, ମାନସ ରଞ୍ଜନ ସାହୁ, କେଶବ ମହାନ୍ତି, ବିକାଶ ରଞ୍ଜନ ସୁବୁଦ୍ଧି, ଲକ୍ଷ୍ମୀ ନାରାୟଣ ମହାନ୍ତି, ସୁଶୀଲ ମହାନ୍ତି, କୈଳାସ ଚନ୍ଦ୍ର ରାଉତ, ମନମୋହନ ନାୟକ, ଦୀନବନ୍ଧୁ ସାହୁ ପ୍ରମୁଖଙ୍କ ସମେତ ବହୁ କବି, ସାହିତ୍ୟିକ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ରାରମ୍ଭରେ ସମସ୍ତ ଅତିଥିମାନେ ମହାପୁରୁଷଙ୍କ ପୀଠରେ ପୂଜାର୍ଚ୍ଚନା କରିଥିଲେ।

## ଅବସରପ୍ରାପ୍ତ ପ୍ରୋଜେକ୍ଟ ପରିଚାଳକ ନବକିଶୋର ଷଡଙ୍ଗୀଙ୍କ ପରଲୋକ

**ବାଲିଅନ୍ତା,୪।୧ ଏକ୍ସପ୍ରେସ୍ ନ୍ୟୁଜ୍**



ବାଲିଅନ୍ତା ଅଧିନସ୍ଥ ଗ୍ରାମରେ ଏଗ୍ରୋ ଇଣ୍ଡଷ୍ଟ୍ରୀଜ୍ କର୍ପୋରେସନର ପ୍ରୋଜେକ୍ଟ ମ୍ୟାନେଜର ନବକିଶୋର ଷଡଙ୍ଗୀଙ୍କର ଶନିବାର ସନ୍ଧ୍ୟାରେ ୮୨ ବର୍ଷ ବୟସରେ ପରଲୋକ ହୋଇଯାଇଛି।। ମୃତ୍ୟୁ ଶର୍ଯ୍ୟାରେ ସ୍ୱପରିବାର ଉପସ୍ଥିତଥିଲେ। ସେ ଏଗ୍ରୋ ଇଣ୍ଡଷ୍ଟ୍ରୀଜ୍ କର୍ପୋରେସନରେ ଦୀର୍ଘ ୩୩ ବର୍ଷ କାଳ ସୁଚାରୁରୂପେ ଦାୟିତ୍ୱ ତୁଲାଇଥିଲେ। ତାଙ୍କର ଜନ୍ମ ୧୯୪୩ ମସିହା ନଭେମ୍ବର ୨୨ ତାରିଖରେ ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ବାଘୁଆଠେଙ୍ଗ (ଅଗପାଳ) ଗ୍ରାମରେ ଜନ୍ମ। ଅବସର ପରେ ସେ ସାମାଜିକ କାର୍ଯ୍ୟ ଓ ଧାର୍ମିକ ସଂଗଠନ ସହ କାର୍ଯ୍ୟ କରୁଥିଲେ। ଜଣେ ଲୋକପ୍ରିୟ ସତ୍ୟବାଦୀ ବ୍ୟକ୍ତି ଭାବରେ ତାଙ୍କର ପ୍ରତିଷ୍ଠା ଥିଲା। ରାଜଧାନୀ ସହିଦନଗର ସ୍ଥିତ ସତ୍ୟନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ କରାଯାଇଥିଲା। ଏକମାତ୍ର ପୁତ୍ର ଚନ୍ଦନ ଷଡଙ୍ଗୀ ମୁଖାଗ୍ନି ଦେଇଥିଲେ। ଶେଷକୃତ୍ୟ ସମୟରେ ତାଙ୍କର ଭାଇ କୁନିଆ ଓ ଜିଜାତି, ଜ୍ୱାଇଁ ସତ୍ୟ, ଝିଅଆରୀ ମାନିଆ, ପୁତୁରା ବୁଟା ଓ ହରି, ବୋହୁର ଭଉଣୀ ଆଶାତୀତା ଓ ଭିଣୋଇ ସୌଭାଗ୍ୟ ମିଶ୍ର(କିଟ୍ର ଅଧିକାରୀ) ଉପସ୍ଥିତ ଥିଲେ। ତାଙ୍କର ବିୟୋଗରେ ବରିଷ୍ଠ ସାମ୍ବାଦିକ ପଣ୍ଡିତ ଡଃ ପ୍ରବୋଧ କୁମାର ମିଶ୍ର ଗଭୀର ଶୋକ ପ୍ରକାଶ କରିଛନ୍ତି।

## ଉପଖଣ୍ଡସ୍ତରୀୟ ଲୋକ ମହୋତ୍ସବ ଲାଗି ପ୍ରସ୍ତୁତି

**ବଲାଙ୍ଗିର,୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ବଲାଙ୍ଗିର ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉପଖଣ୍ଡ ସ୍ତରୀୟ ଲୋକ ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ହୋଇଯାଇଯାଇଛି। ଉପଜିଲ୍ଲାପାଳ ତଥା ଅଧକ୍ଷଙ୍କ ନେତୃତ୍ୱରେ ଆୟୋଜିତ ହୋଇଥିଲା। ଏ ବର୍ଷ କିଭଳି ହଜିଯାଇଥିବା କଳା ସଂସ୍କୃତି ପୁର୍ନଜିବିତ ହେବ ଏବଂ କଳାକାରଙ୍କୁ ନେଇ ମଞ୍ଚ ପରିବେଷଣ କରିବେ ନାଟକ, ଗୀତ, ବାଦ୍ୟ, ଗାଁ କଳାକାରମାନଙ୍କ ନୁ ହେଇ କିଭଳି ହଜିଯାଇଥିବା ସେ ବିଷୟ ନେଇ ଆଲୋଚନା ହୋଇଥିଲା। ଆଗାମୀ ଜାନୁୟାରୀ ୧୧ ତାରିଖ ରବିବାର ଟାଉନ ବାଳିକା ବିଦ୍ୟାଳୟରେ ଉତ୍ସବ ଆୟୋଜିତ ହେବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଏଥିରେ ବିଭିନ୍ନ ବ୍ଲକର କଳାକାର ଓ ବୁଦ୍ଧିଜିବ ଓ ସରକାରୀ କର୍ମଚାରୀମାନଙ୍କ ଉପସ୍ଥିତିରେ ନିଷ୍ପତ୍ତି ନିଆଯାଇଥିଲା। ସହକାରୀ କଲେକ୍ଟର ଜୟକୃଷ୍ଣ ପାଣିଗ୍ରହି, ଆଲୋକ ପୁରୋହିତ ପ୍ରମୁଖ ମଞ୍ଚାସିନ ଥିଲେ। କଳାକାର ସଂଘର ମଧୁ ସୁଦାନ ନାୟକ, ଜଗଦାନନ୍ଦ ଛୁରିଆ, ବ୍ରହ୍ମାନନ୍ଦ ବନଛୋର, କାଳି ପ୍ରସାଦ ଷଡଙ୍ଗିର, ଘାସିରାମ ମିଶ୍ର, ମୁରଲିଧର ପତି, ଜୟକୃଷ୍ଣ ମିଶ୍ର, ପ୍ରଶାନ୍ତ ମହାକୁର। ଧନ୍ୟବାଦ ଦେଇଥିଲେ ନେସଲା ପାତ୍ର।

# ଖୋଲିନି ମଣ୍ଡି: ମିଲର ଓ ଆନ୍ଧ୍ରା ବ୍ୟବସାଇ ମାଲାମାଲ

**ଖଲ୍ଲିକୋଟ,୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ସରକାର ରାତିଦିନ ଚାଷୀଙ୍କ ପାଇଁ କୁମ୍ଭୀର କାନ୍ଦଣା କାନ୍ଦୁଥିଲା ବେଳେ ଦୀର୍ଘ ୨୫ଦିନହେଲା ଧାନକଟା ଶେଷ ହୋଇଯାଇଥିବା ବେଳେ ଚାଷୀ ତାର ଧାନ ବିକ୍ରିକରିବା ପାଇଁ ସରକାରୀ ମଣ୍ଡି ଖୋଲିନାହିଁ। ଖଲ୍ଲିକୋଟ ବ୍ଲକର ୯୦ପ୍ରତିସତ ଚାଷୀ ଧାନ ଚାଷକରି ପରିବାରର ଗୁଜୁରାଣ ମେଣ୍ଟାଉଛନ୍ତି।

ଖଲ୍ଲିକୋଟ ବ୍ଲକରେ ଏକ ଗୁଜବ ସୃଷ୍ଟି ହୋଇଛି ମଣ୍ଡିକୁ ଧାନଦେଲେ ରାସନ କାର୍ଡ କଟିଯିବ। ଏହାର ସତ୍ୟାସତ୍ୟ ଜାଣିବାପାଇଁ ବ୍ଲକଯୋଗାଣ ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ସେକହିଲେ ସେହିପରି କିଛି ଆଦେଶ ନାହିଁ, ଏହା ଏକ ଗୁଜବ ମାତ୍ର, ଚାଷୀ ବିଚଳିତ ନହୋଇ ବ୍ଲକ କାର୍ଯ୍ୟଳୟରେ ଯୋଗାଯୋଗ କରନ୍ତୁ।

ଏହି ଗୁଜବ ଉପରେ ଖୋଳତାଡ଼ କଲାପରେ ବିଶେଷ ସୂତ୍ରରୁ ଜଣାପଡିଲା ଯେ ହାତ ଗଣନ୍ତି ଗୋଟିଏ ଦୁଇଟି ମିଲର ଗାଁର କୁଜି ଧାନ ବ୍ୟବସାୟୀଙ୍କ ମାଧମରେ ଏହି ଗୁଜବ ତିଆରି କରିଛନ୍ତି। ଯାହାଫଳରେ ଚାଷୀମାନେ ଭୟରେ ଗାଁର ବ୍ୟବସାଇମାନଙ୍କୁ ଓ ମିଲରଙ୍କୁ ଧାନ କୁଇଣ୍ଟାଲ ପିଛା ୧୭୦୦ରୁ ୧୯୦୦ଟଙ୍କା ଦରରେ ବିକ୍ରୟ କରିଦେଉଛନ୍ତି। ସରକାରୀ ଦର କୁଇଣ୍ଟାଲ ପିଛା ୩୧୦୦ଟଙ୍କା ଅଛି। ଏହାର ସୁଯୋଗ ନେଇ ଆନ୍ଧ୍ରା ବେପାରୀ ଗାଁମାନଙ୍କରେ ବ୍ୟବସାଇଙ୍କ ଦ୍ୱାରା ଚାଷୀମାନଙ୍କୁ ଲୁଟୁଛନ୍ତି। ଏହି ଗୁଜବର ମୁଖ୍ୟ ଭୂମିକାରେ ବିଧାୟକଙ୍କ ଦୃଢ଼ ସମର୍ଥକ ମାକାଳୀ ରାଇସି ମିଲ ପୁସ୍ତପୁରର ମାଲିକ ବୋଲି ଉକ୍ତ ଗ୍ରାମବାସୀ ପ୍ରକାଶ କରିଛନ୍ତି।

ପ୍ରକାଶ ଥାଉକି ଗତବର୍ଷ ଖଲ୍ଲିକୋଟ ବ୍ଲକର ୨୯ପଞ୍ଚାୟତ ଓ ଗୋଟିଏ ଏନଏସିରେ ୨୪ଟି ମଣ୍ଡି ଖୋଲିଥିଲା। ଚଳିତ ବର୍ଷ ବର୍ତ୍ତମାନ ସୁଦ୍ଧା ମାତ୍ର ୨ଟି ମଣ୍ଡି ଖୋଲିଛି। ବ୍ଲକ ଯୋଗାଣ ଅଧିକାରୀ କହିବା ଅନୁଯାଇ ମିଲରମାନଙ୍କ ପାଖକୁ ଟାର୍ଗେଟ ଆସିନାହିଁ। ତେଣୁ ମଣ୍ଡି ଖୋଲାଯାଇପାରୁନାହିଁ। ତାହାହେଲେ ଦୁଇଟି ମଣ୍ଡି ଦାନପୁର ସେବା ସମବାୟ ସମିତି ଓ ବାରସର ସେବା ସମବାୟ ସମିତି କିପରି ଖୋଲାଗଲା ? ମଣ୍ଡିମାନଙ୍କରେ ସରକାରଙ୍କ ନିର୍ଦ୍ଧାରଣ ମୂଲ୍ୟ ୩୧ଶହ ୮୦ଟଙ୍କାରେ ଚାଷୀ ଧାନ ବିକ୍ରି କରିବାପାଇଁ ଧାର୍ଯ୍ୟ ହୋଇଛି। ମଣ୍ଡିରେ ଧାନ ବିକ୍ରି କରିବପୂର୍ବରୁ ଚାଷୀମାନେ ମିଲର ଓ ଆନ୍ଧ୍ରା ବେପାରୀଙ୍କୁ ଧାନବିକ୍ରି କରିଦେଲେଣି। ଯଦି ସରକାର ମଣ୍ଡିରେ ଆଗୁଆ ଧାନ କିଣା ହୋଇଥାନ୍ତା, ତାହାହେଲେ ଚାଷୀଙ୍କୁ ଅଭାବୀ ଧାନ ବିକ୍ରିର ଶିକାରହେବାକୁ ପଡିନଥାନ୍ତା। ଗାଁ ଗାଁରେ ଅନେକ ଚାଷୀ ଧାନ ଅମଳ କରି ଖଳାରେ ରଖିଛନ୍ତି। ଚାଷୀମାନେ ଦାବି କରୁଛନ୍ତି ତୁରନ୍ତ ମଣ୍ଡି ଖୋଲିବାକୁ ଦାବିକରିବା ଶହ, ଉକ୍ତ ଗୁଜବ ଉପରେ ଉଚ୍ଚସ୍ତରୀୟ ତଦନ୍ତ କରି ମିଲରମାନେ ବେଆଇନ ଭାବେ ଗୋଦାମରେ ରଖିଥିବା ଧାନକୁ ସିଜ କରିବାପାଇଁ ପଞ୍ଚାୟତ ପ୍ରତିନିଧି ଓ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

## ଓଷ୍ଟାର ରାଜ୍ୟସ୍ତରୀୟ ଶିଶୁ ଉତ୍ସବ



**ଖୋର୍ଦ୍ଧା,୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଓଷ୍ଟାର ରାଜ୍ୟସ୍ତରୀୟ ଶିଶୁଉତ୍ସବରେ ଖୋର୍ଦ୍ଧା ଜିଲ୍ଲାରୁ ସାଧାରଣଜ୍ଞାନରେ ରାମଚନ୍ଦ୍ର ବିଦ୍ୟାପୀଠ, ରମ୍ଭାବିଲିର ଛାତ୍ର ଗୁରୁପ୍ରସାଦ ଶତପଥୀ ପ୍ରଥମ ସ୍ଥାନ ହାସଲ କରିଥିବାବେଳେ ତର୍କ ପ୍ରତିଯୋଗିତାରେ ସପନେଶ୍ୱର ବିଦ୍ୟାପୀଠ, କୁମ୍ଭୀଲୋର ଛାତ୍ରୀ ଜ୍ୟୋତିଶ୍ରୀ ବଳିଆରସିଂହ ଦ୍ୱିତୀୟ ସ୍ଥାନ, କଣ୍ଠ ସଙ୍ଗୀତରେ ପ୍ରାଚୀ ଉଚ୍ଚ ବିଦ୍ୟାପୀଠ, ଅମଣାକୁଦର ଛାତ୍ର ସ୍ୱୟଂ ଶୁଭମ ମିଶ୍ର ଦ୍ୱିତୀୟ ସ୍ଥାନ, କବିତା ରଚନାରେ ସରକାରୀ ଉଚ୍ଚ ବିଦ୍ୟାଳୟର ପାଇକତିଗିରିଆର ଛାତ୍ରୀ ଶୁଭସ୍ମିତା ମୁଦୁଲି ତୃତୀୟ ସ୍ଥାନ ହାସଲ କରି ଖୋର୍ଦ୍ଧା ଜିଲ୍ଲା ପାଇଁ ଗୌରବ ଆଣିଦେଇଛନ୍ତି। ଦଶଗୋଟି ପ୍ରତିଯୋଗୀତାରେ ପ୍ରତିଯୋଗୀମାନେ ଜିଲ୍ଲାସ୍ତରରୁ ପ୍ରଥମ ସ୍ଥାନ ଅଧିକାର କରି ଓଷ୍ଟା ରାଜ୍ୟ କାର୍ଯ୍ୟାଳୟ ନୟାସଡକ କଟକ ଠାରେ ରାଜ୍ୟସ୍ତରୀୟ ଶିଶୁଉତ୍ସବରେ ଭାଗନେଇ ସେମାନଙ୍କ ମଧ୍ୟରୁ ଚାରିଗୋଟି ପ୍ରତିଯୋଗୀତାରେ ସଫଳତାର ସହିତ କୃତିତ୍ୱ ହାସଲ କରିଥିଲେ। ଏହି ଅବସରରେ ଓଷ୍ଟା ଖୋର୍ଦ୍ଧା ଜିଲ୍ଲା ସମ୍ପାଦକ ସୁଧାକର ମହାପାତ୍ର ତାଙ୍କର ସାଙ୍ଗଠନିକ ଦକ୍ଷତା, ଦୃଢ ନେତୃତ୍ୱ ଓ ସମାଜ ସେବା ପାଇଁ ରାଜ୍ୟସ୍ତରରେ 'ଅବନିବରାଳ ସ୍ମୃତି ସମ୍ମାନ' ପ୍ରଦାନ କରାଯାଇଥିଲା।

# ସୁକିନ୍ଦାରେ ବ୍ୟାନର ହୁଡିଂ ଯୁଦ୍ଧ

**କଳିଙ୍ଗନଗର,୪।୧ ଏକ୍ସପ୍ରେସ୍ ନ୍ୟୁଜ୍**




ନୂଆ ବର୍ଷ ୨୦୨୬ ସୁକିନ୍ଦା ନିର୍ବାଚନ ମଣ୍ଡଳୀରେ ଉତ୍ସବ ନୁହେଁ, ବରଂ ଖୋଲାମେଲା ରାଜନୈତିକ ଶକ୍ତି ପ୍ରଦର୍ଶନ ନେଇଆସିଛି। ବ୍ୟାନର, ହୁଡିଂ ଓ ସ୍ୱାଗତ ଗେଟ୍‌କୁ ନେଇ ଆରମ୍ଭ ହୋଇଥିବା 'ବ୍ୟାନର ଯୁଦ୍ଧ'ରେ ବର୍ତ୍ତମାନ ସ୍ପଷ୍ଟ ଭାବେ ବିଜେପି ଆଗରେ, ବିଜେଡି ଓ କଂଗ୍ରେସ ପଛକୁ ଧକ୍କା ଖାଇଥିବା ଚିତ୍ର ସମଗ୍ର ସୁକିନ୍ଦାରେ ଦେଖିବାକୁ ମିଳୁଛି। ବ୍ୟାନର, ହୁଡିଂ ଓ ସ୍ୱାଗତ ଗେଟ୍‌କୁ ନେଇ ଆରମ୍ଭ ହୋଇଥିବା ଶକ୍ତି ପ୍ରଦର୍ଶନ ଏବେ 'ପୋଷ୍ଟର ରାଜ୍ୟ'ରେ ପରିଣତ ହୋଇଛି। ଏହି ଲଢେଇରେ ବିଜେପି ସ୍ପଷ୍ଟ ଭାବେ ଦଖଲ ନେଇଛି। ବିଜେଡି ଓ କଂଗ୍ରେସ ଧୀରେଧୀରେ ପଛକୁ ହଟୁଥିବା ଚିତ୍ର ସମଗ୍ର ସୁକିନ୍ଦାରେ ଦେଖାଯାଉଛି। ହାଟ, ବଜାର, ଛକ ଓ ପଞ୍ଚାୟତ ମୁହାଁରେ ବଡ଼ ବଡ଼ ହୁଡିଂ ସବୁଠାରେ ଗୋଟିଏ ମୁହଁ, ଗୋଟିଏ ନାଁ। ବର୍ତ୍ତମାନ ବିଧାୟକ ଓ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତଙ୍କ ଫଟୋ ଦେଖିଲେ ଏହା ସ୍ପଷ୍ଟ ହୋଇଯାଉଛି, ବିଜେପି ଏବେ କେବଳ ମାଟି ରାଜନୀତିରେ ନୁହେଁ, ରାଜନୀତି ଠାରୁ ଅଧିକ କାର୍ଯ୍ୟରେ କରି ଦେଖାଉଛି ଅଞ୍ଚଳରେ ଦେଖିବାକୁ ମିଳେ। ପୋଷ୍ଟର ଓ ବ୍ୟାନର ଦେଖାଇ ନିଜ ନିଜର ଅଧିକାର ସ୍ଥାପନ ରାଜନୀତି ହେଉଥିବା ଚର୍ଚ୍ଚା ହେଉଛି ହେଉଛି। ନୂଆ ବର୍ଷ ଦିନ ମନ୍ତ୍ରୀଙ୍କ ଭବନରେ ଲୋକଭିଡ଼, କର୍ମୀ–ନେତାଙ୍କ ଭିଡ଼ ଓ ସରକାରୀ ଅଧିକାରୀଙ୍କ ଉପସ୍ଥିତି ଏହାକୁ ଆଉ ଅଧିକ ସ୍ପଷ୍ଟ କରିଦେଇଛି। ସୁକିନ୍ଦାରେ ପ୍ରଶାସନ ଓ ରାଜନୀତି ଏକ ସୁତାରେ ବାନ୍ଧା ହୋଇ ବିକାଶକୁ ଅଗ୍ରସର କରୁଛନ୍ତି। ଅନ୍ୟପଟେ ବିଜେଡି ପାଇଁ ଏହି ନୂଆ ବର୍ଷ ଶକ୍ତି ପ୍ରଦର୍ଶନର ନୁହେଁ, ଆତ୍ମପରୀକ୍ଷାର ସମୟ। ପୂର୍ବତନ ମନ୍ତ୍ରୀ ପ୍ରୀତି ରଞ୍ଜନ ଘଡ଼େଇ ଓ ପୂର୍ବତନ ବିଧାୟକ ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇଙ୍କ ଫଟୋ ସହ ବ୍ୟାନର ଥିଲେ ମଧ, ସେଗୁଡ଼ିକ ବିଜେପିର ହୁଡିଂ ଆଗରେ ଚାପିଯାଉଛି। ରାଜନୈତିକ ଭାଷାରେ କହିଲେ, ବିଜେଡି ଏବେ ରକ୍ଷାତ୍ମକ ମୁଡ୍‌ରେ। ୩୪ ବର୍ଷ ଧରି କ୍ଷମତାରୁ ବାହାରେ ଥିବା କଂଗ୍ରେସ ପାଇଁ ସୁକିନ୍ଦା ରାଜନୀତି ପ୍ରାୟ ଅସ୍ତିତ୍ୱର ଲଢେଇ। ବହୁଛକ ବଜାରରେ ବରିଷ୍ଠ ନେତା ଶରତ ରାଉତଙ୍କ ଫଟୋ ଦେଖାଗଲେ ମଧ, ସେଗୁଡ଼ିକ ରାଜନୈତିକ ଭିଡ଼ରେ ଲୁଚିଯାଉଛି। ରାଜନୈତିକ ପର୍ଯ୍ୟବେକ୍ଷକଙ୍କ ମତ ଏହି ବ୍ୟାନର ହୁଡିଂ ଆକ୍ରମଣ କେବଳ ନୂଆ ବର୍ଷର ଉତ୍ସବ ନୁହେଁ, ବରଂ ଆଗାମୀ ପଞ୍ଚାୟତ ନିର୍ବାଚନ ପୂର୍ବରୁ ଟିକେଟ ଓ ନେତୃତ୍ୱ ପାଇଁ ଶକ୍ତି ପରୀକ୍ଷା। ଗାଁ ଗାଁରେ ଭୋଜିଭାତ, ପିକନିକ୍, ଗେଟ୍–ଟୁଗେଦର ନାଁରେ ଚାଲୁଥିବା ସଂଗଠନାତ୍ମକ ଚାଲଚିତ୍ର ଏହାକୁ ଆଉ ତୀବ୍ର କରିଦେଇଛି। ସୁକିନ୍ଦାରେ ନୂଆ ବର୍ଷ ଏବେ ଖୁସି ଓ ଉତ୍ସବ ଠାରୁ ଅଧିକ ରାଜନୀତିକୁ ନେଇ ଆସିଛି। ହାଟ, ବଜାର, ଛକ ଓ ଗାଁଗୁଡ଼ିକରେ ବ୍ୟାନର, ହୁଡିଂ ଓ ପ୍ରଚାର ମାଧ୍ୟମରେ ଶକ୍ତି ପ୍ରଦର୍ଶନ ଜୋରଦାର ଭାବେ ଚାଲୁଛି। ଏହାର ପରିଣାମରେ ସୁକିନ୍ଦାର ରାଜନୀତି ଧୀରେଧୀରେ ସିଧାସଳଖ ମୁହଁମୁହଁ ଦିଗକୁ ବଢୁଛି। ପ୍ରଚାରରେ ଯେଉଁମାନେ ଆଗରେ ରହୁଛନ୍ତି, ସେମାନେ ଆଗାମୀ ଦିନରେ ଜନମତରେ ମଧ ଆଗୁଆ ହେବେ କି ନାହିଁ। ଏହି ପ୍ରଶ୍ନଟି ଏବେ ସମଗ୍ର ସୁକିନ୍ଦା ରାଜନୀତିର ସବୁଠୁ ମୁଖ୍ୟ ଆଲୋଚନା ବିଷୟ ହୋଇଯାଇଛି।

## ପଣ୍ଡିତ ପ୍ରବୋଧ ମିଶ୍ରଙ୍କୁ ମିଳିଲା 'ଉତ୍କଳକେଶରୀ ସ୍ମାରକୀ ସମ୍ମାନ'

**ଭୁବନେଶ୍ୱର,୪।୧ ଏକ୍ସପ୍ରେସ୍ ନ୍ୟୁଜ୍**




ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବଙ୍କ ୩୯ତମ ପୁଣ୍ୟତିଥିରେ କଟକରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ସେବାଦଳର ସର୍ବୋଚ୍ଚ ସମ୍ମାନ 'ଉତ୍କଳକେଶରୀ ସ୍ମାରକୀ ସମ୍ମାନ-୨୦୨୬' ପଣ୍ଡିତ ଡକ୍ଟର ପ୍ରବୋଧ କୁମାର ମିଶ୍ରଙ୍କୁ ପ୍ରଦାନ କରାଯାଇଥିଲା। ଏଠାରେ ସୂଚନାଯୋଗ୍ୟ ଯେ, ଡକ୍ଟର ମହତାବଙ୍କ ରଚିତ ଆନନ୍ଦ ସନ୍ଧାନ ଗ୍ରନ୍ଥର ସଂସ୍କୃତ ଅନୁବାଦ ପଣ୍ଡିତ ମିଶ୍ର କରିଥିଲେ ଏବଂ ସଭାରେ ଏହାର ମୂଲ୍ୟାୟନ ମଧ କରିଥିଲେ। ସ୍ଥାନୀୟ ଶ୍ରୀରାମଚନ୍ଦ୍ର ଭବନ ସଭାଗୃହରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବରିଷ୍ଠ ବିଜେପି ନେତା ଆଡ଼ଭୋକେଟ ସୌରଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଓ ଶାନ୍ତିନିକେତନ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ ହିନ୍ଦୀ ବିଭାଗ ପ୍ରଫେସର ଡକ୍ଟର ରବୀନ୍ଦ୍ରନାଥ ମିଶ୍ର ମୁଖ୍ୟବକ୍ତା ଭାବରେ ଯୋଗଦେଇ ଡକ୍ଟର ମହତାବଙ୍କ ସ୍ମୃତିଚାରଣ କରିଥିଲେ। ସଭାରେ ସଭାପତିତ୍ୱ କରିଥିଲେ ସେବାଦଳର କେନ୍ଦ୍ରୀୟ ସଭାପତି ଆଡ଼ଭୋକେଟ ମନୋଜ ବିହାରୀ ଦାସ ଏବଂ ପ୍ରାରମ୍ଭରେ ସେବାଦଳର ମହାସଚିବ ଆଡ଼ଭୋକେଟ ଡକ୍ଟର ଜ୍ଞାନଗୁରୁ ଦାସ ବିବରଣୀ ପାଠ କରିଥିଲେ। ପୂର୍ବାହ୍ନରେ ଗଡ଼ଗଡିଆ ମହାନଦୀ ଘାଟରେ ତିଳତର୍ପଣ ଓ ବାରବାଟୀ ଷ୍ଟାଡିୟମ ପରିସରରେ ଡକ୍ଟର ମହତାବଙ୍କ ଆବକ୍ଷ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଶେଷରେ ଉତ୍କଳ ସାହିତ୍ୟ ସମାଜର ସାଧାରଣ ସମ୍ପାଦକ ରାଜୀବ କୁମାର ଷଡ଼ଙ୍ଗୀ ଧନ୍ୟବାଦ ଦେଇଥିଲେ।

## ୨୨ରୁ ଗୋପାଳପୁର ବେଳାଭୂମି ମହୋତ୍ସବ

**ବ୍ରହ୍ମପୁର,୪।୧ ଏକ୍ସପ୍ରେସ୍ ନ୍ୟୁଜ୍**



ଚଳିତ ବର୍ଷ ଗୋପାଳପୁର ବେଳାଭୂମି ମହୋତ୍ସବ ପାଳନ ନିମନ୍ତେ ବ୍ରହ୍ମପୁର ସ୍ଥିତ ସ୍ୱତନ୍ତ୍ର ପ୍ରଦକ୍ଷଣ ସମ୍ମିଳନୀ ଗୃହରେ ବାଣିଜ୍ୟ, ପରିବହନ, ଖଣି ଓ ଇସ୍ପାତ ମନ୍ତ୍ରୀ ବିଭୁତି ଭୂଷଣ ଜେନାଙ୍କ ଅଧକ୍ଷତାରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଛତ୍ରପୁର ବିଧାୟକ କୃଷ୍ଣ ଚନ୍ଦ୍ର ନାୟକ, ଗଞ୍ଜାମ ଜିଲ୍ଲାପାଳ ଭି କୀର୍ତ୍ତି ଭାସନ, ବ୍ରହ୍ମପୁର ଆରକ୍ଷୀ ଅଧିକ୍ଷକ ଡ଼ ସର୍ବଣ ବିବେକ ଏମ୍, ବ୍ରହ୍ମପୁର ମହାନଗର ନିଗମ କମିଶନର ପ୍ରଥମେଶ ଅରବିନ୍ଦ ରାଜଶିର୍କେ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ପ୍ରମୁଖ ଉପସ୍ଥିତ ରହିଥିଲେ। ବିଗତ ବର୍ଷ ଭଳି ଚଳିତ ବର୍ଷ ଏହି ମହୋତ୍ସବ ୫ଦିନ ପାଳିତ ହେବ। ଜାନୁୟାରୀ ୨୨ରୁ ୨୬ ତାରିଖ ପର୍ଯ୍ୟନ୍ତ ଏହି ଉତ୍ସବ ଗୋପାଳପୁର ବେଳାଭୂମିରେ ପାଳନ କରାଯିବ। ବିଭିନ୍ନ ପ୍ରତିଯୋଗିତା ଯେପରି ଝୋଟି, ଆଲୋଚନା ଚକ୍ର, କବିତା ପାଠୋତ୍ସବ, ଭଲିବଲ୍, ଫୁଟବଲ, ବୋଟ ରେସିଂ ଇତ୍ୟାଦି ପ୍ରତିଯୋଗିତା ଆୟୋଜିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଶାମୁକା ସ୍ମରଣିକା ଉନ୍ମୋଚନ କରାଯିବ। ପ୍ରଥମେ ଗଞ୍ଜାମ ଜିଲ୍ଲାର କଳା ସଂସ୍କୃତି ପ୍ରାଥମିକତା ଦିଆଯିବ ତାସହ ବିଭିନ୍ନ ଜିଲ୍ଲା, ରାଜ୍ୟ ଓ ଦେଶର ନୃତ୍ୟ ଓ ସଙ୍ଗୀତ ପରିବେଷଣ କରାଯିବ। ଓଡିଆ, ତେଲୁଗୁ ଓ ହିନ୍ଦୀ କଣ୍ଠ ଶିଳ୍ପୀ ସଙ୍ଗୀତ ପରିବେଷଣ କରିବାର କାର୍ଯ୍ୟକ୍ରମ ରହିଛି। ପଲ୍ଲୀଶ୍ରୀ ମେଳା, ଖାଦ୍ୟ ମେଳା ଏବଂ ବିଭିନ୍ନ ଅନୁଷ୍ଠାନର ମେଳା ପ୍ରଦର୍ଶିତ ହେବ। ଓଡିଶାର ମୁଖ୍ୟମନ୍ତ୍ରୀ ଓ ରାଜ୍ୟପାଳଙ୍କୁ ଅତିଥି ନିମନ୍ତେ ଅନୁରୋଧ କରାଯିବ। ଗଞ୍ଜାମ ଜିଲ୍ଲାର ବିଭିନ୍ନ ଶକ୍ତିପୀଠରୁ ମଶାଲ ଶୋଭାଯାତ୍ରା, ପଦଯାତ୍ରା ଓ ସମୁଦ୍ରରେ ଲେଜର ଶୋ ଆୟୋଜନ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବିଭିନ୍ନ କମିଟି ଗଠନ କରି ଏହି ଉତ୍ସବ ପାଳନ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଥିଲା। ଚଳିତ ବର୍ଷ ଗୋପାଳପୁର ବେଳାଭୂମି ମହୋତ୍ସବକୁ କିଛି ନୂଆ ରୂପରେ ପାଳନ କରିବା ସହ ଲୋକଙ୍କ ନିମନ୍ତେ ଟ୍ରାଫିକ ବ୍ୟବସ୍ଥା, ପାର୍କିଂ ସ୍ଥଳ, ଆଇନ ଶୃଙ୍ଖଳା ଇତ୍ୟାଦି ବିଷୟରେ ଆଲୋଚନା କରାଯାଇଥିଲା। ୩୦୦ଟି ଷ୍ଟଲର ଆୟୋଜନ କରିବା ନିମନ୍ତେ ନିଷ୍ପତ୍ତି ନିଆଯାଇଛି। ଏହି ବୈଠକରେ ସମସ୍ତ ବିଭାଗୀୟ ଅଧିକାରୀ, ବିଭିନ୍ନ ଅନୁଷ୍ଠାନ ସଭ୍ୟ ସଭ୍ୟା ଓ ହୋଟେଲ ସଙ୍ଘର ସଭାପତି ଉପସ୍ଥିତ ଥିଲେ।

## ବିଶ୍ୱକର୍ମା ମହାସଂଘର ଶୀତକାଳୀନ ବୈଠକ

**ବ୍ରହ୍ମପୁର,୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଅବିଭକ୍ତ ଗଞ୍ଜାମ ଜିଲ୍ଲା ବିଶ୍ୱକର୍ମା ମହାସଂଘର ଶୀତାକାଳୀନ ବୈଠକ ଟାଙ୍ଗଣା ପଲ୍ଲୀ ପାଣି ପଞ୍ଚାୟତ ସଭା ଗୃହରେ ଆୟୋଜିତ ହୋଇଯାଇଛି। ମହାସଂଘର ସଭାପତି କାମରଜୁ ମହାରଣାଙ୍କ ଅଧକ୍ଷତାରେ ପରିଚାଳିତ ଏହି ବୈଠକରେ ସମ୍ପାଦକ ଶ୍ରୀନିବାସ ମହାରଣା ବିବରଣୀ ପ୍ରଦାନ କରିଥିଲେ। ଉପସଭାପତି ବିଜୟ କୁମାର ମହାରଣା (ଖୋଡାସିଙ୍ଗି), ବିଜୟ କୁମାର ମହାରଣା (ଛତ୍ରପୁର), କ୍ଷମସାଗର ମହାରଣା, ଉପଦେଷ୍ଟା ସୁରେନ୍ଦ୍ର ନାଥ ମହାରଣା, କୋଷାଧକ୍ଷ ଅଶୋକ କୁମାର ମହାରଣା, ମୀନକେତନ ମହାରଣା, କେଦାରନାଥ ମହାରଣା, ପ୍ରଦୀପ କୁମାର ମହାରଣା, ବସ୍ତୁ ମହାରଣା, ଅହଲ୍ୟା ମହାରଣା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରି ବିଭିନ୍ନ ପ୍ରସ୍ତାବ ଦେଇଥିଲେ। ବିଶେଷ କରି ମହିଳା ସାମ୍ମୁଖ୍ୟ ଗଠନ, ମହାସଂଘକୁ ଅଧିକ କ୍ରିୟାଶୀଳ କରିବା ପାଇଁ ଆଞ୍ଚଳିକ ସଂଗଠନ କରିବା, ପ୍ରତିଭା ସମ୍ପନ ବ୍ୟକ୍ତିଙ୍କୁ ଲୋକ ଲୋଚନକୁ ଆଣିବା, ମହାସଂଘର ବୁକଲେଟ ପ୍ରସ୍ତୁତି କରିବା, ସଭ୍ୟ ସଂଗ୍ରହ କରିବା ଏବଂ ସ୍ମୃତି ସମ୍ମାନ ପାଇଁ ଫିକ୍ସଡ଼ ଡିପୋଜିଟ ରଖିବା ପ୍ରଭୃତି ପ୍ରସ୍ତାବ ଗ୍ରହଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ବିଜୟ ଚନ୍ଦ୍ର ମହାରଣା (ଟାଙ୍ଗଣା ପଲ୍ଲୀ), ସୁପ୍ରଭା ମହାରଣା, ସସ୍ମିତା ମହାରଣା, ପଦ୍ମାବତୀ ମହାରଣା, ସୁଷମା ମହାରଣା, ରଶ୍ମିତା ମହାରଣା ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ ଏବଂ ଅହଲ୍ୟା ଙ୍କୁ ମହିଳା ସମ୍ମୁଖ୍ୟର ଆବାହିକା ରୂପେ ଦାୟିତ୍ୱ ପ୍ରଦାନ କରାଯାଇଥିଲା।

## ଉତ୍କଳ ସାମ୍ବାଦିକ ସଂଘର ବାର୍ଷିକୋତ୍ସବ



**କୋରେଇ,୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଦାନଗଦି ସ୍ଥିତ ହୋଟେଲ ରୟାଲ ତାଜ ପ୍ୟାଲେସ ଠାରେ ଉତ୍କଳ ସାମ୍ବାଦିକ ସଂଘ ଯାଜପୁର ଶାଖା ପକ୍ଷରୁ ବାର୍ଷିକ ଉତ୍ସବ ସହିତ ସାମ୍ବାଦିକତାର ଦକ୍ଷତା ବିକାଶ ଉପରେ ଏକ କର୍ମଶାଳାର ଆୟୋଜନ କରାଯାଇଥିଲା। ଜିଲ୍ଲା ସଭାପତି ହରିହର ସ୍ୱାଇଁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ଡ଼ ପ୍ରଦୀପ ବଳ ସାମନ୍ତ ମୁଖ୍ୟବକ୍ତା ଭାବେ ରାଜ୍ୟ ସଭାପତି ବିଭୁତି ଭୂଷଣ କର ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ରାଜ୍ୟ କାଯ୍ୟକାରୀ ସଭାପତି ହାରଧାନ ବାନାର୍ଜୀ, ଜିଲ୍ଲା ସାଧାରଣ ସମ୍ପାଦକ ପବିତ୍ର ମୋହନ ମହାନ୍ତି ପ୍ରମୁଖ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିବା ସହିତ ଅନୁଷ୍ଠାନିକ ଭାବେ ସଭାକାର୍ଯ୍ୟ ଆରମ୍ଭ କରିଥିଲେ। ସମାଜ ପାଇଁ ସାମ୍ବାଦିକମାନଙ୍କର ରହିଥିବା ଗୁରୁ ଦାୟିତ୍ୱ, ସାମ୍ବାଦିକମାନଙ୍କ ଦାୟିତ୍ୱ ବୋଧତା ଓ ସମ୍ବାଦ ଶୈଳୀ ଉପରେ ମୁଖ୍ୟଅତିଥି ନିଜର ଅଭିଭାଷଣ ରଖିଥିଲେ। ଏଥିସହିତ ରାଜ୍ୟରେ ସାମ୍ବାଦିକମାନଙ୍କର ରହିଥିବା ମୁଖ୍ୟ ଦାବି ଓ ସମସ୍ୟା ଗୁଡିକୁ ସରକାରଙ୍କ ନିକଟରେ ପହଞ୍ଚାଇ ଖୁବ ଶୀଘ୍ର ଏହାର ସମାଧାନ କରାଯିବା ନେଇ ପ୍ରତିଶୃତି ମଧ ଦେଇଥିଲେ। ସଂଘର ଆଭିମୁଖ୍ୟ ଓ ସଂଗଠନର ଦାୟିତ୍ୱବୋଧ ଉପରେ ମୁଖ୍ୟବକ୍ତା ଶ୍ରୀଯୁକ୍ତ କର ପରାମର୍ଶ ଦେଇଥିଲେ। ସଂଘପକ୍ଷରୁ ବରିଷ୍ଠ ଠିକାଦାର ସନ୍ତୋଷ ଧଳ, ସମାଜସେବୀ ହରିହର କରଣ, ଥାନା ଅଧିକାରୀ ଆଶିଷ ସାହୁ, ଯୁବ ବ୍ୟବସାୟୀ ରବିନ୍ଦ୍ର କୁମାର ଡାକୁଆ, ପଙ୍କପାଳ ସରପଞ୍ଚ ସ୍ମୃତି ରଞ୍ଜନ ଜେନାଙ୍କ ସମେତ ଅନେକ ପ୍ରତିଭାବାନ ବ୍ୟକ୍ତିଙ୍କୁ ଅତିଥିଙ୍କ ଦ୍ୱାରା ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ପ୍ରଦାନ କରି ସଂମ୍ମାନିତ କରାଯାଇଥିଲା। ସର୍ବଶେଷରେ ବିଜେପି ସୋୟଂଶାସିତ ମହାବିଦ୍ୟାଳୟର ଆସିଷ୍ଟାଣ୍ଟ ପ୍ରଫେସର ସାମନ୍ତ ବିଶ୍ୱଭୂଷଣ ଧୀର ଓ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ସଦସ୍ୟ ପ୍ରିୟ ରଞ୍ଜନ କରଙ୍କ ଦ୍ୱାରା ଦକ୍ଷତା ବିକାଶ କର୍ମଶାଳାରେ ସାମ୍ବାଦିକମାନଙ୍କୁ ନେଇ ଆଲୋଚନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାଯ୍ୟକ୍ରମରେ କଳିଙ୍ଗନଗରର ସାମ୍ବାଦିକ ସଂଘର ଦୁଷ୍ମନ୍ତ ଘଡେଇ, ରଙ୍ଗବଲଭ ସାହୁ, ପ୍ରଦୀପ ଚାନ୍ଦ, ସୁଭାଶିଷ ରାଉତ, ପ୍ରଦୀପ ଜେନା, ବିପ୍ଳବ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ପାଣି ପଞ୍ଚାୟତ ପକ୍ଷ ଲାଗି ପ୍ରସ୍ତୁତି

**କେନ୍ଦ୍ରାପଡ଼ା,୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଶୁକ୍ରବାର ପୂର୍ବାହ୍ନ ୧୦.୩୦ ମିନିଟ ସମୟରେ ଜିଲ୍ଲା ପ୍ରଦକ୍ଷଣ ଭବନଠାରେ ପାଣି ପଞ୍ଚାୟତ ପକ୍ଷ-୨୦୨୬ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ଅଧକ୍ଷତାରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି ଯେ, ରାଜ୍ୟସରକାରଙ୍କ ନିଷ୍ପତ୍ତି କ୍ରମେ ଆସନ୍ତା ଜାନୁଆରୀ ୬ ତାରିଖ ଠାରୁ ଜାନୁଆରୀ ୨୦ ତାରିଖ ପ୍ରଯ୍ୟନ୍ତ ପାଣି ପଞ୍ଚାୟତ ପକ୍ଷ-୨୦୨୬ ଡିଭିଜନ ଜିଲ୍ଲାସ୍ତରୀୟ ଭାବେ ପାଳନ କରାଯିବ। ପାଣି ପଞ୍ଚାୟତରେ ସୁଫଳ ଓ ଏହାର କାର୍ଯ୍ୟକାରିତା ନିମନ୍ତେ ଥିବା ଯୋଜନାଗୁଡିକୁ ଲୋକମାନଙ୍କ ନିକଟରେ ପହଞ୍ଚାଇବା ନିମନ୍ତେ ଯେଉଁ ସଚେତନତାର ଆବଶ୍ୟକତା ରହିଛି ସେଥି ପାଇଁ କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମରେ ଉଦ୍ୟାନ କୃଷି, କୃଷି, ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ ପକ୍ଷରୁ ପ୍ରଦର୍ଶନୀ ମଣ୍ଡପମାନ ଖୋଲା ଯାଇ ସଚେତନ କରାଯିବ ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ। ଏହା ବ୍ୟତୀତ ଉଚ୍ଚବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ମଧ୍ୟରେ ରଚନା, ବକ୍ତୃତା, କୁଇଜ୍ ଓ ଚିତ୍ରକଳା ପ୍ରତିଯୋଗିତା ଅନୁଷ୍ଠିତ ହେବ। ଡିଭିଜନସ୍ତରରେ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ଯଥା କ୍ରମେ ୨୫୦୦, ୨୦୦୦ ଓ ୧୫୦୦ ଟଙ୍କାର ଅର୍ଥରାଶି ପ୍ରଦାନ କରାଯିବ। ସେହିପରି ଜିଲ୍ଲାସ୍ତରୀୟ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ଯଥାକ୍ରମେ ୩୦୦୦, ୨୫୦୦ ଓ ୨୦୦୦ ଅର୍ଥରାଶି ସହ ପ୍ରମାଣ ପତ୍ର ପ୍ରଦାନ କରି ପୁରସ୍କୃତ କରାଯିବ। ଜାନୁଆରୀ ୧୩ ତାରିଖରେ ଜଣ୍ଟିଲୋ ଡାକବଙ୍ଗଳାଠାରେ ଜିଲ୍ଲାସ୍ତରୀୟ ପାଣିପଞ୍ଚାୟତ ପକ୍ଷ ପାଳନ ସମାରୋହରେ ଜିଲ୍ଲାର ପାଣିପଞ୍ଚାୟତ ସଦସ୍ୟମାନେ ଯୋଗ ଦେବେ। ଜିଲ୍ଲା ମହୋତ୍ସବ ଓ ପଲ୍ଲୀଶ୍ରୀ ମେଳାର ୧୩ ତାରିଖ ସନ୍ଧ୍ୟାରେ ଜିଲ୍ଲାସ୍ତରୀୟ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ଅଧିକାର କରିଥିବା କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯିବ ବୋଲି ବୈଠକରେ ସ୍ଥିର ହୋଇଛି। ଜାନୁଆରୀ ୬ ତାରିଖରେ ପାଣିପଞ୍ଚାୟତ ସଚେତନତା ରଥ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟଠାରୁ ବାହାରି ଜିଲ୍ଲାର ସମସ୍ତ ବ୍ଲକ ମହକୁମା ଓ ମୁଖ୍ୟ ସେଚାଞ୍ଚଳ ଆଦି ଗସ୍ତ କରି ସଚେତନତା ବାର୍ତ୍ତା ବଣ୍ଟନ କରିବ। ରାଜ୍ୟସରକାରଙ୍କ କୃଷି, ଉଦ୍ୟାନ କୃଷି, ମୃତ୍ତିକା ସଂରକ୍ଷଣ, ମତ୍ସ୍ୟ ଓ ପ୍ରାଣୀସମ୍ପଦ ସମ୍ପର୍କିତ ଯୋଜନା ଓ ପାଣିପଞ୍ଚାୟତର ଉପକାରିତା ସମ୍ପର୍କରେ ଲୋକକଳା ମାଧମରେ ଜିଲ୍ଲାସ୍ତରୀୟ ସମାରୋହରେ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଜିଲ୍ଲାର ଶ୍ରେଷ୍ଠ ବିବେଚିତ କୃଷକ ଜାନୁଆରୀ ୨୦ ତାରିଖରେ ରାଜ୍ୟସ୍ତରୀୟ ସମାରୋହରେ ସମ୍ବର୍ଦ୍ଧିତ ହେବେ। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର ପ୍ରଥମ ସ୍ଥାନ ଅଧିକାର କରିଥିବା କୃତି ଛାତ୍ରଛାତ୍ରୀ ଭୁବନେଶ୍ୱରରେ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ। ଉକ୍ତ ବୈଠକରେ କେନ୍ଦ୍ରାପଡ଼ା ଜଳସମ୍ପଦ ବିଭାଗର ଅଧିକ୍ଷଣ ଯନ୍ତ୍ରୀ ଉମେଶ ଚନ୍ଦ୍ର ସେଠୀ, ଜିଲ୍ଲା ମୁଖ୍ୟକୃଷି ଅଧିକାରୀ ସୁରେଶ ଚନ୍ଦ୍ର ମଲ୍ଲିକ, ଉଠା ଜଳସେଚନ ନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସ୍ୱାଇଁ, ଏଡିଭିଓ ଡାକ୍ତର ମନିଷ କୁମାର ସିଂହ, ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂହ, ଉପଖଣ୍ଡ ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଅଶୋକ ବଳିୟାରସିଂହ, କୃଷି, ଶିକ୍ଷା, ଉଦ୍ୟାନ କୃଷି, ଉଠା ଜଳସେଚନ, ମୃତ୍ତିକା ସରଂକ୍ଷଣର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର | ପୃଷ୍ଠା : ୭

● ୫ ଜାନୁଆରୀ ୨୦୨୬ ● ସୋମବାର

## ଭୁବନେଶ୍ୱର ପରେ କଟକ ଓ ରାଉରକେଲାରେ ଯାଞ୍ଚ

**କଟକ:ଏକ୍ସପ୍ରେସ୍ ନ୍ୟୁଜ୍**

ଆମ-ବସ୍ ଦୁର୍ଘଟଣାରେ ଭୁବନେଶ୍ୱର ପରେ ରାଉରକେଲା ଓ କଟକରେ ତତ୍ପରତା। ଉଭୟ ସହରରେ କଡାକଡି ଯାଞ୍ଚ ଆରମ୍ଭ।

ଶନିବାର ଭୁବନେଶ୍ୱର ରୂପାଲୀ ଛକରେ ଆମ-ବସ୍ ଦୁର୍ଘଟଣାରେ ଜଣେ ଅଟୋ ଚାଳକଙ୍କ ମୃତ୍ୟୁ ଘଟିବା ପରେ ଚେତିଛି ପ୍ରଶାସନ। ଭୁବନେଶ୍ୱର ସହର ପ୍ରତ୍ୟକ ଛକରେ ଯାଞ୍ଚ କଡାକଡି କରିଛି କମିଶନରେଟ ପୋଲିସ। ଅନୁରୂପ ଭାବେ କଟକ ଓ ରାଉରକେଲାରେ ଆମ-ବସ୍ ଯାଞ୍ଚ କଡାକଡି କରିଛି ପ୍ରଶାସନ। ରାଉରକେଲା ସହରରେ ବିଭିନ୍ନ ଆମ-ବସ୍‌ର ଯାଞ୍ଚ କରୁଛି ପରିବହନ ବିଭାଗ। ସହରରେ ପରିବହନ ବିଭାଗର କର୍ମଚାରୀମାନେ ୩ଟି ଦଳରେ ବିଭକ୍ତ ହୋଇ ଯାଞ୍ଚ କରୁଛନ୍ତି। ଚାଳକମାନଙ୍କ ଲାଇସେନ୍ସ, ଗାଡିର ଫିଟନେସ ଓ ମଦ୍ୟପାନ ଯାଞ୍ଚ କରୁଛି ପରିବହନ ବିଭାଗ। ସହରରେ ଚାଲୁଥିବା ୧୧୦ଟି ଯାକ ବସର ଯାଞ୍ଚ ହେବ ବୋଲି ସୂଚନା ରହିଛି।

ସେହିପରି କଟକରେ ମଧ ବିଭାଗ ପକ୍ଷରୁ ତତ୍ପରତା ଦେଖା ଦେଇଛି। ନରାଜ ସ୍ଥିତ ଆମ-ବସ୍ ଡିପୋରେ ଆରଟିଓ ବିଭାଗ ପକ୍ଷରୁ ଜୋରଦାର ଯାଞ୍ଚ ଚାଲିଛି। ଚାଳକମାନଙ୍କ ମଦ୍ୟପାନ, ନିଶାସେବନ ଓ ଅନ୍ୟାନ୍ୟ ଦସ୍ତାବିଜ ଯାଞ୍ଚ କରୁଛି ବିଭାଗ।

## ୪୦ ଲକ୍ଷର ଅଳଙ୍କାର ଜବତ, ଦୁଇ ଗିରଫ

**ଗଜପତି:ଏକ୍ସପ୍ରେସ୍ ନ୍ୟୁଜ୍**

ପାରଳାଖେମୁଣ୍ଡି ପୋଲିସକୁ ମିଳିଛି ବଡ ସଫଳତା। ବଡ ଧରଣର ୪ ଚୋରି ମାମଲାର ଖୁଲାସା କରିଛି ପୋଲିସ। ୪୦ ଲକ୍ଷ ଟଙ୍କାର ରୁପା ଓ ସୁନା ଅଳଙ୍କାର ଜବତ। ଚୋରି ହୋଇଥିବା ବିଦେଶୀ ମୁଦ୍ରା ମଧ ଜବତ। ମାମଲାରେ ଦୁଇ ଗିରଫ।

ପାରଳାଖେମୁଣ୍ଡି ଥାନା ଅଞ୍ଚଳରେ ତିନୋଟି ମାମଲା ଏବଂ ଗୁରାଣ୍ଡି ଥାନା ଅଞ୍ଚଳର ଗୋଟିଏ ମାମଲାର ଖୁଲାସା କରିବା ସହ ୧୦ ତୋଳା ଓଜନର ସୁନା ଅଳଙ୍କାର, ୯ କିଲୋଗ୍ରାମର ରୁପା ଅଳଙ୍କାର, ଦୁଇଟି ମୋବାଇଲ ଫୋନ୍, ଦୁଇଟି ବାଇକ ସହ ତାଲା ଭାଙ୍ଗିବା ପାଇଁ ବ୍ୟବହାର ଲୁହାଛଡ ମଧ ଜବତ କରିଛି ପୋଲିସ। ଗିରଫ ଦୁଇ ଅଭିଯୁକ୍ତ ହେଉଛନ୍ତି ପାରଳାଖେମୁଣ୍ଡିର ଦୁର୍ଗା ପ୍ରସାଦ ବେଣିଆ ଓ ଦେବ ମଣ୍ଡଳ।

ଅଭିଯୁକ୍ତ ଦୁର୍ଗା ଟାଟା ପାୱାରର ମିଟର ରିଡର ଭାବେ କାର୍ଯ୍ୟ କରୁଥିବା ବେଳେ ଘରକୁ ଘର ବୁଲି ବିଲ୍ ଦେବା ସମୟରେ କେଉଁ ଘର କେତେଦିନ ତାଲା ପଡିଛି କେଉଁ ଘରେ କେହି ରହୁ ନାହାନ୍ତି ତାକୁ ଦେଖି ଚୋରି ପାଇଁ ଯୋଜନା କରି ଘର ପଛପଟ ଝରକା ତାଡି ତାଲା ଭାଙ୍ଗି ଘରର ଦାମୀ ସାମଗ୍ରୀ ସବୁ ଚୋରି କରୁଥିଲା। ସେହି ସୁନା ସବୁ ବ୍ୟାଙ୍କରେ ବନ୍ଧକ ରଖି କିମ୍ବା କମ୍ ଦରରେ ସୁନା ଦୋକାନୀକୁ ବିକ୍ରି କରି ସେହି ଟଙ୍କାରେ ଅୟସ କରୁଥିଲା। ତେବେ ସାମ୍ବାଦିକଙ୍କ ଘରୁ ଚୋରି କଲାପରେ ଚାପରେ ପୋଲିସ ଖୋଳତାଡ କରୁ କରୁ ଅନେକ ମାମଲାର ଖୁଲାସା ହୋଇଛି।

## ଶ୍ରୀମନ୍ଦିରରେ କମାଣ୍ଡର-ପୋଲିସ ହାତାହାତି

**ପୁରୀ:ଏକ୍ସପ୍ରେସ୍ ନ୍ୟୁଜ୍**

ଶ୍ରୀମନ୍ଦିର ମଧରେ ରବିବାର ପୂର୍ବାହ୍ନ ସମୟରେ ଏକ ଅଭାବନୀୟ ପରିସ୍ଥିତି ଦେଖିବାକୁ ମିଳିଥିଲା। ଶ୍ରୀମନ୍ଦିର ଭିତରେ କିଛି ସମୟ ଧରି ଗାଳିମନ୍ଦ ଏବଂ ଠେଲାପେଲା ସ୍ଥିତି ସୃଷ୍ଟି ହୋଇଥିଲା। ଯାହାଫଳରେ କିଛି ସମୟ ପାଇଁ ଭକ୍ତମାନେ ଦର୍ଶନ କରିବାରେ ସମସ୍ୟା ଭୋଗିଥିଲେ। ସୂଚନା ପାଇ ପ୍ରଶାସନ ମନ୍ଦିରରେ ପହଚି ବୁଝାଶୁଝା କରିବା ପରେ ଦର୍ଶନ ସ୍ୱାଭାବିକ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନାନୁଯାୟୀ, ଭକ୍ତମାନେ ଧାଡ଼ି ଦେଇ ଦର୍ଶନ କରୁଥିଲେ। ଏହି ସମୟରେ ଭିଭିଆଇପିଙ୍କ ପାଇଁ ଥିବା ଧାଡ଼ିରେ ଭିଭିଆଇପିଙ୍କୁ ଛଡ଼ା ଯାଇଥିଲା। ମାତ୍ର ଭକ୍ତଙ୍କ ଦର୍ଶନକୁ ବନ୍ଦ କରାଯାଇଥିଲା। ଯାହାକୁ ନେଇ ଶ୍ରୀମନ୍ଦିର କମାଣ୍ଡର ସୁଧାଂଶୁ ଶେଖର ପଟ୍ଟନାୟକ ଏପରି କରିବାକୁ ବାରଣ କରିଥିଲେ। ଯାହାକୁ ନେଇ କମାଣ୍ଡର ସ୍ୱତନ୍ତ୍ର ସୁରକ୍ଷାକର୍ମୀଙ୍କ ମଧରେ କଥା କଟାକଟି ସହିତ ଧକ୍କା ମରାମରି ହୋଇଥିଲେ। ଏହାକୁ ନେଇ ସେବକ ଓ ସୁରକ୍ଷାକର୍ମୀଙ୍କ ମଧରେ ଯୁକ୍ତିତର୍କ ହୋଇଥିଲା। ଯାହାକୁ ନେଇ ସେବକମାନେ ସାତ ପାହାଚ୍ ଧାଡ଼ି ଦର୍ଶନ ବନ୍ଦ ରଖିଥିଲେ। ତେବେ ସୁରକ୍ଷାକର୍ମୀଙ୍କ ପ୍ରୋଟକଲ ଦର୍ଶନ ପାଇଁ ବିବାଦ ସୃଷ୍ଟି ହୋଇଥିଲା। ଶ୍ରୀମନ୍ଦିର ପ୍ରଶାସନର ହସ୍ତକ୍ଷେପ ପରେ ଘଟଣାର ସମାଧାନ ହୋଇଛି। ଏନେଇ ସୋମବାର ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କରାଯିବା ନେଇ ସୂଚନା ମିଳିଛି।

## ଶାରଳା କପ କ୍ରିକେଟ ଲାଗି ପ୍ରସ୍ତୁତି




**ଅସ୍ତରଙ୍ଗ:ଏକ୍ସପ୍ରେସ୍ ନ୍ୟୁଜ୍**

ଚଳିତ ବର୍ଷ ଅସ୍ତରଙ୍ଗରେ ହେବାକୁ ଥିବା ୩୩ତମ ରାଜ୍ୟସ୍ତରୀୟ ଶାରଳା କପ କ୍ରିକେଟ ମ୍ୟାଚ୍ ପାଇଁ ପ୍ରସ୍ତୁତି ଦ୍ରୁତଗତିରେ ଆଗେଇ ଚାଲିଛି। ପୂର୍ବ ବର୍ଷ ଅପେକ୍ଷା ଚଳିତ ବର୍ଷ ଏହି କ୍ରିକେଟ ମ୍ୟାଚ୍‌କୁ ରାଜ୍ୟର ଏକ ସ୍ୱତନ୍ତ୍ର ଧରଣର କ୍ରିକେଟ ମ୍ୟାଚ୍ ଆୟୋଜନ କରିବା ପାଇଁ ଶାରଳା ସ୍ପୋର୍ଟିଂ କ୍ଲବ ପକ୍ଷରୁ ସମସ୍ତ କାର୍ଯ୍ୟ ହାତକୁ ନିଆଯାଇଛି। ଚଳିତ ବର୍ଷ କ୍ରିକେଟ ପ୍ରେମୀ ଏବଂ କ୍ରିକେଟ ଖେଳାଳିଙ୍କୁ ଆକୃଷ୍ଟ କରିବା ପାଇଁ ଏଠାରେ ଟଙ୍କାର ବର୍ଷା କରାଯିବା ପାଇଁ ସମସ୍ତ ବେବସ୍ଥା କରାଯାଇଛି। ଏହି ରାଜ୍ୟସ୍ତରୀୟ କ୍ରିକେଟ ମ୍ୟାଚ୍‌ରେ ମୋଟ ଆଠଟି ଦଳ ମ୍ୟାଚ୍ ଖେଳିବେ, କ୍ୱାଟର ଖେଳୁଥିବା ଦଳ ମଧରେ ମ୍ୟାଚ୍‌ରେ ରନର୍ସ ହେଉଥିବା କ୍ରିକେଟ ଦଳକୁ ୫୦୦୦ ଟଙ୍କା ପ୍ରଦାନ କରାଯିବା ସହିତ ସେମି ଖେଳୁଥିବା ରନର୍ସ ଦଳକୁ ୧୦,୦୦୦ ଟଙ୍କାର ଆର୍ଥିକ ରାଶି ପ୍ରଦାନ କରାଯିବାର ବେବସ୍ଥା ରହିଛି। ଏହି ଆର୍ଥିକ ରାଶିକୁ ଶାରଳା ସ୍ପୋର୍ଟିଂ କ୍ଲବର ଫାଉଣ୍ଡର ନଟ କିଶ୍ୱର ମହାନ୍ତି ପ୍ରଦାନ କରିବେ। ସେହିଭଳି ଭାବରେ ଫାଇନାଲ ମ୍ୟାଚ୍‌ରେ ବିଜୟୀ ଦଳକୁ ଅନୁଷ୍ଠାନ ପକ୍ଷରୁ ୩୫,୦୦୧ ଟଙ୍କା ପ୍ରଦାନ କରାଯିବା ସହିତ ରନର୍ସ ହୋଇଥିବା ଦଳକୁ ୨୫,୦୦୧ ଟଙ୍କା ପ୍ରଦାନ କରାଯିବାର ଆର୍ଥିକ ବ୍ୟାବସ୍ଥା ରହିଛି।

## ଶ୍ରୀମନ୍ଦିରରେ ଧାଡି ବ୍ୟବସ୍ଥାକୁ ନେଇ ଠେଲାପେଲା

**ପୁରୀ:ଏକ୍ସପ୍ରେସ୍ ନ୍ୟୁଜ୍**

ଶ୍ରୀମନ୍ଦିରରେ ଧାଡି ବ୍ୟବସ୍ଥାକୁ ନେଇ ଠେଲାପେଲା ପରିସ୍ଥିତି ଉପୁଜିଛି। ସେବକ ଓ ସୁରକ୍ଷାକର୍ମୀଙ୍କ ମାଧରେ ଠେଲାପେଲା ହୋଇଥିବା ସୂଚନା ରହିଛି।

ପୁଣି ଶ୍ରୀମନ୍ଦିରରେ ଧାଡି ବ୍ୟବସ୍ଥାକୁ ନେଇ ଠେଲାପେଲା ପରିସ୍ଥିତି ଉପୁଜିଛି। ଶ୍ରୀମନ୍ଦିର ସୁରକ୍ଷା ସ୍ୱତନ୍ତ୍ର ବଳ ଓ ସେବକଙ୍କ ମଧରେ ଏହି ଠେଲାପେଲା ହୋଇଛି। ସାତ ପାହାଚ୍ ତଳେ ପ୍ରୋଟୋକଲ ବ୍ୟବସ୍ଥାକୁ ନେଇ ଏହି ପରିସ୍ଥିତି ଉପୁଜିଥିବା ଦେଖିବାକୁ ମିଳିଛି। ଖବର ଅନୁସାରେ ସାତପାହାଚ୍ ତଳେ ଗୋଟିଏ ଧାଡି ବ୍ୟବସ୍ଥାକୁ ନେଇ ପ୍ରଥମେ ଉଭୟଙ୍କ ମଧରେ ବଚସା ହୋଇଥିଲା। ପରେ ଏହି ବଚସା ବିବାଦୀୟ ରୂପ ନେଇଥିଲା। ଶ୍ରୀମନ୍ଦିର ସୁରକ୍ଷା ସ୍ୱତନ୍ତ୍ର ବଳ କାହାକୁ ନଜଣାଇ ଧାଡି ବ୍ୟବସ୍ଥା କରିଥିବାରୁ ବିବାଦ ହୋଇଥିଲା। ଶେଷରେ ସାତପାହାଚ୍ ତଳେ ଏହି ଧାଡି ଦର୍ଶନକୁ ବନ୍ଦ କଲେ ସେବକ।

## ଚିହ୍ନଟ ହେଲେ ୧୨ ନକ୍ସଲ, ମୁଣ୍ଡରେ ଥିଲା ୬୦ ଲକ୍ଷ

**ମାଲକାନଗିରି:ଏକ୍ସପ୍ରେସ୍ ନ୍ୟୁଜ୍**




ସୀମାନ୍ତ ଛତିଶଗଡର ସୁକମା ଜିଲ୍ଲାରେ ଶନିବାର ପୋଲିସ ଏନକାଉଣ୍ଟରରେ ୧୨ ଜଣ ନକ୍ସଲ ନିହତ ହୋଇଥିଲେ। ଶନିବାର ସଂଧ୍ୟାରେ ଯବାନମାନେ ଫେରିବା ପରେ ମୃତ ନକ୍ସଲଙ୍କର ଶବ ଚିହ୍ନଟ ହୋଇଥିଲା। ରବିବାର ସକାଳେ ଏସପି କିରଣ ଚୌହାନ ସାମ୍ବାଦିକ ସମ୍ମିଳନୀରେ ସମସ୍ତ ନକ୍ସଲଙ୍କର ପରିଚୟ ପ୍ରକାଶ କରିଥିଲେ। ଏଥିସହ ଜବତ ହୋଇଥିବା ଅସ୍ତ୍ରଶସ୍ତ୍ର ଓ ମାଓ ସାମଗ୍ରୀକୁ ଗଣମାଧ୍ୟମ ସାମ୍ନାରେ ପ୍ରଦର୍ଶନୀ କରାଯାଇଥିଲା।

ମୃତ ୧୨ ନକ୍ସଲ ମଧରୁ ୫ଜଣ ମହିଳା ମାଓବାଦୀ ରହିଛନ୍ତି। ସମସ୍ତଙ୍କ ମୁଣ୍ଡରେ ୬୦ ଲକ୍ଷ ଟଙ୍କାର ପୁରସ୍କାର ରହିଥିଲା। ଏମାନଙ୍କ ମଧରେ ଜଣେ କମ୍ପାନି କମାଣ୍ଡର, ଜଣେ ଡିଭିଜନାଲ କମିଟି ମେମ୍ବର, ୭ଜଣ ଏସିଏମ ଏବଂ ୩ ଜଣ ପାର୍ଟି ମେମ୍ବର ବୋଲି ଜଣାପଡିଛି। ଏମାନଙ୍କ ଠାରୁ ଗୋଟିଏ ଏକେ-୪୭ ବନ୍ଧୁକ, ଗୋଟିଏ ଏସଏଲଆର ବନ୍ଧୁକ, ଗୋଟିଏ ଇନସାସ ବନ୍ଧୁକ, ବିଜିଏଲ ଲଞ୍ଚର ୪ଟି, ୧୨ ବୋର ରାଇଫଲ ୩ଟି, ବାଇରଲେସ ଗୋଟିଏ ସେଟ୍ ଇତ୍ୟାଦି ଜବତ ହୋଇଛି। ଏମାନେ ପୋଲିସ ଅଧିକ୍ଷକ ଆକାଶ ରାଓକୁ ଗିରିପୁଞ୍ଜି ନିକଟରେ ଲ୍ୟାଣ୍ଡମାଇନ ବିସ୍ଫୋରଣ କରି ହତ୍ୟା ଘଟଣାରେ ସାମିଲ ଥିବା ପୋଲିସ କହିଛି।

ମୃତ ନକ୍ସଲମାନେ ହେଲେ ୮ ଲକ୍ଷ ଘୋଷିତ ଡିଭିସିଏମ ସଚିନ ମଙ୍ଗଡୁ, ୮ ଲକ୍ଷ ଘୋଷିତ ଏସିଏମ ମାଡବୀ ହିତେଶ, ୧୦ ଲକ୍ଷ ଘୋଷିତ କମ୍ପାନି କମାଣ୍ଡର ପଡିୟମ ଜଗା, ୫ ଲକ୍ଷ ଘୋଷିତ ଏସିଏମ କୋମରାମ ବଦରୀ, ୫ ଲକ୍ଷ ଘୋଷିତ ଏସିଏମ ଝିତରୁ ମାଡବି, ୫ ଲକ୍ଷ ଘୋଷିତ ଏସିଏମ ମାଡବି ସୁକ୍କା, ୫ ଲକ୍ଷ ଘୋଷିତ ଏସିଏମ ମୁଚାକି ମୁନ୍ନି, ୫ ଲକ୍ଷ ଘୋଷିତ ଏସିଏମ ମାଡବି ଜମଲି, ୫ ଲକ୍ଷ ଘୋଷିତ ଏସିଏମ ପଡିୟମ ରୋଶନୀ, ୨ ଲକ୍ଷ ଘୋଷିତ ପାର୍ଟି ମେମ୍ବର ତାମୋ ନନ୍ଦା, ୧ ଲକ୍ଷ ଘୋଷିତ ପାର୍ଟି ମେମ୍ବର ମାଡକମ ରାମା ଏବଂ ୧ ଲକ୍ଷ ଘୋଷିତ ପାର୍ଟି ମେମ୍ବର ମାସେ। ଡିଭିସିଏମ ସଚିନ ମଙ୍ଗଡୁ ନାମରେ ୪୧ଟି ଅପରାଧିକ ମାମଲା ରହିଛି। ଅନ୍ୟ ସମସ୍ତ ନକ୍ସଲ ନାମରେ ମଧ ବହୁ ହିଂସା ଘଟାଇବା ନେଇ ମାମଲା ରହିଥିବା କୁହାଯାଇଛି। ତେବେ ଜଙ୍ଗଲରେ ରହିଯାଇଥିବା ଅନ୍ୟ ନକ୍ସଲ ମଧ ତୁରନ୍ତ ଆତ୍ମସମର୍ପଣ କରନ୍ତୁ ବୋଲି ସୁକମା ଏସପି କିରଣ ଚୌହାନ ଆହ୍ୱାନ ଦେଇଛନ୍ତି। ହିଂସା ଦ୍ୱାରା କେବେ ମଧ ବିକାଶ ସମ୍ଭବ ନୁହେଁ ବରଂ ସାମ୍ବିଧାନିକ ଓ ଲୋକତାନ୍ତ୍ରିକ ମୂଲ୍ୟବୋଧରେ ହିଁ ବିକାଶ ସମ୍ଭବ ବୋଲି କୁହାଯାଇଥିଲା।

## ବଟି ମାଗି ବାର୍‌ରେ ହଙ୍ଗାମା, ୪ ଗିରଫ

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**

ବଟି ମାଗି ବାର୍‌ରେ ହଙ୍ଗାମା କରିବା ସହ ଭଙ୍ଗାରୁଜା କରିବା ଅଭିଯୋଗରେ ମଞ୍ଚେଶ୍ୱର ଥାନା ପୋଲିସ ୪ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ପଳାଶୁଣିରେ ରହୁଥିବା ବାଲେଶ୍ୱର ଗୋପାଳପୁରର ଡଲି ଓରଫ ପୂର୍ଣ୍ଣଚନ୍ଦ୍ର ଶିଆଳ (୨୫), ରସୁଲଗଡ ବାରିକସାହିର ବିକିର ଓରଫ ଦେବୀପ୍ରସାଦ ବାରିକ (୨୧), ପଳାଶୁଣି ପ୍ରାଚୀବିହାରର ନନ୍ଦୁ ଓରଫ ପ୍ରିୟବ୍ରତ ଖଟୁଆ (୨୨) ଏବଂ ପଳାଶୁଣିର ଆଶୁତୋଷ ମହାନ୍ତି(୪୨)।

ପୋଲିସ ସୂଚନା ଅନୁଯାୟୀ, ଗତ ୧ ତାରିଖ ରାତିରେ ଉପରୋକ୍ତ ୪ ଅଭିଯୁକ୍ତଙ୍କ ସମେତ ପପୁ ରାଉତରାୟ ଏବଂ ଯୁବରାଜ ଖଟୁଆ ମିଶି ରସୁଲଗଡ ବାର୍‌କୁ ଯାଇଥିଲେ। ସେଠାରେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିବା ସହ ବାର୍ କର୍ମଚାରୀଙ୍କୁ ଦାଦାବଟି ମାଗିଥିଲେ। ଟଙ୍କା ନ ଦେବାରୁ ସେମାନେ ବାର୍‌ରେ ହଙ୍ଗାମା କରିଥିଲେ। ୱେଟର ଜିତେନ୍ଦ୍ର ମହାନ୍ତି ପ୍ରତିବାଦ କରିବାରୁ ସେମାନେ ତାଙ୍କୁ ମାଡ ମାରିବା ସହ ବାର୍ ସାମଗ୍ରୀ ଭଙ୍ଗାରୁଜା କରିଥିଲେ। କିଛି ସମୟ ପାଇଁ ବାର୍‌ରେ ସେମାନେ ଆତଙ୍କ ସୃଷ୍ଟି କରିଥିଲେ।

ବାର୍ ପକ୍ଷରୁ ଆକାଶ ଭୋଳ ଏନେଇ ମଞ୍ଚେଶ୍ୱର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଥିଲା। ବାର୍‌ରେ ଲାଗିଥିବା ସିସିଟିଭି ଫୁଟେଜ ଆଧାରରେ ପୋଲିସ ଅଭିଯୁକ୍ତଙ୍କୁ ଚିହ୍ନଟ କରିଥିଲା। ଚଢଉ କରିଆରେ ପୋଲିସ ଉପରୋକ୍ତ ୪ ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ୪ ଜଣଙ୍କୁ ଅପରାହ୍ନରେ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସମସ୍ତଙ୍କୁ ଜେଲ୍ ହାଜତକୁ ପଠାଇ ଦିଆଯାଇଛି। ଅନ୍ୟ ୨ ଅଭିଯୁକ୍ତ ଫେରାର୍ ଅଛନ୍ତି। ସେମାନଙ୍କୁ ଗିରଫ କରିବା ପାଇଁ ପୋଲିସ ବିଭିନ୍ନ ସ୍ଥାନରେ ଚଢଉ ଜାରି ରଖିଛି।

## ଦିନରେ ମାଙ୍କଡ ଓ ରାତିରେ ବାରାହା ଉତ୍ପାତ ଲାଗି ଫସଲ ନଷ୍ଟ



**ବାଙ୍କୀ:ଏକ୍ସପ୍ରେସ୍ ନ୍ୟୁଜ୍**

ବାଙ୍କୀ ଉପଖଣ୍ଡର ପ୍ରାୟ ସମସ୍ତ ଗ୍ରାମମାନଙ୍କରେ ଏବେ ମାଙ୍କଡ ଓ ଜଙ୍ଗଲି ବାରାହା ଉତ୍ପାତ ଯୋଗୁଁ ବ୍ୟାପକ ଭାବେ ଫସଲ ନଷ୍ଟ ହେଉଅଛି। ବିଶେଷ କରି ଦିନ ସମୟରେ ମାଙ୍କଡମାନେ ଗ୍ରାମ ନିକଟରେ ଥିବା ଜମିରେ ଫସଲ ନଷ୍ଟ କରିବା ସହିତ ଗାଁଗଣ୍ଡାରେ ପଶି ବାରିବଗିଚାରୁ ଫସଲ ଖାଇବା ସହିତ ଘର ଭିତରେ ପଶି ଖାଦ୍ୟପଦାର୍ଥ ନେଇଯାଉଥିବାର ଦେଖାଯାଉଛି। ସେହିପରି ରାତିରେ ଜଙ୍ଗଲି ବାରାହା ଆସି ବ୍ୟାପକ ଭାବେ ଧାନ ଫସଲ ଓ ପନିପରିବା ଫସଲ ସେମାନଙ୍କ ଶୁଣ୍ଢରେ ତାଡି ନଷ୍ଟ କରିଦେଉଛନ୍ତି। ଏହି ବାରାହାମାନେ ଦଳବଦ୍ଧ ଭାବେ ନିକଟସ୍ଥ ବୁଦୁବୁଦିଆ ଜଙ୍ଗଲ ଓ ଗାଁ ନିକଟସ୍ଥ ଜଙ୍ଗଲରୁ ରାତି ସମୟରେ ଆସି ଫସଲକୁ ଦଳିଚକଟି ନଷ୍ଟ କରିଦେଉଛନ୍ତି। ଏହି ପରିପ୍ରେକ୍ଷୀରେ ମାଙ୍କଡ ଓ ବାରାହାଙ୍କ ଉତ୍ପାତ ଏବଂ ଦୌରାତ୍ମ୍ୟ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି। ତେଣୁ ଚାଷୀମାନେ ଚାଷ ପ୍ରତି ବିମୁଖତା ହେବାରେ ଲାଗିଛନ୍ତି ଓ ଯେଉଁ ପରିମାଣରେ ଫସଲ ଉତ୍ପାଦନ ହେବାକଥା ହେଉନାହିଁ। ଫଳ ସ୍ୱରୂପ ବାଙ୍କୀ ଚର୍ଚ୍ଚିକା ହାଟ, ତୁଳସୀପୁର ହାଟ, କଳାପଥର ହାଟ ଓ ବରପୁଟ ହାଟରେ ପନିପରିବାର ଦର ଅଧିକ ହେଉଛି ବୋଲି ପରିବେଶବିତ୍ ମନୋଜ କୁମାର ମହାପାତ୍ର ପ୍ରକାଶ କରିଛନ୍ତି। ଏହିପରି ଯଦି ସମସ୍ୟା ଲାଗିରହେ ତେବେ ସମସ୍ତ ଜମି ପଡିଆ ପଡିବ ବୋଲି ଚାଷୀ କୌଶିକ ନାୟକ, ଦିଲ୍ଲିପ କୁମାର ସାହୁ ପ୍ରମୁଖ ପ୍ରକାଶ କରିବା ସହିତ ଏହାର ସମାଧାନ କିପରି ହେବ ସେଥିପ୍ରତି ସରକାର ଦୃଷ୍ଟି ଦେବା ଆବଶ୍ୟକ ରହିଛି। ବିଶେଷ କରି ମାଙ୍କଡମାନଙ୍କୁ ଟିପା ଯନ୍ତ୍ର ସାହାଯ୍ୟରେ ଘୋଡେଇ ନିକଟସ୍ଥ ଜଙ୍ଗଲକୁ ନେବା ସହ ସେଠାରେ ବ୍ୟାପକ ଫଳଗଛ ଲଗାଇବା ଆବଶ୍ୟକ ଏବଂ ଜଙ୍ଗଲି ବାରାହା ମାନଙ୍କୁ ଜନବସତିରୁ ହଟାଇ ସ୍ୱତନ୍ତ୍ର ସେମାନଙ୍କ ପାଇଁ ଆବାସସ୍ଥଳ ଓ ଖାଦ୍ୟପଦାର୍ଥର ବ୍ୟବସ୍ଥା କରିବା ପାଇଁ ସରକାର ଓ ଜଙ୍ଗଲପରିବେଶ ବିଭାଗ ବ୍ୟବସ୍ଥା କରିବା ପାଇଁ ପରିବେଶବିତ୍ ଶ୍ରୀ ମହାପାତ୍ର ପ୍ରକାଶ କରିଛନ୍ତି। ଏଥି ସହିତ ଚାଷୀମାନଙ୍କୁ ଆବଶ୍ୟକୀୟ କ୍ଷତିପୂରଣ ପ୍ରଦାନ ପାଇଁ ଚାଷୀମାନେ ଦାବି କରିଛନ୍ତି।

## ଗାଡି ଧକ୍କାରେ ବାଇକ ଚାଳକ ଗୁରୁତର

**ବାଲିପାଟଣା:ଏକ୍ସପ୍ରେସ୍ ନ୍ୟୁଜ୍**



ଭୁବନେଶ୍ୱର ଉପକଣ୍ଠ ନିମାପଡା-ସରଦେଇପୁର ରାସ୍ତାର ଗାରେଡି ପାଞ୍ଚଣ ଛକ ନିକଟରେ ରବିବାର ଏକ ପର୍ଯ୍ୟଟକଙ୍କ ଗାଡି ଦୁର୍ଘଟଣା ହୋଇଛି। ଗାଡି ଧକ୍କାରେ ଜଣେ ବାଇକ ଚାଳକ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଯୁବକ ହେଲେ ଗାରେଡି ପାଞ୍ଚଣର ଲିଟୁ। ସେଠାରେ ଥିବା ଲୋକେ ଯୁବକଙ୍କୁ ଉଦ୍ଧାର କରି ବାଲିପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି। ଦୁର୍ଘଟଣାରେ ପର୍ଯ୍ୟଟକଙ୍କ ଗାଡି ଭାଙ୍ଗି ଯାଇଥିବା ବେଳେ ଆଗ ଚକା ଫାଟି ଯାଇଥିଲା। ତେବେ ଗାଡିରେ ବସିଥିବା ୮ ଜଣ ଯାତ୍ରୀ ଅଳ୍ପକେ ରକ୍ଷା ପାଇଛନ୍ତି।

ସୂଚନା ଅନୁସାରେ, ପଶ୍ଚିମବଙ୍ଗରୁ ଗୋଟିଏ ପରିବାରର ଜଣେ ମହିଳାଙ୍କ ସମେତ ୭ ପର୍ଯ୍ୟଟକ ପୁରୀ ବୁଲିବାକୁ କିଛି ଦିନ ହେଲା ଆସିଛନ୍ତି। ରବିବାର ସକାଳୁ ପୁରୀରୁ ଏକ ଗାଡି ଭଡା କରି କୋଣାର୍କ ବୁଲିବାକୁ ବାହାରିଥିଲେ। ସେଠାରୁ ନନ୍ଦନକାନନ ବୁଲିବାକୁ ନିମାପଡା ରାସ୍ତାରେ ଉଭରା ଦେଇ ଭୁବନେଶ୍ୱର ଯିବାର ଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା କଥା ବାଲିପାଟଣା ଥାନା ଗାରେଡି ପାଞ୍ଚଣ ଗାଁ ରାସ୍ତାରୁ ବାହାରି ମୁଖ୍ୟ ରାସ୍ତାରେ ଦ୍ରୁତ ଗତିରେ ଯାଉଥିବା ପର୍ଯ୍ୟଟକଙ୍କ ଗାଡି (ଓଡି ୩୦ ଏ ୪୦୫୦) ଟ୍ରାଭେରା ସାମ୍ନାକୁ ବାଇକ ଚାଳକ ହଠାତ ପଶି ଯାଇଥିଲେ। ଫଳରେ ଟ୍ରାଭେରା ଗାଡି ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁର୍ଘଟଣାରେ ଯୁବକ ଜଣଙ୍କ ରାସ୍ତାରେ ଛିଟିକି ପଡ଼ିଥିଲେ।

ପର୍ଯ୍ୟଟକଙ୍କ ଗାଡି ଚାଳକ ଯୁବକଙ୍କୁ ବଞ୍ଚାଇବାକୁ ଚେଷ୍ଟା କରି ବ୍ରେକକୁ ସମ୍ପୂର୍ଣ୍ଣ ଚାପି ଦେଇଥିଲେ। ଟ୍ରାଭେରା ଗାଡିଟି ରାସ୍ତାରେ ଶହେ ଫୁଟ ପର୍ଯ୍ୟନ୍ତ ଘୁଷୁରି ଯାଇଥିଲା। ଗାଡ଼ି ଚାଳକଙ୍କ ପଟ ଆଗ ଚକା ଖୁବ ଜୋରରେ ଫାଟିଥିଲା। ପ୍ରଚଣ୍ଡ ଶବ୍ଦ ଶୁଣି ଲୋକେ ଘଟଣାସ୍ଥଳକୁ ଧାଇଁ ଆସିଥିଲେ। ଗାଡିଟି ପଲଟିବା ଆଗରୁ ଅଳ୍ପକେ ଅଟକି ଯାଇଥିଲା। ଦୁର୍ଘଟଣା ପରେ ଯାତ୍ରୀମାନେ ହନ୍ତସନ୍ତ ହୋଇଛନ୍ତି। ସ୍ଥାନୀୟ ଯୁବକ ସେମାନଙ୍କୁ ସହଯୋଗ କରୁଥିବା ଜଣାପଡିଛି। ଦୁର୍ଘଟଣାରେ ଯୁବକଙ୍କ ମୁଣ୍ଡ, ହାତ, ଗୋଡ଼ ଏବଂ ଶରୀରର ବିଭିନ୍ନ ସ୍ଥାନରେ ଶକ୍ତ ଆଘାତ ଲାଗିଛି। କ୍ଷତ ସୃଷ୍ଟି ହୋଇ ରକ୍ତସ୍ରାବ ହୋଇଛି।

## ବରିଷ୍ଠ ନାଗରିକ ସଂଘର ବୈଠକ

**ଫୁଲନଖରା:ଏକ୍ସପ୍ରେସ୍ ନ୍ୟୁଜ୍**

ବାରଙ୍ଗ ବ୍ଲକ ୩୩ ନଂ ଜିଲ୍ଲା ପରିଷଦ ଜୋନ୍ କଟକ ସଦର ଥାନା ଅନ୍ତର୍ଗତ କୁରାଙ୍ଗ ପ୍ରଧାନ, କୁରାଙ୍ଗ ଶାସନ, ହରିଅନ୍ତା, ସାଇଁସୋ, କୋରକୋରା, ଖଲର୍ଦ୍ଧା, ଉଷୁମା ଓ ନଗରୀ ଗ୍ରାମପଞ୍ଚାୟତ ଏହିପରି ୮ଟି ପଞ୍ଚାୟତକୁ ନେଇ ବରିଷ୍ଠ ନାଗରିକ ମଞ୍ଚ ଗଠନ କରାଯାଇଛି। ରବିବାର ବ୍ରାହ୍ମଣଝରିଲୋ ନିକଟ ରାୟପୁର ଠାରେ ସଭାପତି ବିଜୟ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ କଟକ ସଦର ଥାନାର ନୂତନ ଭାବେ ନିଯୁକ୍ତି ପାଇଥିବା ଅତିରିକ୍ତ ଆଇଆଇସି ପ୍ରଶାନ୍ତ କୁମାର ପାଣି ଯୋଗ ଦେଇ ବରିଷ୍ଠ ନାଗରିକ ଉପରେ ସୂଚନା ପ୍ରଦାନ କରିଥିଲେ। ବରିଷ୍ଠ ନାଗରିକମାନଙ୍କର କୌଣସି ଅସୁବିଧା ହେଲେ ଥାନାକୁ ଫୋନ୍ କରି ଜଣାଇଲେ ଥାନା ନିଶ୍ଚୟ ତାଙ୍କ ପାଖେ ପହଞ୍ଚିବ ବୋଲି ମତବ୍ୟକ୍ତ କରିଥିଲେ। ସାଧାରଣ ସମ୍ପାଦକ ତଥା ବରିଷ୍ଠ ସାମ୍ବାଦିକ ସଂଘ ଗଠନ ଉପରେ ମତବ୍ୟକ୍ତ କରିଥିଲେ। ଏହା ସଂଘର ଚତୁର୍ଥ ଅଧିବେଶନ। ଖୁବ୍ ଶୀଘ୍ର ୮ଟି ପଞ୍ଚାୟତରୁ ୧୫୦ ସଭ୍ୟ ସଂଗ୍ରହ କରାଯାଇ ୨ ମାସ ମଧରେ ପ୍ରଶାସନକୁ ନେଇ ଏକ ବୈଠକ କରାଯିବ ବୋଲି ନିଷ୍ପତ୍ତି ନିଆଯାଇଥିଲା। ଅନ୍ୟମାନଙ୍କ ମଧରେ ବାବାଜୀ ଚରଣ ମହାନ୍ତି, ବ୍ରଜ କିଶୋର ମହାନ୍ତି, ଗନ୍ଧର୍ବ ଜେନା, ଜୟଦେବ ପ୍ରଧାନ, ଉଲ୍ଲାସ ମହାପାତ୍ର, ଶୈଳଜାନନ୍ଦ ସାହୁ, ଦୁର୍ଯ୍ୟୋଧନ ସାହୁ, ଅଜୟ କୁମାର ବେଉରା, ଚନ୍ଦ୍ରମଣି ସାହୁ, ତ୍ରିଲୋଚନ ସାହୁ, ସଗିର୍ ଅହମ୍ମଦ ସିଦିକ୍, ମିସ୍ତାଉଦ୍ଦିର ଖାନ ଏହିପରି ୪୦ରୁ ଅଧିକ ବରିଷ୍ଠ ନାଗରିକ ଯୋଗଦେଇ ନିଜ ନିଜର ମତ ପ୍ରକାଶ କରିଥିଲେ। କଟକ ସଦର ଥାନାର ବିଚିତ୍ରାନନ୍ଦ ବିଶ୍ୱାଳ ଓ ବ୍ରାହ୍ମଣଝରିଲୋ ବିଟ ହାଉସର ଆଚାର୍ଯ୍ୟ ବାବୁ ଓ କର୍ମଚାରୀମାନେ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା। ଶେଷରେ ସମ୍ପାଦକ ଜୟନ୍ତ କୁମାର ଜେନା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

## ପାରାଦୀପ ବନ୍ଦର ପ୍ରତିଷ୍ଠା ଦିବସରେ ମାରାଥନ ପ୍ରତିଯୋଗିତା

**ପାରାଦୀପ:ଏକ୍ସପ୍ରେସ୍ ନ୍ୟୁଜ୍**




ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ)ର ୬୫ତମ ପ୍ରତିଷ୍ଠା ଦିବସ ଅବସରରେ ଜାନୁଆରୀ ୩ ତାରିଖ ଶନିବାର ୨୧ତମ ପାରାଦୀପ ମାରାଥନ ୨୦୨୬ ସଫଳତାର ସହିତ ଆୟୋଜିତ ହୋଇଯାଇଛି। ଗୋପବନ୍ଧୁ କ୍ରୀଡା ସଂସଦ ଦ୍ୱାରା ଆୟୋଜିତ ଏହି କାର୍ଯ୍ୟକ୍ରମରେ ପାରାଦୀପ ବନ୍ଦର ଅଧ୍ୟକ୍ଷ ପିଏଲହରନାଦ ମୁଖ୍ୟ ଅତିଥି ଭାବେ ଯୋଗଦେଇ ହନୁମାନ ମନ୍ଦିର ଛକରୁ ପତାକା ଦେଖାଇ ମାରାଥନ ପ୍ରତିଯୋଗିତାର ଶୁଭାରମ୍ଭ କରିଥିଲେ। ଏଥିରେ ପାରାଦୀପ ବନ୍ଦର ଉପାଧ୍ୟକ୍ଷ ଟି.ଭେଣୁ ଗୋପାଳ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ବନ୍ଦର ଟାଉନସିପର ବାସିନ୍ଦା ଏବଂ ବିଭିନ୍ନ ସଂଗଠନର ଉତ୍ସାହୀ ସମର୍ଥନ ମଧ୍ୟରେ ୧୪ କିଲୋମିଟର ଦୌଡ଼ ପ୍ରତିଯୋଗିତା ଗୋପବନ୍ଧୁ ଷ୍ଟାଡିୟମରେ ଶେଷ ହୋଇଥିଲା। ୨୮୦ ପୁରୁଷ ଏବଂ ୫୬ ମହିଳା ସମେତ ମୋଟ ୩୩୬ଜଣ ଏହି ମାରାଥନରେ ଅଂଶଗ୍ରହଣ କରିଥିଲେ।

ଗୋପବନ୍ଧୁ ଷ୍ଟାଡିୟମରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଶ୍ରୀ ହରନାଦ ସ୍ମରଣ କରାଇଥିଲେ ଯେ ପାରାଦୀପ ବନ୍ଦର, ଯାହାର ଶିଳାନ୍ୟାସ ୩ ଜାନୁଆରୀ ୧୯୬୨ ମସିହାରେ ହୋଇଥିଲା ଏବଂ ଏକ ଛୋଟ ଜେଟିରୁ ଭାରତର ପ୍ରମୁଖ ବନ୍ଦର ମଧ୍ୟରୁ ଗୋଟିଏ ବନ୍ଦର ଭାବେ ପରିଗଣିତ ହୋଇଥିଲା। ଏହି ବନ୍ଦର ବର୍ତ୍ତମାନ ମୂଲ୍ୟାଙ୍କିତ କ୍ଷମତା ଦୃଷ୍ଟିରୁ ସବୁଠାରୁ ବଡ଼ ପ୍ରମୁଖ ବନ୍ଦର, ଭାରତୀୟ ପ୍ରମୁଖ ବନ୍ଦର ମଧ୍ୟରେ ସର୍ବୋତ୍ତମ ବର୍ଥ ଉତ୍ପାଦକତା ରେକର୍ଡ କରି ଦେଶର ସବୁଠାରୁ କମ ଖର୍ଚ୍ଚରେ ପାରାଦୀପ ବନ୍ଦର ପ୍ରମୁଖ ବନ୍ଦର ଭାବେ ଉଭା ହୋଇଛି। ଏତଦବ୍ୟତୀତ ୨୦୩୦ ମସିହା ସୁଦ୍ଧା ପାରାଦୀପ ବନ୍ଦର ୪୦୦ ମିଲିୟନ ମେଟ୍ରିକ ଟନ କ୍ଷମତା ଆଡ଼କୁ ସ୍ଥିର ଭାବରେ ଅଗ୍ରଗତି କରୁଥିବା ଉପରେ ବନ୍ଦରାଧକ୍ଷ ଶ୍ରୀ ହରନାଦ ଆଲୋକପାତ କରିଥିଲେ।

ଏହି ଅବସରରେ, ଓଡ଼ିଶାର ଉଦୀୟମାନ ଧାବକ ପ୍ରତୀକ ମହାରଣାଙ୍କୁ ପାରାଦୀପ ବନ୍ଦର କର୍ତ୍ତୃପକ୍ଷର ଅଧ୍ୟକ୍ଷ ପିଏଲ ହରଣାଦ ସ୍ୱତନ୍ତ୍ର ଭାବରେ ସମ୍ମାନିତ କରିଥିଲେ।

ଏହି ମାରାଥନ ପ୍ରତିଯୋଗିତାରେ ପୁରୁଷ ବର୍ଗରେ, ଓଡ଼ିଶା ପୋଲିସର ଅଶୋକ ଦଣ୍ଡସେନା ୪୩ ମିନିଟ ମିନିଟ୍ ୫୨.୨ ସେକେଣ୍ଡ ସମୟ ସହିତ ପ୍ରଥମ ସ୍ଥାନ ଅଧିକାର କରି ଚମ୍ପିୟନ ହୋଇଥିଲେ। ସେହିପରି ରାଞ୍ଚିର ଗୁଲସନ ଡୁଙ୍ଗ ଡୁଙ୍ଗ ୪୪ ମିନିଟ୍ ୧୧.୯ ସେକେଣ୍ଡ ସହିତ ଦ୍ୱିତୀୟ ସ୍ଥାନ ଅଧିକାର ଏବଂ ଝାଡ଼ଖଣ୍ଡର ରାକେଶ ମହାନ୍ତ ୪୪ ମିନିଟ୍ ୧୮.୩ ସେକେଣ୍ଡ ସହିତ ତୃତୀୟ ସ୍ଥାନ ଅଧିକାର କରିଛନ୍ତି।

## ୯ରୁ କିମସରେ ଏଏପିଆଇ ଗ୍ଲୋବାଲ୍ ହେଲଥକେୟାର

**ଭୁବନେଶ୍ୱର:ଏକ୍ସପ୍ରେସ୍ ନ୍ୟୁଜ୍**




ଆମେରିକାନ ଆସୋସିଏସନ ଅଫ ଇଣ୍ଡିଆନ ଅରିଜିନ (ଭାରତୀୟ ବଂଶୋଦ୍ଭବ ଚିକିତ୍ସକ ସଂଘ- ଏଏପିଆଇ) ପକ୍ଷରୁ କଳିଙ୍ଗ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍ସେସ୍ (କିମସ)ରେ ଗ୍ଲୋବାଲ୍ ହେଲଥକେୟାର ସମିଟ୍ ୨୦୨୬ ଆୟୋଜିତ ହେଉଛି। ଜାନୁଆରୀ ୯ ରୁ ୧୧ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ଏହି ସମ୍ମିଳନୀରେ ଭାରତ ଓ ଆମେରିକାର ବହୁ ପ୍ରଖ୍ୟାତ ଡାକ୍ତର, ଗବେଷକ, ସ୍ୱାସ୍ଥ୍ୟ ବିଶେଷଜ୍ଞ, ନବସର୍ଜନାକାରୀମାନେ ଏକତ୍ରିତ ହେବେ। ଏ ନେଇ ଏଏପିଆଇ ଗ୍ଲୋବାଲ୍ ହେଲଥକେୟାର ସମିଟ୍‌ର ଅଧ୍ୟକ୍ଷ ତଥା ଏଏପିଆଇ ସଭାପତି ଡା ଅମିତ ଚକ୍ରବର୍ତ୍ତୀ ଓ ଓଡ଼ିଶା ଫିଜିସିଆନ୍ସ ଅଫ୍ ଆମେରିକାର ସଭାପତି ଡା ଅତସୁ ନାୟକ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହା ସୂଚନା ଦେଇଛନ୍ତି। ଏହି ସମ୍ମିଳନୀ ବିଶ୍ୱ ସ୍ୱାସ୍ଥ୍ୟକୁ ଆଗକୁ ବଢ଼ାଇବା, ଭାରତ-ଆମେରିକା ସ୍ୱାସ୍ଥ୍ୟସେବା ସହଯୋଗକୁ ସୁଦୃଢ଼ କରିବା ସହ ଡାକ୍ତରୀ ଶିକ୍ଷା, ଗବେଷଣା ଓ କ୍ଲିନିକାଲ୍ କେୟାରରେ ଉତ୍କର୍ଷତାକୁ ପ୍ରୋତ୍ସାହିତ କରିବା ପାଇଁ ଏଏପିଆଇର ନିରନ୍ତର ଅଭିଯାନ ଉପରେ ଗୁରୁତ୍ୱାରୋପ କରିବ।

ଏହି ସମ୍ମିଳନୀ ପ୍ରଯୁକ୍ତିବିଦ୍ୟା, ନବସର୍ଜନା ଓ ବିଶ୍ୱ ସ୍ୱାସ୍ଥ୍ୟ କ୍ଷମତା ନିର୍ମାଣ ଉପରେ କେନ୍ଦ୍ରିତ ଏକ ଭବିଷ୍ୟତବାଦୀ ବିଷୟବସ୍ତୁ ଉପରେ ଆୟୋଜିତ ହେବ। ବ୍ୟାପକ ଶୈକ୍ଷିକ କାର୍ଯ୍ୟସୂଚୀରେ ଅତ୍ୟାଧୁନିକ ନିରନ୍ତର ଚିକିତ୍ସା ଶିକ୍ଷା (ସିଏମଇ) ଅଧିବେଶନ, କୃତ୍ରିମ ବୁଦ୍ଧିମତ୍ତା (ଏଆଇ)- ଚାଳିତ କ୍ଲିନିକାଲ୍ ଇନସାଇଟ୍, ଉନ୍ନତ ଶଲ୍ୟଚିକିତ୍ସା ପ୍ରଦର୍ଶନ, କର୍ମଶାଳା, ଜନସ୍ୱାସ୍ଥ୍ୟ ପଦକ୍ଷେପ, ଡାକ୍ତରୀ ଛାତ୍ରଛାତ୍ରୀଙ୍କ ପାଇଁ ବିଶେଷ ଉପଯୋଗୀ ହେବ।

ଏଥିରେ ପ୍ରମୁଖ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମଧରେ ଅତ୍ୟାଧୁନିକ ରୋବୋଟିକ୍ ସର୍ଜରୀ ଉପସ୍ଥାପନା, ବିଶ୍ୱ ଚିକିତ୍ସା ଅଭ୍ୟାସରେ କୃତ୍ରିମ ବୁଦ୍ଧିମତ୍ତାର ଭୂମିକା ଉପରେ ଏକ ଉଚ୍ଚ-ପ୍ରଭାବ ପୂର୍ଣ୍ଣ ଅଧିବେଶନ ଏବଂ ଉନ୍ନତ ଝସଞ୍ଚଗବଭଣୀଏ+ ସିମୁଲେସନ୍ ପ୍ରଯୁକ୍ତିବିଦ୍ୟା ବ୍ୟବହାର କରି ଜରୁରୀକାଳୀନ ଏବଂ ପୁନରୁତ୍ଥାନ କର୍ମଶାଳା ଆୟୋଜିତ ହେବ।

ଶିକ୍ଷା ଭିତ୍ତିକ ଆଲୋଚନା ବ୍ୟତୀତ ଏହି ସମ୍ମିଳନୀ ସାମୁଦାୟିକ ସ୍ୱାସ୍ଥ୍ୟ ପଦକ୍ଷେପ ଉପରେ ଦୃଢ଼ ଗୁରୁତ୍ୱ ଦେବ। ଏଥିରେ ପ୍ରାୟ ୧୫ଶହରୁ ଉର୍ଦ୍ଧ୍ୱ ଅଂଶଗ୍ରହଣକାରୀଙ୍କୁ ତାଲିମ ଦେବା ପାଇଁ ଲକ୍ଷ୍ୟ ରଖାଯାଇଛି। ଏଥିରେ ସିପିଆର କାର୍ଯ୍ୟକ୍ରମ, ଏଚପିଭି ସଚେତନତା, ଟୀକାକରଣ ଅଭିଯାନ ଓ ଏଏପିଆଇ ଷ୍ଟେମ୍ ସେଲ୍ ରେଜିଷ୍ଟ୍ରି ଡ୍ରାଇଭ୍ ଆଦି ଅନ୍ତର୍ଭୁକ୍ତ। ଏହି ସମ୍ମିଳନୀରେ 'ସ୍ୱାସ୍ଥ୍ୟସେବାରେ ମହିଳା: ଚ୍ୟାଲେଞ୍ଜ 'ଉପରେ ଏକ ସ୍ୱତନ୍ତ୍ର ସିଏମଇ ମଧ ଆୟୋଜିତ ହେବ।

ସମ୍ମିଳନୀର ମୁଖ୍ୟ ବିଷୟବସ୍ତୁଗୁଡ଼ିକ ମଧ୍ୟରେ ସ୍ୱାସ୍ଥ୍ୟସେବାରେ କୃତ୍ରିମ ବୁଦ୍ଧିମତ୍ତା; ରୋବୋଟିକ୍ ଏବଂ ସର୍ବନିମ୍ନ ଇନଭେସିଭ୍ ଶଲ୍ୟଚିକିତ୍ସା ଉଦ୍ଭାବନ; ଜରୁରୀକାଳୀନ ଏବଂ ଗୁରୁତର ଯତ୍ନ ଉନ୍ନତି; ଜୀବନଶୈଳୀ ଏବଂ ସମନ୍ୱିତ ଔଷଧ; ଦୀର୍ଘକାଳୀନ ରୋଗ ନିବାରଣ ଏବଂ ପରିଚାଳନା; ସାର୍ବଜନୀନ ସ୍ୱାସ୍ଥ୍ୟ ପଦକ୍ଷେପ; ଡାକ୍ତରୀ ଛାତ୍ରଛାତ୍ରୀଙ୍କ କ୍ଷମତା ନିର୍ମାଣ ଏବଂ ସ୍ୱାସ୍ଥ୍ୟସେବା ନେତୃତ୍ୱର ମହିଳା ଆଦି ଅନ୍ତର୍ଭୁକ୍ତ ରହିବ।

ଆମେରିକୀୟ ଭାରତୀୟ ବଂଶୋଦ୍ଭବ ଚିକିତ୍ସକ ସଂଘ ହେଉଛି ଆମେରିକାର ସବୁଠାରୁ ବଡ଼ ଚିକିତ୍ସକ ସଂଗଠନ ମଧ୍ୟରୁ ଅନ୍ୟତମ। ଏହା ଭାରତୀୟ ଐତିହ୍ୟରୁ ଚିକିତ୍ସକଙ୍କ ସ୍ୱାର୍ଥକୁ ପ୍ରତିନିଧିତ୍ୱ କରି ଚିକିତ୍ସା ଶିକ୍ଷା, ଗବେଷଣା, ସ୍ୱାସ୍ଥ୍ୟସେବା ନୀତି ଏବଂ ବିଶ୍ୱ ସ୍ୱାସ୍ଥ୍ୟ ପଦକ୍ଷେପକୁ ଆଗକୁ ବଢ଼ାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଆସୁଛି।

## ପାଲା ସଂସ୍କୃତିରେ ଲୋକଶିକ୍ଷା




**ଖୋର୍ଦ୍ଧା:ଏକ୍ସପ୍ରେସ୍ ନ୍ୟୁଜ୍**

ରବିବାର ଦିନ ପଣ୍ଡିତ ରମାକାନ୍ତ ମିଶ୍ରଙ୍କ ଆବାହକତ୍ୱ ଓ ଡ: ପ୍ରସନ୍ନ କୁମାର ଜେନାଙ୍କ ସଭାପତିତ୍ୱରେ ଆମରି ସତ୍ୟ ବିକାଶ ପରିଷଦର ଏକ ଆଲୋଚନା ଚକ୍ର 'ପାଲା ସଂସ୍କୃତିରେ ଲୋକଶିକ୍ଷା' ଉପରେ ରାମଚନ୍ଦ୍ରପୁର ବଜାରଠାରେ ଅନୁଷ୍ଠିତ ହୋଇଯାଇଛି। ଅତିଥି ପରିଚୟ ପଣ୍ଡିତ ରମାକାନ୍ତ ମିଶ୍ର, ସ୍ୱାଗତ ଭାଷଣ ଆଦି ନାରାୟଣ ଖଣ୍ଡୁଆଳ ଆମରି ସତ୍ୟ ବିକାଶ ପରିଷଦର ସମ୍ପାଦକ ଦେଇଥିଲେ। ଆମରି ସତ୍ୟ ପ୍ରତିଷ୍ଠାତା ଡ.ପ୍ରମୋଦ ଚନ୍ଦ୍ର ଦାଶ ପାଲା ମାଧ୍ୟମରେ ଲୋକ ଗୀତ, ଛାନ୍ଦ ଚଉପଦୀ ଦ୍ୱାରା ଲୋକ କଳାର ପ୍ରଚାର ଓ ତଦ୍ୱାରା ନୈତିକ ବୌଦ୍ଧିକ ଶିକ୍ଷା ହୋଇପାରିବ ବୋଲି ବର୍ଣ୍ଣନା କରିଥିଲେ। ମୁଖ୍ୟବକ୍ତା ଭାବେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକା ଡ: ଆରତି କର ଓଡ଼ିଆ ସାହିତ୍ୟ, ଓଡ଼ିଆ ଭାଷା ପାଲା ମାଧ୍ୟମରେ କିପରି ଲୋକାଭିମୁଖୀ ହୋଇପାରୁଛି ସେ ବିଷୟରେ କହିବା ସହିତ ବ୍ୟସ୍ତ ବହୁଳ ଜୀବନରେ ଜୀବନ ଧାରଣ କରିବାର ସୂତ୍ର ପାଲାରୁ ହିଁ ଶିକ୍ଷା କରାଯାଏ ବୋଲି ଆଲୋଚନା କରିଥିଲେ। ମୁଖ୍ୟଅତିଥି ଡ: ଶଶାଙ୍କ ଶେଖର ରଥ ସତ୍ୟପୀର ପୂଜା ବା ସତ୍ୟ ନାରାୟଣ ପୂଜାରୁ ପାଲାର ଆରମ୍ଭ। ପାଲା ଏକ ସାଂସ୍କୃତିକ ଅନୁଷ୍ଠାନ ଓ ସୁଫି ଧର୍ମ ସହିତ ଭକ୍ତି ଧର୍ମର ତୁଳନାତ୍ମକ ଚିତ୍ର ପ୍ରଦାନ କରିଥିଲେ। ସମ୍ମାନୀତ ଅତିଥି ଐତିହାସିକ ସତ୍ୟବାଦୀ ବଳୀୟାରସିଂହ ଓଡ଼ିଶାର ପ୍ରାକ୍ତନ ପାଲା ଗାୟକମାନଙ୍କର ଗୁଣ ଗାନ କରିବା ସହ ରୀତି ଯୁଗୀୟ ଓ ମଧ ଯୁଗୀୟ କାବ୍ୟ କବିତା ପାଲାକାରମାନଙ୍କ ଦ୍ୱାରା କିପରି ଲୋକଲୋଚନକୁ ଆସିପାରୁଛି ବର୍ଣ୍ଣନା କରିଥିଲେ। ସମ୍ମାନୀତ ଅତିଥି ପଣ୍ଡିତ କାଶୀନାଥ ଦାସ ପାଲା ମାଧ୍ୟମରେ ପୁରାଣ, ଭାଗବତ, ରାମାୟଣ, ମହାଭାରତ ଆଦି ବିଭିନ୍ନ ଶାସ୍ତ୍ର ଗୁଡ଼ିକର ଆଲୋଚନା ହୋଇପାରୁଛି, ତଦ୍ୱାରା ଲୋକ ଶିକ୍ଷା ହୋଇପାରୁଛି ବୋଲି କହିଥିଲେ। ସୁରେଶ ଚନ୍ଦ୍ର ମିଶ୍ର ଏପରି ଆଲୋଚନ ଚକ୍ର ଜନସାଧାରଙ୍କ ଉପରେ ଅନେକ ପ୍ରଭାବ ପକାଇ ପାରିବ ବୋଲି ମତ ବ୍ୟକ୍ତ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ କିଛି ପାଲା ଗାୟକଗାୟିକାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ବୋହୂର ପ୍ରଥମ ରୋଷେଇ

**ହେଲ୍‌ଥ ଟନିକ୍**



**ବା**ହା ପରେ ବୋହୂ ପ୍ରଥମଥର ପାଇଁ ରୋଷେଇଘରକୁ ଗଲା । ତାକୁ ଜମା ରୋଷେଇ ଜଣା ନାହିଁ । ତେଣୁ 'ସହଜ ରନ୍ଧନ ଶିକ୍ଷା' ବହି ପଢ଼ି ସେଇ ଅନୁଯାୟୀ ସେ କିଛି ଆଇଟମ୍ ପ୍ରସ୍ତୁତ କରୁଥିବା ବେଳେ ବଜାରକୁ ଯାଇଥିବା ଶାଶୂ ଘରକୁ ଫେରିଲେ । ଫ୍ରିଜ୍ ଖୋଲି ପାଣି ପିଇବାକୁ ଯାଉଛନ୍ତି ଦେଖିଲେ ତା' ଭିତରେ ଠାକୁରଘର ଛୋଟ ଘଣ୍ଟାଟି ଥୁଆହୋଇଛି । ସେ ବିରକ୍ତିର ସହିତ ରୋଷେଇଘରକୁ ଯାଇ ବୋହୂକୁ ପଚାରିଲେ- ବୋହୂ, ଫ୍ରିଜ୍‌ରେ ଘଣ୍ଟା ଥୁଆହୋଇଛି କାହିଁକି ?

ବୋହୂ କହିଲା- ରନ୍ଧନ ଶିକ୍ଷା ବହିରେ ଯାହା ଲେଖାହୋଇଛି ମୁଁ ସେଇ ଅନୁଯାୟୀ ସବୁ କରୁଛି । ସେଥିରେ ଲେଖାହୋଇଛି, ସବୁ ଜିନିଷ ମିଶେଇ ଭଲକି ଗୋଳେଇବ । ତା' ପରେ ଗୋଟିଏ ଘଣ୍ଟା ଫ୍ରିଜ୍‌ରେ ରଖିବ ।

# ଗାନ୍ଧୀଜୀଙ୍କ କାର୍ଯ୍ୟଧାରାର କେନ୍ଦ୍ରବିନ୍ଦୁ ଥିଲା ପ୍ରାଣୀକଲ୍ୟାଣ

**ଭୁବନେଶ୍ୱର,୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ପ୍ରାଣୀ କଲ୍ୟାଣ ଗାନ୍ଧୀଜୀଙ୍କ କାର୍ଯ୍ୟଧାରାର କେନ୍ଦ୍ରବିନ୍ଦୁ ଥିଲା। ସେ ଏକଥା କେବଳ କହୁନଥିଲେ, ନିଜ କାର୍ଯ୍ୟରେ କରି ଦେଖାଉଥିଲେ। ତେଣୁ ଜୀବଜଗତ ପ୍ରତି ସକରାତ୍ମକ ମନୋଭାବ ପୋଷଣ କରିଲେ ଆମେ ଗାନ୍ଧୀଜୀଙ୍କୁ ପ୍ରକୃତ ଶ୍ରଦ୍ଧାଞ୍ଜଳି ଦେଇ ପାରିବା ବୋଲି ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ବିଶିଷ୍ଟ ପରିବେଶବିତ୍ ମାନେକା ସଞ୍ଜୟ ଗାନ୍ଧୀ କହିଛନ୍ତି।

ରବିବାର ସ୍ଥାନୀୟ ଜୟଦେବ ଭବନରେ ପୂର୍ବତନ ବିଧାୟକ ତଥା ପାଟକୁରା ଗାନ୍ଧୀ ରାଜକିଶୋର ନାୟକଙ୍କ ଶ୍ରାଦ୍ଧ ଦିବସ ଅବସରରେ ରାଜକିଶୋର ନାୟକ ନ୍ୟାସନାଲ ଫାଉଣ୍ଡେସନ ପକ୍ଷରୁ ଆୟୋଜିତ 'ଷୋଡ଼ଶ ରାଜକିଶୋର ନାୟକ ସ୍ମାରକୀ ବକ୍ତୃତା ସମାରୋହ'କୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦଘାଟନ କରିବା ସହିତ 'ଗାନ୍ଧୀଜୀ ଓ ପ୍ରାଣୀ କଲ୍ୟାଣ' ଶୀର୍ଷକ ସ୍ମାରକୀ ବକ୍ତୃତା ପ୍ରଦାନ କରି ଶ୍ରୀମତୀ ଗାନ୍ଧୀ ଏକଥା କହିଛନ୍ତି। ସେ ତାଙ୍କ ବକ୍ତବ୍ୟରେ କହିଥିଲେ ଯେ, ଗାନ୍ଧୀ ଶବ୍ଦ ସୁଗନ୍ଧରୁ ଆସିଛି।

ଗାନ୍ଧୀ ନିଜେ ତ ସୁଗନ୍ଧିତ ଥିଲେ, ସେ ଯୁଆଡ଼େ ଯାଉଥିଲେ, ସୁଗନ୍ଧ ପ୍ରବାହିତ କରୁଥିଲେ। ପ୍ରାଣୀ କଲ୍ୟାଣ ତାଙ୍କ କାର୍ଯ୍ୟଧାରାର କେନ୍ଦ୍ରବିନ୍ଦୁ ଥିଲା। ସେ ଏକଥା କେବଳ କହୁନଥିଲେ, ନିଜ କାର୍ଯ୍ୟରେ କରି ଦେଖାଉଥିଲେ। ମହାତ୍ମା ଗାନ୍ଧୀଙ୍କ ପ୍ରସିଦ୍ଧ ଉକ୍ତି – 'ଗୋଟିଏ ଦେଶ ନିଜ ଜୀବଜନ୍ତୁଙ୍କ ପ୍ରତି କିଭଳି ଆଚରଣ ପ୍ରଦର୍ଶନ କରେ, ତାହାରି ଉପରେ ହିଁ ସେ ଦେଶର ମହାନତା ଓ ନୈତିକ ପ୍ରଗତିକୁ ଅନୁଶୀଳନ କରାଯାଇପାରେ'କୁ ଉଦ୍ଧାର କରି ଶ୍ରୀମତୀ ଗାନ୍ଧୀ କହିଥିଲେ ଯେ, ଜୀବ ସୁରକ୍ଷା ଆମର ନୈତିକ କର୍ତ୍ତବ୍ୟ ବୋଲି ଗାନ୍ଧୀଜୀ କହୁଥିଲେ।




ଶ୍ରୀମତୀ ଗାନ୍ଧୀ ପୁଣି କହିଥିଲେ ଯେ, ଗାନ୍ଧୀଙ୍କ ବକ୍ତବ୍ୟ ଏତେ ପ୍ରଭାବଶାଳୀ ଯେ, ଆଜି ବି ଲୋକେ ତାଙ୍କଦ୍ୱାରା ପ୍ରଭାବିତ ହେଉଛନ୍ତି। ଧର୍ମ, ସବୁ ଜୀବନ୍ତ ପ୍ରାଣୀକୁ ସମ୍ମାନ ଦେବା ଶିଖାଏ। ଆମେ ଦିନସାରା ନୃଶଂସ ଆଚରଣ ପ୍ରଦର୍ଶନ କରି ରାତିରେ ଈଶ୍ୱରଙ୍କୁ ପ୍ରାର୍ଥନା କରିବା, ଭଗବାନ ମତେ କ୍ଷମା କରିଦିଅ। ଇଏ କି ପ୍ରକାର ଆଚରଣ ଗାନ୍ଧୀଜୀ କହୁଥିଲେ, ମଣିଷ ମାଂସ ଖାଇବାକୁ ଜନ୍ମ ହେଇନି, ସେ ଜନ୍ମତଃ ଶାକାହାରୀ। ପ୍ରାଣୀ ଜଗତ ଉପରେ ମଣିଷର ଅତ୍ୟାଚାର ସବୁଠାରୁ ବଡ଼ ହିଂସା। କୌଣସି ଜୀବ ପ୍ରତି ଅତ୍ୟାଚାର, ହିନ୍ଦୁତ୍ୱର ଅବମାନନା।

ନିଜ ସମ୍ପର୍କରେ ଶ୍ରୀମତୀ ଗାନ୍ଧୀ କହିଥିଲେ, ମୁଁ କମ୍ ବୟସରେ ବାହା ହୋଇଥିଲି। ମାଂସ ଖାଉଥିଲି। କିନ୍ତୁ ଜୀବଜନ୍ତୁ ଦେଖିଲେ ତାକୁ ସୁରକ୍ଷା ଦେବାକୁ କହୁଥିଲି। ମୋ ସ୍ୱାମୀ ଥରେ କହିଲେ- ତୁମେ ସାରାଦିନ ଜୀବ ସୁରକ୍ଷା କଥା କହି ମୋତେ ଅସ୍ତବ୍ୟସ୍ତ କରିଦେଉଛ, କିନ୍ତୁ ରାତିରେ ମାଂସ ଖାଉଛ। ତମେ ମାଂସ ଖାଇବା ଛାଡ଼, ନହେଲେ ଜୀବ ସୁରକ୍ଷା କଥା କହିବା ଛାଡ଼। ସେଦିନ ମୁଁ ବହୁତ କାନ୍ଦିଲି। ସେଇ ରାତିରୁ ଆମିଷ ଖାଦ୍ୟ ବର୍ଜନ କଲି।

ନିଜ ବକ୍ତବ୍ୟରେ ରାଜକିଶୋର ନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ସେ କହିଥିଲେ, ସ୍ୱର୍ଗତ ନାୟକଙ୍କ ଜୀବ ସୁରକ୍ଷା ପ୍ରତି ଅବଦାନ ପାଇଁ ଆମ ଅନୁଷ୍ଠାନ ପିପୁଲ୍ସ ଫର୍ ଆନିମଲ ତାଙ୍କୁ ଅନେକ ବର୍ଷ ତଳେ ସମ୍ମାନିତ କରିଥିଲା। 'ମହାତ୍ମା ଗାନ୍ଧୀ ଓ ପ୍ରାଣୀ କଲ୍ୟାଣ' ଶୀର୍ଷକ ଏ ଆଲୋଚନା ସମଗ୍ର ଭାରତବର୍ଷରେ ପ୍ରଥମ ଆଲୋଚନା ବୋଲି ଦର୍ଶାଇ ସେ ଫାଉଣ୍ଡେସନକୁ ସାଧୁବାଦ ଜଣାଇଥିଲେ।

ସମାରୋହରେ ଭିତ୍ତି ଭାଷଣ ପ୍ରଦାନ କରି ପ୍ରଫେସର ନିବେଦିତା ମହାନ୍ତି ରାଜକିଶୋର ନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କହିଥିଲେ ଯେ, ପ୍ରକୃତି, ଜୀବଜନ୍ତୁ ଏବଂ ପରିବେଶକୁ ସେ ଖୁବ ଭଲ ପାଉଥିଲେ। ଏକ ଉନ୍ନତ ସମାଜ ଗଠନ କରିବା ଥିଲା ତାଙ୍କର ସ୍ୱପ୍ନ। ଆମେ ଏହି ସ୍ୱପ୍ନ ସାକାର କରି ପାରିଲେ ତାହାହିଁ ହେବ ମାଟିର ଗାନ୍ଧୀ ରାଜକିଶୋର ନାୟକଙ୍କ ପ୍ରତି ଉଚିତ ଶ୍ରଦ୍ଧାଞ୍ଜଳି।

ପ୍ରାରମ୍ଭରେ ଫାଉଣ୍ଡେସନର କର୍ମକର୍ତ୍ତା ତଥା ରାଜକିଶୋର ନାୟକଙ୍କ ପୁଅ ପୂର୍ବତନ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ କାର୍ଯ୍ୟକ୍ରମ ସମ୍ପର୍କରେ ସଂକ୍ଷିପ୍ତ ସୂଚନା ପ୍ରଦାନ କରିବା ସହିତ କହିଥିଲେ ଯେ, ଯେପର୍ଯ୍ୟନ୍ତ ଗାନ୍ଧୀ ବିଚାରଧାରା ଲୋକଙ୍କୁ ପ୍ରଭାବିତ କରୁଥିବ , ସେ ପର୍ଯ୍ୟନ୍ତ ଜନମାନସରେ ଗାନ୍ଧୀ ବଞ୍ଚିଥିବେ।

ସମାରୋହରେ ସଭାପତିତ୍ୱ କରି ରାଜକିଶୋର ନାୟକ ନ୍ୟାସନାଲ ଫାଉଣ୍ଡେସନର ସଭାପତି ପ୍ରହଲାଦ କୁମାର ସିଂହ ଗାନ୍ଧୀଜୀଙ୍କ ତିନି ମାଙ୍କଡ଼ ପ୍ରସଙ୍ଗ ଉପସ୍ଥାପନ କରିବା ସହିତ ରାଜକିଶୋର ନାୟକଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଫାଉଣ୍ଡେସନର ସମ୍ପାଦକ ପର୍ଶୁରାମ ଦ୍ୱିବେଦୀ ମଞ୍ଚାସୀନ ଥିଲେ। ଡକ୍ଟର ମୃତ୍ୟୁଞ୍ଜୟ ରଥ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଫାଉଣ୍ଡେସନର ସଦସ୍ୟ ନୀଳୟକାନ୍ତ ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଜନପଥରେ ପଥ ଉତ୍ସବ



**ଭୁବନେଶ୍ୱର,୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜଧାନୀକୁ ଫେରିଲା ପଥୋତ୍ସବ। ବର୍ଷର ପ୍ରଥମ ରବିବାରରେ ଜମିଲା ମାହୋଲ। ଶୀତୁଆ ସକାଳରେ ପଥୋତ୍ସବର ମଜା ନେଲେ ରାଜଧାନୀ ବାସିନ୍ଦା। ଚଳିତ ବର୍ଷ ପଥ ଉତ୍ସବକୁ ଟିକିଏ ନିଆରାଢଙ୍ଗରେ ପାଳନ କରାଯାଉଛି। ଜନପଥରେ ଯୋଗ, ଜୁମ୍ବା, ରଙ୍ଗୋଲି, କିଡ୍ସ କିଙ୍ଗଡମ୍, ସ୍କେଟିଂ, ଚିତ୍ରାଙ୍କନ, ପାରମ୍ପାରିକ ନୃତ୍ୟ ଗୀତରେ ଝୁମିଛନ୍ତି ଦର୍ଶକ। ଖାଲି ସେତିକି ନୁହେଁ ଦର୍ଶକଙ୍କ ମଧ୍ୟରେ ଥିବା ଲକ୍କାୟିତ ପ୍ରତିଭାର ଭୁବନେଶ୍ୱର ଗଡ ଟ୍ୟାଲେଣ୍ଟ ମଞ୍ଚ ପ୍ରଦର୍ଶନ କରିଛନ୍ତି। ଏଥିରେ ନୃତ୍ୟ, ଗୀତ, ଏକକ ଅଭିନୟ, ମିମିକ୍ରି ଆଦି ପ୍ରତିଭା ଦେଖାଉଛନ୍ତି ଦର୍ଶକ।

ପଥୋତ୍ସବରେ ମୁଖ୍ୟଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଦ୍‌ଘାଟନ କରିଥିଲେ। ଏହି ଉତ୍ସବରେ ଭୁବନେଶ୍ୱର ମଧ୍ୟ ବିଧାୟକ ଅନନ୍ତ ନାରାୟଣ ଜେନା, ଏକାମ୍ର ବିଧାୟକ ବାବୁ ସିଂହ, ମେୟର ଭୁବନେଶ୍ୱର ମେୟର ସୁଲୋଚନା ଦାସ, କମିଶନର ଚଞ୍ଚଳ ରାଣା, ସାଂସ୍କୃତିକ ଷ୍ଟାଣ୍ଡିଂ କମିଟିର ଅଧ୍ୟକ୍ଷ ରାମଚନ୍ଦ୍ର ରଣସିଂହ ଉପସ୍ଥିତ ଥିଲେ। ଶୀତରେ ଉଷ୍ମତା ଭରିଲେ କଣ୍ଠଶିଳ୍ପୀ ଅନ୍ତରା ଚକ୍ରବର୍ତ୍ତୀ, କମେଡିରେ ହସି ହସି ବେଦମ କଲେ ପପୁ ପମପମ୍।

ଏତିକିରେ ଉତ୍ସବ ସୀମିତ ନାହିଁ। ଶୀତୁଆ ସକାଳରେ ଖାଦ୍ୟ ବଜା ମଜା ନେଲେ ରାଜଧାନୀବାସୀ। ସେହିପରି ମହିଳା ଓ ବାଳିକାମାନଙ୍କ ପାଇଁ ରଙ୍ଗୋଲି, ପୁଚି, ଚିତ୍ରାଙ୍କନ ରହିଥିବା ବେଳେ ଫେସ୍ ପେଣ୍ଟିଂ କରି ଶିଶୁମାନେ କିଡ୍ସ କିଙ୍ଗଡମରେ ବିଭୋର ହୋଇଛନ୍ତି।

ଉଲ୍ଲେଖ ଯୋଗ୍ୟ ଯେ, ଜାନୁଆରୀ ୧୮ ତାରିଖରେ ନୂଆ ଜାଗମରା ବରମୁଣ୍ଡା ରାସ୍ତା ଏବଂ ଫେବୃଆରୀ ୧ ତାରିଖରେ ଇନ୍ଫୋସିଟିଠାରେ ପଥ ଉତ୍ସବ ଚାଲିବ।

# ତାଳଦଣ୍ଡା ସିନ୍ଥେଟିକ କାନ୍ଥ କାମ କେବେ ସରିବ ?

**କଟକ,୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

କଟକ ଚିନ୍ତା ବାଇମୁଣ୍ଡିକୁ। କିନ୍ତୁ ଆଧୁନିକ କଟକର ବାଇମୁଣ୍ଡିଙ୍କର ଅଭାବ ଦେଖିବାକୁ ମିଳିଛି। କୋଟି କୋଟି ଟଙ୍କା ଖର୍ଚ୍ଚ କରି ଶ୍ରୀରାମ ଚନ୍ଦ୍ର ଭଞ୍ଜ ମେଡିକାଲକୁ ବିଶ୍ୱସ୍ତରୀୟ କରିବା ଲାଗି ବିଜେଡି ସରକାର ଉଦ୍ୟମ କରିଥିଲେ। ଏହାଛଡା ଆମ୍ବୁଲାନ୍ସ ଯିବା ଆସିବା ତଥା ସ୍ଥାନୀୟ ଲୋକଙ୍କ ଯିବା ଆସିବା ସୁଗମ ହେବା ଲାଗି ଏସସିବି-ତାଳଦଣ୍ଡା ରାସ୍ତା ବି ଚଉଡା ହେଲା। ସବୁଠାରୁ ବଡ କଥା ହେଲା ଦୋକାନ, ବସ୍ତି ଉଚ୍ଛେଦ ହେବା ସହ କଟକର ଲାଇଫ ଲାଇନ କୁହାଯାଉଥିବା ତାଳଦଣ୍ଡାର ଦୁଇ ପାର୍ଶ୍ୱକୁ ସିନ୍ଥେଟିକ କାନ୍ଥରେ ସୁଦୃଢ କରାଗଲା। ହେଲେ ଏହା ବିରିବାଟୀ ଯାଏ ହେବାକୁଥିବା ବେଳେ ମାତୃଭବନ ପାଖରୁ ନୂଆବଜାର ଯାଏ କାମ ଅଟକି ରହିଛି। ତାଳଦଣ୍ଡାର ସିନ୍ଥେଟିକ କାନ୍ଥ ଏବେ ପ୍ରାୟ ଜାଗାରେ ଅପରିଷ୍କାର ଓ ଅପରିଚ୍ଛନ୍ନ ଅବସ୍ଥାରେ ପଡିରହିଛି। କିଛି ଜାଗାରେ ବି ଏହା ଭାଙ୍ଗିରୁଜି ଗଲାଣି। ତେବେ ତାଳଦଣ୍ଡାକୁ ସୁରକ୍ଷା ଓ କେନାଲର ସୌନ୍ଦର୍ଯ୍ୟକରଣ ଲାଗି ଆରମ୍ଭ କରାଯାଇଥିବା ଏହି କାମ ଏବେ ବାଟରେ ଅଟକି ରହିଛି। ପୂର୍ବରୁ ଏହି କାମ ଦଡାରଖି ବିଜେଡି ହାଇ କମାଣ୍ଡ ନିଜ ପ୍ରତିନିଧିଙ୍କ ମାଧ୍ୟମରେ କରାଉଥିଲେ। ହେଲେ ଏହି କାମ ବହୁ ଦିନ ହେଲା ଅଟକି ରହିଥିବାରୁ ଏବେ ବାଇମୁଣ୍ଡି କେହି ନଥିବା ଅଭିଯୋଗ କରାଯାଇଛି । ଗୋଟିଏ ପଟେ ନିର୍ମାଣାଧୀନ ବିଶ୍ୱସ୍ତରୀୟ ଏସସିବି କାମ ସରିବାକୁ ଆହୁରି ଦୁଇ/ତିନି ବର୍ଷ ଲାଗିବ ବୋଲି ଚର୍ଚ୍ଚା ଚାଲିଥିବା ବେଳେ ଅବହେଳିତ ଅବସ୍ଥାରେ ଅଧାରେ ଅଟକି ରହିଥିବା ସିନ୍ଥେଟିକ କାନ୍ଥ କାମ କେବେ ସରିବ ସେନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। କଟକରୁ ବିରିବାଟୀ ଭାୟା ନୂଆବଜାର ଦେଇ ଏସସିବିକୁ ଯିବା ଆସିବା ସୁଗମ କରିବାକୁ ରାସ୍ତା ପ୍ରଶସ୍ତ କରାଗଲା। ହେଲେ ଏହା ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇନଥିବାରୁ ଏବେ ବୁଦ୍ଧିଜୀବୀଙ୍କ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଆମେ ବହୁ ଦିନ ହେଲା ତାଳଦଣ୍ଡା କାମ ସରିବ ସରିବ ବୋଲି ଶୁଣି ଆସୁଛୁ। ହେଲେ ଏହା ପୂର୍ଣ୍ଣମାତ୍ରାରେ କାର୍ଯ୍ୟକାରୀ ହୋଇନି। ରାସ୍ତାର କେତକ ଜାଗାରେ ବିଜୁଳି ଖୁଣ୍ଟ ନଥିବା ବେଳେ କିଛି ଜାଗା ଏବେ ବି ଅବ୍ୟବହୃତ ଅବସ୍ଥାରେ ପଡିରହିଛି। ତା ଛଡା ସିନ୍ଥେଟିକ କାନ୍ଥ କାମ ବି ଅଧାରେ ଅଟକି ରହିଛି।

# ମିନିବସ୍-ପିକଅପ୍ ମୁହାମୁହିଁ ଧକ୍କା







**ଦିଗପହଣ୍ଡି: ଏକ୍ସପ୍ରେସ ନ୍ୟୁଜ୍**

ଗଞ୍ଜାମ ଜିଲା ଦିଗପହଣ୍ଡି–ଚିକିଟି ମୁଖ୍ୟରାସ୍ତାର ଝାଟିପିଟିଆ ଗ୍ରାମ ନିକଟରେ ରବିବାର ସକାଳ ପ୍ରାୟ ୯ଟାରେ ଯାତ୍ରୀବାହୀ ମିନିବସ ନଂ(ଓଆର ୦୭ ଜେ – ୩୩୩୮) ସହ ଶୁଖୁଆ ବୋଝେଇ ପିକ୍ ଅପ୍ ଭ୍ୟାନ ନଂ. ଓଡ଼ି୧୭ ଏଏଫ୍ -୮୨୦୭) ମୁହାଁ ମୁହିଁ ଧକ୍କା ହେବାରୁ ୩୧ ଜଣ ଆହତ ହୋଇଥିଲେ। ଆହତମାନଙ୍କୁ ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୮ ଡାକ୍ତର ନିଯୁକ୍ତ ଥିବା ସତ୍ତ୍ୱେ କେବଳ ଦନ୍ତ ଚିକିତ୍ସକ ଡ଼ା.ଅଜିତ କୁମାର ରଥ ଉପସ୍ଥିତ ଥିବାରୁ ଦିଗପହଣ୍ଡି ଏନଏସି ଉପାଧ୍ୟକ୍ଷା ପ୍ରତିନିଧି କେ. କୁନା ପ୍ରମୁଖ ବହୁ ସଂଖ୍ୟକ ସାମାଜିକ କର୍ମୀ ସ୍ୱାସ୍ଥ୍ୟକେନ୍ଦ୍ରରେ ହୋ ହଲ୍ଲା କରିଥିଲେ।

ଆହତମାନଙ୍କୁ ପ୍ରାଥମିକ ଚିକିତ୍ସା ପରେ ୭ ଜଣଙ୍କ ଅବସ୍ଥା ଗୁରୁତର ଥିବାରୁ ସେମାନଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନା କୁ ସ୍ଥାନାନ୍ତର କରାଯାଇଥିଲା। ଖବରପାଇ ଖଣି, ଇସ୍ପାତ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ବିଧାୟକ ଡ଼. ସିଦ୍ଧାନ୍ତ ମହାପାତ୍ର, ଗଞ୍ଜାମ ଜିଲ୍ଲାପାଳ ଭି.କୀର୍ତ୍ତି ଭାସନ, ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ବଡ଼ ଡାକ୍ତରଖାନାରେ ପହଞ୍ଚି ଚିକିତ୍ସାଧୀନ ଆହତମାନଙ୍କୁ ଭେଟି ସେମାନଙ୍କ ଆଶୁ ଆରୋଗ୍ୟ କାମନା କରିଥିଲେ। ଜିଲ୍ଲାପାଳ ଗୁରୁତର ଆହତମାନଙ୍କୁ ୩୦ ହଜାର ଏବଂ ଅନ୍ୟ ଆହତମାନଙ୍କୁ ୨୦ ହଜାର ଟଙ୍କା ରେଡକ୍ରସ ପାଣ୍ଠିରୁ ଅନୁକମ୍ପା ମୂଳକ ଚିକିତ୍ସା ସହାୟତା ଦିଆଯିବ ବୋଲି ଘୋଷଣା କରିଥିବା ଜଣାପଡିଛି।

# ମଦ ପିଇ 'ଆମ ବସ୍' ଚଳାଇଲେ ହେବ କଡା କାର୍ଯ୍ୟାନୁଷ୍ଠାନ



**ଭୁବନେଶ୍ୱର,୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଏଣିକି ମଦପିଇ ଆମ ବସ୍ ଚଳାଇଲେ ଚାଳକମାନଙ୍କ ବିରୋଧରେ କଡା କାର୍ଯ୍ୟାନୁଷ୍ଠାନ ହେବ। ରବିବାର ବିଭିନ୍ନ ଛକ ଗୁଡ଼ିକରେ ବ୍ରେଥଲର ମେସିନ୍ ଧରି ଅଚାନକ୍ ଆମ ବସକୁ ଅଟକାଇଲା କମିଶନରେଟ୍ ପୋଲିସ। ଡ୍ରାଇଭରଙ୍କ ପାଟିରେ ବ୍ରେଥଲର ମେଡିନ୍ ଲଗାଇ ଆରମ୍ଭ କଲେ ଡ୍ରଙ୍କ ଚେକିଂ। ପୋଲିସକୁ ଦେଖୁ ଦେଖୁ ବସ୍ ଚାଳକଙ୍କ ମଧ୍ୟରେ ପଶିଗଲା ଛନକା। ଯେଉଁ ଡ୍ରାଇଭର ମଦ୍ୟପାନ କରି ଆମ ବସ୍ ଚଳାଉଥିବେ ତାଙ୍କ ବିରୁଦ୍ଧରେ ହେବ ଆକ୍ସନ। ଏହି ପ୍ରକ୍ରିୟା ଆଗକୁ ଜାରି ରହିବ ବୋଲି ଭୁବନେଶ୍ୱର ଡିସିପି ସୂଚନା ଦେଇଛନ୍ତି।

ଅନ୍ୟପଟେ ଟ୍ରାନ୍ସପୋର୍ଟ କମିଶନର ଭୁବନେଶ୍ୱର ମଧ୍ୟରେ ଚାଲୁଥିବା ସମସ୍ତ ଆମ ବସ୍ ଗୁଡିକର ଫିଟନେସ୍ ଚେକିଂ ଆରମ୍ଭ କରିଛନ୍ତି। ପ୍ରଥମେ ମାଷ୍ଟରକ୍ୟାଣ୍ଟିନ ଠାରୁ ରାମ ମନ୍ଦିର ରାସ୍ତାରେ ଯାଉଥିବା ଆମ ବସ୍ ଚେକିଂ କରାଯାଇଛି। କୌଣସି ଭୁଲ୍ ପରିଲକ୍ଷିତ ହେଲେ ସେହି ଗାଡି ସହ ଡ୍ରାଇଭରଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏ ନେଇ ଟ୍ରାନ୍ସପୋର୍ଟ କମିଶନ ଅମିତାଭ ଠାକେର ସୂଚନା ଦେଇଛନ୍ତି।

ଶନିବାର ସହିଦ ନଗର ଥାନା ଅନ୍ତର୍ଗତ ରୁପାଲି ଛକରେ 'ଆମ ବସ୍' ଯମ ଭଳି ମାଡିଆସି ଅଟୋକୁ ଠେଲି ନେଇ ସରକାରୀ ବସ୍‌ରେ ଚାପି ଦେଇଥିଲା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ସେଠାରେ ଅଟୋ ଚାଳକ ପ୍ରାଣ ହରାଇଥିଲେ। ସେ ହେଲେ ଯାଜପୁରର ବିଷ୍ଣୁଚରଣ ପାତ୍ର (୬୨)। ଦୁର୍ଘଟଣାରେ ୨ ଜଣ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଏହାକୁ ନେଇ ଦୁର୍ଘଟଣାସ୍ଥଳରେ ଉତ୍ତେଜନା ଦେଖା ଦେଇଥିଲା। ପୋଲିସ୍ ବସ୍ ଚାଳକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

'ଆମ ବସ୍' କର୍ତ୍ତୃପକ୍ଷ ଆହତଙ୍କୁ ୫୦ ହଜାର ଓ ମୃତ ବ୍ୟକ୍ତିଙ୍କ ପରିବାର ଲୋକଙ୍କୁ ୨ ଲକ୍ଷ ଟଙ୍କା କ୍ଷତିପୂରଣ ଘୋଷଣା କରିଥିଲେ। ମୃତକ ବିଷ୍ଣୁଙ୍କ ଭାଇ ମନୋଜ କୁମାର ପାତ୍ରଙ୍କ ଏତଲା କ୍ରମେ ସହିଦନଗର ଥାନା ପୋଲିସ୍ ବସ୍ ଚାଳକ ସଚ୍ଚିତ୍ର ସାହୁଙ୍କୁ ଗିରଫ କରିବା ସହ ବସକୁ ଜବତ କରିଥିଲା। ପୋଲିସ୍ ଶବ ବ୍ୟବଚ୍ଛେଦ କରାଇବା ପରେ ମୃତଦେହକୁ ପରିବାରକୁ ହସ୍ତାନ୍ତର କରିଥିଲା। ପୁଣି ଅପରାହ୍ଣ ସାଢେ ୪ଟା ବେଳେ 'ଆମ ବସ୍' ଉକ୍ତ ଛକରେ ଜଣେ ସ୍କୁଟର୍ ଚାଳକଙ୍କୁ ଧକ୍କା ଦେଇଥିଲା। ଏହାକୁ ନେଇ ମଧ୍ୟ ଉତ୍ତେଜନା ସୃଷ୍ଟି ହୋଇଥିଲା। ସ୍କୁଟର୍ ଚାଳକ ଜଣଙ୍କ ଗୁରୁତର ଆହତ ହୋଇଥିଲେ। ପୋଲିସ୍ ତାଙ୍କୁ ହସ୍ପିଟାଲ୍ ନେଇଥିଲା। ତାଙ୍କ ଅବସ୍ଥା ଠିକ୍ ଥିବା ଜଣାପଡିଛି।

ରବିବାରରେ ମଧ୍ୟ ଆମ ବସ୍ ରାଜଧାନୀ ରାଜରାସ୍ତାରେ ଆତଙ୍କ ଖେଳାଇଥିଲା। ଚନ୍ଦ୍ରଶେଖରପୁର ଓମ୍‌ଫେଡ୍ ଛକରେ ସିରିଜ ଦୁର୍ଘଟଣା ଘଟାଇଥିଲା। ଏହାପରେ ରାସ୍ତା ଜାମ୍ ଯୋଗୁ ଫସିଲା ଶହଶହ ଗାଡ଼ି ଫଶି ରହିଥିଲା। ୧୫ରୁ ଅଧିକ ଆମ ବସକୁ ଉତ୍ତ୍ୟକ୍ତ ଲୋକେ ଅଟକାଇ ରଖିଥିଲେ। ଘଟଣାସ୍ଥଳରେ ପୋଲିସ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିବା ସହ ସ୍ଥିତି ନିୟନ୍ତ୍ରଣକୁ ଆଣିଥିଲେ।

## ନିୟମିତ ତାଲିମ ନେବେ 'ଆମ ବସ୍' ଚାଳକ

**ଭୁବନେଶ୍ୱର,୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ରାଜଧାନୀରେ ଦିନକୁ ଦିନ ବଢୁଥିବା 'ଆମ ବସ୍' ଦୁର୍ଘଟଣାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଚାଳକଙ୍କୁ ନିୟମିତ ତାଲିମ ନେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି।

ଶନିବାର ରୂପାଲୀ ଛକରେ ଘଟିଥିବା ଦୁର୍ଘଟଣାରେ ଉଦବେଗ ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ। ଘଟଣାକୁ ଗୁରୁତର ଭାବେ ନେଇ 'ଆମ ବସ୍' ଚାଳକମାନଙ୍କ ଦକ୍ଷତା ବିକାଶ ଲାଗି ଚାଳକମାନଙ୍କୁ ନିୟମିତ ତାଲିମ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ତାଲିମ ପାଇଁ ବାଣିଜ୍ୟ ଓ ପରିବହନ ବିଭାଗକୁ ଏକ ସ୍ୱତନ୍ତ୍ର ସ୍କ୍ୱାର୍ଡ ଗଠନ ପାଇଁ ମଧ୍ୟ ନିର୍ଦ୍ଦେଶ ଦିଆଯାଇଛି।

ଏପରି ଘଟଣା ଯେପରି ଆଗକୁ ନଘଟେ ତାହାର ମଧ୍ୟ ସମୀକ୍ଷା କରିବାକୁ ଚୁହାଯାଇଛି।

# ମହିଳା ଆଇଏଏସଙ୍କ ଘରେ ଚାଲୁ ଥିଲା ସେକ୍ସ ରାକେଟ୍

**ପ୍ରୟାଗରାଜ: ଏକ୍ସପ୍ରେସ ନ୍ୟୁଜ୍**

ଉତ୍ତର ପ୍ରଦେଶର ପ୍ରୟାଗରାଜର ଏକ ଘରେ ଚାଲୁ ଥିବା ସେକ୍ସ ରାକେଟ୍‌ର ପର୍ଦ୍ଦାଫାସ୍ ହୋଇଛି। ଏହି କୋଠା ଜଣେ ମହିଳା ଆଇଏଏସ୍ ଅଧିକାରୀଙ୍କର ଥିବା କୁହାଯାଉଛି। କୋଠାଟି ମାସକୁ ୧୫ ହଜାର ଟଙ୍କା ଭଡ଼ାରେ ନିଆ ଯାଇଥିଲା। ଭଡ଼ାରେ ଘରକୁ ନେଇ ଥିବା ଲୋକ ପରିବାର ସହ ରହିବା କଥା କହିଥିଲା, କିନ୍ତୁ ସେ ଏହାକୁ ଦେହ ବ୍ୟବସାୟ ପାଇଁ ବ୍ୟବହାର କରିବା ଆରମ୍ଭ କରି ଦେଇ ଥିଲା। ବିଲ୍ଡିଂରେ ପୁଲିସ ପହଞ୍ଚିବା କ୍ଷଣି ଆତଙ୍କ ଖେଳି ଯାଇଥିଲା। ପୁଲିସ ସେଠାରୁ ୪ଜଣ ଯୁବତୀ ଓ ୫ଜଣ ଯୁବକଙ୍କ ଧରି ନେଇଛି। ପୁଲିସର ଏହି କାର୍ଯ୍ୟାନୁଷ୍ଠାନରେ ସଂପୃକ୍ତ ଅଞ୍ଚଳରେ ଲୋକେ ଭୟଭୀତ ହୋଇ ଯାଇଛନ୍ତି। ଘଟଣା ସ୍ଥଳରେ ଖୁବ୍ ଭିଡ଼ ଜମି ଯାଇଥିଲା।

ଉକ୍ତ ଘଟଣାଟି ପ୍ରୟାଗରାଜର କିଡଗଞ୍ଜ ଅଞ୍ଚଳରେ ଘଟିଛି। ଏହି ଘରକୁ ଦିନସାରା ଯୁବକ ଓ ଯୁବତୀଙ୍କ ବାରମ୍ବାର ଯିବା ଆସିବା ଯୋଗୁଁ ପଡ଼ୋଶୀର କିଛି ବାସିନ୍ଦା ସନ୍ଦେହ କରି ପୁଲିସରେ ଅଭିଯୋଗ କରିଥିଲେ। ଏହା ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଯାଇଥିଲା। ଘରମାଲିକ ତାଙ୍କ ପରିବାର ସହ ବାହାରେ ରୁହନ୍ତି। ଏହି ଘର ଭଡାରେ ଦେଇଥିଲେ। ରବିବାର ଦ୍ୱିପ୍ରହର ପ୍ରାୟ ସାଢେ ୨ଟା ସମୟରେ ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ପୁଲିସ ଘରର କବାଟ ବାଡ଼େଇବାରୁ ସେଠାରେ ଉତ୍ତେଜନା ସୃଷ୍ଟି ହୋଇଥିଲା। ପୁଲିସର ଚଢାଉ ଦେଖି ପଡ଼ୋଶୀର ଲୋକମାନେ ମଧ୍ୟ ଘଟଣା ସ୍ଥଳରେ ଜମା ହୋଇ ଥିଲେ।

ଏହି ସମୟରେ, ପୁଲିସ ଚାରି ଜଣ ଯୁବତୀ ଓ ପାଞ୍ଚ ଜଣ ଯୁବକଙ୍କୁ ଆପତ୍ତିଜନକ ଅବସ୍ଥାରେ ଗିରଫ କରିଥିଲା। କୋଠରୀରୁ କିଛି ଆପତ୍ତିଜନକ ଜିନିଷ ମଧ୍ୟ ମିଳିଥିଲା। ଏହା ଦେଖି ସ୍ଥାନୀୟ ଲୋକେ ଆଶ୍ଚର୍ଯ୍ୟ ହୋଇ ଯାଇଥିଲେ। ପୁଲିସ ସମସ୍ତ ଅଭିଯୁକ୍ତଙ୍କୁ ଅଟକ ରଖି ପଚରାଉଚରି କରୁଛି। ଗିରଫ ହୋଇଥିବା ଯୁବତୀଙ୍କୁ ମଧ୍ୟରୁ ଦୁଇ ଜଣ ପ୍ରୟାଗରାଜର, ଜଣେ ବାରାଣସୀର ଏବଂ ଜଣେ ପଶ୍ଚିମବଙ୍ଗର ଥିବା ଜଣାପଡ଼ିଛି।

ପୁଲିସର କହିବାନୁସାରେ, ଏହି ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଉଛି। ତଦନ୍ତରୁ ଯାହା କିଛି ତଥ୍ୟ ବାହାରିବ ତାହା ଉପରେ ଆଧାର କରି ପରବର୍ତ୍ତୀ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

# ରାଜଧାନୀରେ ମୁକୁନ୍ଦାନନ୍ଦଜୀଙ୍କ ଆଧ୍ୟାତ୍ମିକ ପ୍ରବଚନ





**ଭୁବନେଶ୍ୱର,୪।୧ ଏକ୍ସପ୍ରେସ୍ ନ୍ୟୁଜ୍**

ଟି ଟି ବି କଲ୍ୟାଣ ମଣ୍ଡପ ଠାରେ ରବିବାର ସନ୍ଧ୍ୟାରେ ସ୍ୱାମୀ ମୁକୁନ୍ଦାନନ୍ଦଜୀ ଆଧ୍ୟାତ୍ମିକ ପ୍ରବଚନ ଦେଇଥିଲେ। ସ୍ୱାମୀଜୀ ଜଗଦ୍ ଗୁରୁ କୃପାଳୁ ମହାରାଜାଙ୍କର ପ୍ରମୁଖ ପ୍ରଚାରକ ଅଟନ୍ତି। ଆଧ୍ୟାତ୍ମିକ ମାର୍ଗ ଦର୍ଶନ ସ୍ୱାମୀଜୀଙ୍କ ଜୀବନର ପ୍ରମୁଖ ଲକ୍ଷ। ସ୍ୱାମୀଜୀଙ୍କ ମାର୍ଗ ଦର୍ଶନରେ କଟକ ଜିଲ୍ଲାର ମୁଣ୍ଡୁଳି ନିକଟସ୍ଥ ବାଆଁରା ଗ୍ରାମରେ ଏକ ମହାବିଦ୍ୟାଳୟ ଆରମ୍ଭ ହେବାକୁ ଯାଉଛି। ଯେଉଁଠି ସାଂପ୍ରତିକ ଶିକ୍ଷା ସହିତ ଆଧ୍ୟାତ୍ମିକ ଶିକ୍ଷାର ବ୍ୟବସ୍ଥା ବି ରହିଛି। ସାଧାରଣ ଜନତାଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଓ ରୋଜଗାର କ୍ଷମ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସ୍କିଲ୍ ଇନ୍‌ଷ୍ଟିଚ୍ୟୁଟ୍ ଆରମ୍ଭ କରାଯାଇଛି। ଆଖ ପାଖ ଗ୍ରାମ ବାସୀଙ୍କ ପାଇଁ ମାଗଣା ସ୍ୱାସ୍ଥ୍ୟ କେନ୍ଦ୍ର ବି ଖୋଲା ଯାଇଛି। ତତ୍ ସଙ୍ଗେ ସଙ୍ଗେ ଓଡ଼ିଶାର ପ୍ରଥମ ପ୍ରାକୃତିକ ସ୍ୱାସ୍ଥ୍ୟ କେନ୍ଦ୍ର ବି ଉପଲବ୍ଧ ଅଛି।

ଜନତାଙ୍କ ମାନସିକ ସ୍ୱାସ୍ଥ୍ୟର ବିକାଶ ପାଇଁ ସ୍ୱାମୀଜୀ ଆଧ୍ୟାତ୍ମିକ ଜ୍ଞାନ ସମ୍ବଳିତ ଅନେକ ପୁସ୍ତକ ରଚନା କରି ବିଶ୍ୱ ସ୍ତରରେ ଏକ ଆନ୍ଦୋଳନ ସୃଷ୍ଟି କରି ପାରିଛନ୍ତି। ବିଶ୍ୱର ଅନେକ ଦେଶ ଭ୍ରମଣ କରି ଅବିରାମ ଭାବେ ଭାରତୀୟ ଦର୍ଶନର ପ୍ରଚାର କରି ଚାଲିଛନ୍ତି। ରବିବାରସନ୍ଧ୍ୟା ପ୍ରବଚନରେ ସ୍ୱାମୀଜୀ ସ୍ୱରଚିତ ପୁସ୍ତକ 'ଈଶା ବାସ୍ୟ ଉପନିଷଦ' ଉପରେ ଆଲୋକପାତ କରିଥିଲେ। ଭାରତର ଅନେକ ପ୍ରମୁଖ ଦର୍ଶନ ମଧ୍ୟରେ ଈଶା ବାସ୍ୟ ଉପନିଷଦର ଗୁରୁତ୍ୱ ଆଧ୍ୟାତ୍ମିକ ଦୃଷ୍ଟିରୁ ବିଶେଷ ହୋଇଥିବାରୁ ସ୍ୱାମୀଜୀ ଏହାର ବିଶଦ ଆଲୋଚନା କରିବା ପାଇଁ ସ୍ଥିର କରିଥିଲେ।

ଓଡ଼ିଆର ବିଭିନ୍ନ ସହରରେ ସ୍ୱାମୀଜୀଙ୍କ ତତ୍ତ୍ୱାବଧାନରେ ଅନେକ ଆଧ୍ୟାତ୍ମିକ ଉପାସନା କେନ୍ଦ୍ର ଖୋଲିଛି। ହଜାର ହଜାର ସଂଖ୍ୟାରେ ଜନତା ସ୍ୱାମୀ ଜୀଙ୍କ ଦିଗ୍ ଦର୍ଶନରେ ଅନୁପ୍ରାଣିତ ହୋଇଛନ୍ତି। ଏହାର ଝଲକ ଦେଖିବାକୁ ମିଳିଥିଲା ରବିବାର ସନ୍ଧ୍ୟାରେ ଆୟୋଜିତ ସ୍ୱାମୀଜୀଙ୍କ ପ୍ରବଚନ ସ୍ଥଳୀର ଜନ ଗହଳିରୁ।

## ପ୍ରଥମ ପୃଷ୍ଠାରୁ...

### ମହୋଦଧିରେ ପାପ...

ପ୍ରାର୍ଥନା କରିଥିଲେ। ସେଠାରୁ ସିଧାସଳଖ ତୀର୍ଥ ରାଜ ମହୋଦଧିକୁ ଯାଇ ସ୍ନାନ କରିବା ପରେ ପାପରୁ ମୋକ୍ଷ ପ୍ରାପ୍ତି ପାଇଁ ଶରଣାପନ୍ନ ହୋଇଛନ୍ତି ମହାପ୍ରଭୁଙ୍କ ପାଖରେ।

କଂସ ବଦ୍ଧ ସହ ଶଷ ହୋଇଛି ବରଗଡର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା। ତେବେ ଧନୁଯାତ୍ରା ଶେଷ ହୋଇଥିଲେ ମଧ୍ୟ ଧନୁଯାତ୍ରାର ପରମ୍ପରା ସରି ନାହିଁ। କାରଣ କଂସ ମହାରାଜ ଏବେ ଶ୍ରୀକ୍ଷେତ୍ରରେ ନିଜ ପାପର ପ୍ରାୟଶ୍ଚିତ କରିବା ପାଇଁ ଆସିଛନ୍ତି ଶ୍ରୀଜିଉଙ୍କ ଉଦ୍ଦେଶ୍ୟରେ। ଯାତ୍ରା ସମୟରେ ପ୍ରଭୁ ଶ୍ରୀକୃଷ୍ଣଙ୍କ ଉଦ୍ଦେଶ୍ୟରେ କଟୁ ବାକ୍ୟ ପ୍ରୟୋଗ କରିଥିବାରୁ ଏବେ ମହାପ୍ରଭୁଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିଛନ୍ତି। ଏଥିପାଇଁ କଂସ ଭୂମିକାରେ ଅଭିନୟ କରିଥିବା ସୁଶୀଲ ମେହେର ପ୍ରଥମେ ପୁରୀ ଗୋବର୍ଦ୍ଧନ ପୀଠରେ ପହଞ୍ଚିଥିଲେ। ସେଠାରେ ଜଗଦଗୁରୁ ଶଙ୍କରାଚାର୍ଯ୍ୟଙ୍କୁ ସାକ୍ଷାତ କରି କ୍ଷମାପ୍ରାର୍ଥନା କରିଥିଲେ। ପ୍ରଭୁ ଶ୍ରୀକୃଷ୍ଣଙ୍କ ପ୍ରତି ସମସ୍ତଙ୍କର ଭକ୍ତି ଏବଂ ଭଲପାଇବା ରହିବା ଆବଶ୍ୟକ ବୋଲି ପରାମର୍ଶ ଦେଇଥିଲେ ଶଙ୍କରାଚାର୍ଯ୍ୟ। ପରେ ମହୋଦଧିରେ ସ୍ନାନ କରି ସୂର୍ଯ୍ୟପୂଜା କରିବା ପରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ପୂଜାର୍ଚ୍ଚନା କରି ମହାପ୍ରଭୁଙ୍କ ଶରଣାପନ୍ନ ହୋଇଛନ୍ତି।

ବିଶ୍ୱାସ ରହିଛି ତୀର୍ଥରାଜ ମହୋଦଧିରେ ସ୍ନାନ କଲେ ସବୁ ପାପରୁ ମୋକ୍ଷ ମିଳିଥାଏ। ଅନ୍ୟପକ୍ଷରେ ମହାପ୍ରଭୁ ଶ୍ରୀଜଗନ୍ନାଥ କୃଷ୍ଣଙ୍କର ଅବତାର ହୋଇଥିବାରୁ କଂସ ମହାରାଜ ପ୍ରତିବର୍ଷ ପୁରୀକୁ ଆସି ପ୍ରାୟଶ୍ଚିତ କରିବାର ପରମ୍ପରା ରହିଛି। ଏଣୁ କଂସ ମହାରାଜ ପୁରୀ ଆସି ମହାପ୍ରଭୁଙ୍କ ଶରଣାପନ୍ନ ହୋଇଥିଲେ। ଶ୍ରୀଜିଉଙ୍କୁ କ୍ଷମା ପ୍ରାର୍ଥନା କରିବା ସହ ଶ୍ରୀମନ୍ଦିରରେ ମହାପ୍ରସାଦ ସେବନ କରି ନିଜକୁ ଭାଗ୍ୟବାନ ମନେ କରିଛନ୍ତି। ତେବେ ଯୁବ ସମାଜ ନିଜ ପିତା-ମାତାଙ୍କୁ ସମ୍ମାନ ଦେବା ସହ ସେମାନଙ୍କୁ ବୃଦ୍ଧ ଅବସ୍ଥାରେ ଘରେ ରଖିବାକୁ ପରାମର୍ଶ ଦେଇଛନ୍ତି। ବୃଦ୍ଧ କାଳରେ ପିତାମାତାଙ୍କ ସେବା କରିବା ସହ ସେମାନଙ୍କୁ କୌଣସି ବୃଦ୍ଧାଶ୍ରମକୁ ଛାଡ଼ନ୍ତୁ ନାହିଁ ବୋଲି କଂସ ମହାରାଜ ବାର୍ତ୍ତା ଦେଇଛନ୍ତି।

### ଦୁର୍ଘଟଣାରେ...

ଏହି ଦୁର୍ଘଟଣା ଘଟଛି। ଟ୍ରକରେ ପାଉଁଶ ଥିଲା। ଏହି ଟ୍ରକ୍‌ଟି ଜାତୀୟ ରାଜପଥ କଡରେ ଛିଡା ହୋଇଥିଲା। ଅପରାହ୍ଣ ପ୍ରାୟ ୪ଟାରେ ଏକ ଦ୍ରୁତଗାମୀ କାର ସମ୍ବଲପୁର ସହର ଭିତରୁ ମାନେଶ୍ୱର ଅଭିମୁଖେ ଯାଉଥିଲା। କାରର ଚାଳକ ଭାରସାମ୍ୟ ହରାଇଥିଲେ। ସେ ଆଗରେ ଛିଡା ହୋଇଥିବା ପାଉଁଶ ବୋଝେଇ ଟ୍ରକ୍‌କୁ ଧକ୍କା ଦେଇଥିଲେ। ଫଳରେ କାରଟି ଚୁରମାର ହୋଇଯାଇଥିଲା। କାର ଭିତରେ ଥିବା ଲୋକମାନେ ଚାପି ହୋଇଯାଇଥିଲେ।

ଅନୁଗୁଳ ବଉଳିଗଡ଼ ନିକଟରେ ରବିବାର ସନ୍ଧ୍ୟାରେ ମଧ୍ୟ ଅନୁରୂପ ଅଘଟଣ ଘଟିଛି। ଅଜଣା ଗାଡି ଧକ୍କାରେ ଦୁଇ ସାଙ୍ଗଙ୍କ ଜୀବନ ଯାଇଛି। ସମସ୍ତଙ୍କୁ ଅନୁଗୁଳ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣା ଯାଇଛି। ସୂଚନା ମୁତାବକ ବଉଳିଗଡ-ଆମନା ନିକଟରେ ବାଇକ୍ ଦୁର୍ଘଟଣାରେ ଦୁଇ ସାଙ୍ଗଙ୍କ ମୃତ୍ୟୁ ହୋଇଛି।

ମୃତକ ହେଲେ କଲଣ୍ଡା ଗାଁର ୩୮ ବର୍ଷୀୟ ଶାନ୍ତନୁ ବେହେରା ଓ ଆମନା ଗାଁର ୩୨ ବର୍ଷୀୟ ଅନୀଲ ପ୍ରଧାନ। ଦୁଇ ସାଙ୍ଗ ତାଳଚେର ଅଞ୍ଚଳରେ ଗାଡି ଚାଳକ ଭାବରେ କାମ କରୁଥିଲେ। ସେମାନେ କାମ ସାରି ବାଇକରେ ଘରକୁ ଫେରୁଥିବାବେଳେ ବାଟରେ ତାଙ୍କୁ ଅଜଣା ଗାଡି ଧକ୍କା ଦେଇଥିଲା।

### ତୁରନ୍ତ ଭେନେଜୁଏଲାର...

ଉକ୍ତ ଘଟଣାକୁ ନେଇ ସାରା ଦୁନିଆରେ ଅଲଗା ଅଲଗା ଉପାୟରେ ପ୍ରତିକ୍ରିୟା ଆସୁଛି। ଅନେକ ଦେଶ ଏହି ଘଟଣାକୁ ସମାଲୋଚନା କରିଛନ୍ତି। ମାଦୁରୋଙ୍କ ସହ ତାଙ୍କର ପତ୍ନୀଙ୍କୁ ମଧ୍ୟ ଗିରଫ କରାଯାଇଛି। ଆମେରିକା ମାଦୁରୋଙ୍କ ଉପରେ ଡ୍ରଗ୍ ତସ୍କରୀର ମଧ୍ୟ ଅଭିଯୋଗ ଲଗାଇଛି।

Printed & Published by Gyanaranjan Behera on behalf of Radhakrushna Publications Pvt. Ltd., Published from Room No.211, 2nd Floor, Block-A, Bharati Tower, Forest Park, Bhubaneswar-751009 & Printed at Ricky Promotors, Plot No.-6709, M.I.E. Rasulgarh, Bhubaneswar-751010, Mob.: 8895483474/9583706460

Editor : Ambika Prasad Das ସମ୍ପାଦକ : ଅମ୍ବିକା ପ୍ରସାଦ ଦାସ | Chief Editor : Umapada Bose ମୁଖ୍ୟ ସମ୍ପାଦକ : ଉମାପଦ ବୋଷ